DHARITRI

ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧୬/୨୦୨୦ (୧୨ପୃଷ୍ଠା) | Sambalpur, Wednesday, September 16/2020 | ★★

୧୬ଶ ଭାଗ ୨୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





## ଆଣ୍ଡି ମୁରେଙ୍କୁ ୱାଇଲ୍ଡ କାର୍ଡ

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ବ୍ରିଟେନର ଆଣ୍ଡି ମୁରେଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି।

୧୨ | ୦୨

## ଏକ୍ସେଣ୍ଟ୍ରିକରେ ଦୀପିକା

ତାମିଲ ନିର୍ଦ୍ଦେଶକ ଅଟଲେ କୁମାରଙ୍କ ଫିଲ୍ମରେ ଦୀପିକା ପାଦୁକୋନ ନଜର୍ ଆସିବେ। ଏହି ଚଳଚ୍ଚିତ୍ରର ନାମ 'ଏକ୍ସେଣ୍ଟ୍ରିକ' ରଖାଯାଇଛି।



# ଜିଏସ୍‌ଟି: ଠକିଲେ ଜେଲ, ଜରିମାନା

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ଯଦି କୌଣସି ବ୍ୟକ୍ତି ବିନା ଇନ୍ ଭଏସ୍‌ରେ ଦ୍ରବ୍ୟ ଓ ସେବା ଯୋଗାଉଥିବେ କିମ୍ବା ଇନ୍‌ପୁଟ ଟିକସ କ୍ରେଡିଟ୍ ଗ୍ରହଣ ଓ ବିନିଯୋଗ କରୁଥିବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ପରିମାଣର ଟିକସ ଠକି ଥିବେ ସେହି ପରିମାଣର ଜରିମାନା ରାଶି ପ୍ରଦାନ କରିବାକୁ ହେବ। ଏଥିସହିତ ଜରିମାନା ନ ଦେଲେ ଏହାକୁ ଅପରାଧ ଭାବେ ବିବେଚନା କରାଯାଇ ଜେଲଦଣ୍ଡର ମଧ୍ୟ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର ଜିଏସ୍‌ଟି ଅଧିନିୟମ-୨୦୧୭ର ଧାରା ୧୭୨,୧୬୮ ଓ ୧୪୦କୁ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ (ସଂଶୋଧନ) କରିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

### କ୍ୟାବିନେଟ ନିଷ୍ପତ୍ତି

- ଜିଏସ୍‌ଟି ଆଇନ ସଂଶୋଧନକୁ କ୍ୟାବିନେଟ ମୋହର
- ୪ ପ୍ରସ୍ତାବକୁ ମଞ୍ଜୁରୀ



ଦ୍ରବ୍ୟ ଓ ସେବା କର ପରିଷଦର ସୁପାରିସ କ୍ରମେ କେନ୍ଦ୍ର ସରକାର ୨୦୨୦ ମାର୍ଚ୍ଚ ୨୭ରେ ଫାଇନାନ୍ସ ଆକ୍ଟ-୨୦୨୦ ଏବଂ ମାର୍ଚ୍ଚ ୩୧ରେ ଟିକସ ଅଧ୍ୟାଦେଶ ଜରିଆରେ କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଅଧିନିୟମ-୨୦୧୭ର କେତେକ ଧାରାରେ ସଂଶୋଧନ କରିଛନ୍ତି। ସେହି ଅନୁସାରେ ରାଜ୍ୟ ସରକାର ଜିଏସ୍‌ଟି ଅଧିନିୟମ-୨୦୧୭ର ଧାରା ୧୭୨,୧୬୮ ଓ ୧୪୦କୁ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକ (ସଂଶୋଧନ) ଅଧ୍ୟାଦେଶ(୫)-୨୦୨୦ ଏବଂ ଜିଏସ୍‌ଟି (ଦ୍ୱିତୀୟ ସଂଶୋଧନ) ଅଧ୍ୟାଦେଶ(୬)-୨୦୨୦ ଜାରି କରି ସଂଶୋଧିତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ଲୋକସେବା ଭବନରେ ଭିଡିଓ କନ୍‌ଫରେନ୍ସ ଜରିଆରେ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ଆଇନ ସଂଶୋଧନ ପରେ ଜିଏସ୍‌ଟି କାର୍ଯ୍ୟକୁ ଅଧିକାରୀମାନେ ସୁଚାରୁରୂପେ ତୁଲାଇବା ସହ ପଞ୍ଜୀକୃତ ☞ପୃଷ୍ଠା-୪

## ପେଟ୍ରୋଲ ୧୭, ଡିଜେଲ ୨୪ ପଇସା କମିଲା



ଭୁବନେଶ୍ୱର, ୧୫।୯: ୨ ଦିନ ହେଲା ପେଟ୍ରୋଲ ଏବଂ ଡିଜେଲ ଦର ହ୍ରାସ ଘଟିଛି। ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ୧୭ ପଇସା ହ୍ରାସ ଘଟି ଦର ୮୨.୧୦ ରହିଛି। ସେହିଭଳି ଡିଜେଲ ଦର ୨୪ ପଇସା ଖସି ୭୮.୯୪ ଟଙ୍କା ରହିଛି। ଭୁବନେଶ୍ୱରରେ ଇନ୍ଧନ ଦର ନୂଆଦିଲ୍ଲୀଠାରୁ ଉଚ୍ଚରେ ରହିଛି। ସୂଚନାଯୋଗ୍ୟ, ସୋମବାର ପେଟ୍ରୋଲ ୧୪ ପଇସା ଏବଂ ଡିଜେଲ ୧୭ ପଇସା କମିଥିଲା। ମେଟ୍ରୋ ସହରଗୁଡ଼ିକରେ ପେଟ୍ରୋଲ ୧୫ରୁ ୧୭ ପଇସା ଏବଂ ଡିଜେଲ ୨୧ରୁ ୨୪ ପଇସା ଲେଖାଏ ହ୍ରାସ ହୋଇଛି। ନୂଆଦିଲ୍ଲୀ, ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ମଙ୍ଗଳବାର ଯଥାକ୍ରମେ ୮୧.୫୫ ଟଙ୍କା, ୮୪.୫୭ ଟଙ୍କା, ୮୩.୦୬ ଟଙ୍କା ଏବଂ ୮୮.୨୧ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ ପକ୍ଷରୁ ସୂଚନା ରହିଛି।

### ଆଜିର ମନ୍ତବ୍ୟ

"ନିଅଣ୍ଟିଆ ଜିଏସ୍‌ଟି ଭରଣା କରିବା ଲାଗି ଦିଆଯାଇଥିବା ଋଣ ବିକଳ୍ପକୁ କେତେକ ରାଜ୍ୟ ବିରୋଧ କରୁଛନ୍ତି।

– ଅନୁରାଗ ଠାକୁର, ଅର୍ଥ ରାଷ୍ଟ୍ରମନ୍ତ୍ରୀ

# ଅଟୋ କମ୍ପାନୀଙ୍କୁ ବାଧକ ଅତ୍ୟଧିକ ଟିକସ

## ଭାରତରେ ଯୋଜନା ସ୍ଥଗିତ ରଖିଲା ଟୟୋଟା

ନୂଆଦିଲ୍ଲୀ,୧୫।୯

ଭାରତରେ ଲାଗୁ ହେଉଥିବା ଅତ୍ୟଧିକ ଟିକସ ବ୍ୟବସ୍ଥା ଅଟୋମୋବାଇଲ କମ୍ପାନୀଗୁଡ଼ିକ ଲାଗି ଅସହ୍ୟ ହେଉଛି। ଫଳରେ କମ୍ପାନୀ ଗୁଡ଼ିକ ସେମାନଙ୍କ ଯୋଜନାକୁ ଆଗକୁ ବଢ଼ାଇବା ଲାଗି ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ଦେଖାଯାଉଛି। ଟୟୋଟା ମୋଟର କର୍ପୋରେଶନର ସମ୍ପ୍ରସାରଣରେ ଏହା ବାଧା ସୃଷ୍ଟି କରିଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ଭାରତରେ ଏହାର ସମ୍ପ୍ରସାରଣ ଯୋଜନାକୁ ବାଦ୍ ଦେଇଥିବା ମଙ୍ଗଳବାର ଜଣାପଡ଼ିଛି। କରୋନା ମହାମାରୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ବିଦେଶୀ କମ୍ପାନୀକୁ ଆକର୍ଷିତ ଉଦ୍ଦେଶ୍ୟରେ ନେଇଥିବା ପଦକ୍ଷେପକୁ ଏହା ଏକ ଶକ୍ତ ଧକ୍କା ପହଞ୍ଚିଛି।

ଟୟୋଟାର ସ୍ଥାନୀୟ ୟୁନିଟ୍ ଟୟୋଟା କିର୍ଲୋସ୍କର ମୋଟରର ଉପାଧ୍ୟକ୍ଷ ଶେଖର ବିଶ୍ୱନାଥନ କହିଛନ୍ତି, କାର୍ ଓ ମୋଟର ବାଇକ ଉପରେ ଧାର୍ଯ୍ୟ କରାଯାଇଥିବା କର ଅତ୍ୟଧିକ ହୋଇଥିବାରୁ କମ୍ପାନୀଗୁଡ଼ିକ ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବାରେ ଅନିଚ୍ଛା ପ୍ରକାଶ କରୁଛନ୍ତି। ପରିବର୍ତ୍ତିତ ଅଧିକ ଟିକସ ଯୋଗୁ ଅନେକ ଉପଭୋକ୍ତା କାର କିଣିବାକୁ ଅମଙ୍ଗ ହେଉଛନ୍ତି। ଫଳରେ କାରଖାନାଗୁଡ଼ିକ ସମସ୍ୟା ଘେରକୁ ଚାଲିଯାଉଥିବାରୁ ନୂଆ ନିଯୁକ୍ତି ସୃଷ୍ଟି ହୋଇପାରୁନାହିଁ। ଏକ ସାକ୍ଷାତ୍କାରରେ ସେ ସ୍ପଷ୍ଟ କରିଛନ୍ତି ଯେ, ☞ପୃଷ୍ଠା-୪

ଗୁରୁତର ନ ଥିଲେ କୋଭିଡ୍ ରୋଗୀଙ୍କୁ କଟକ, ଭୁବନେଶ୍ୱର ପଠାଅ ନାହିଁ

ସ୍ତ୍ରୀ ଆଗରେ ଆଖିବୁଜିଲେ ସ୍ୱାମୀ

୩




INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

ADMISSION NOTICE 2020-21

IMBA

INTEGRATED MASTER OF BUSINESS ADMINISTRATION
(Affiliated to Utkal University)

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into IMBA 5 years programme for the session 2020-21. The Application Form is available in Institute's website www.iedodisha.nic.in. Interested candidates can also collect the Application Form personally from IED Odisha on payment of ₹ 500/- (₹ 200/- for SC/ST/PH Candidates) cash or DD in favour of IED ODISHA IMBA, payable at Bhubaneswar.

| | |
|---|---|
| Last date for submission of IMBA Application form with all relevant documents and fees: | 19-09-2020 |
| Commencement of Admission into IMBA 1st Semester and 7th Semester at IED Odisha | 24-09-2020 |


Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 9437163828, 7978120939



# ମୁକାବିଲା ପାଇଁ ଭାରତ ପ୍ରସ୍ତୁତ: ରାଜନାଥ

**ନୂଆଦିଲ୍ଲୀ,୧୫।୯(ପି.ଟି.)**

## ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗରେ ଲୋକ ସଭାରେ ବିବୃତି ରଖିଲେ ପ୍ରତିରକ୍ଷା ମନ୍ତ୍ରୀ



ମୌସୁମୀ ଅଧିବେଶନର ୨ୟ ଦିନରେ ଲୋକ ସଭାରେ ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିଜର ବିବୃତି ରଖିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦର ସମାଧାନ ହୋଇପାରିନାହିଁ। ସୀମା ବିବାଦ ଏକ ଜଟିଳ ପ୍ରସଙ୍ଗ ହୋଇଥିବାବେଳେ ଏହାକୁ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ କରାଯିବା ଆବଶ୍ୟକ। ତେବେ ଚାଇନାର ଉଦ୍ଦେଶ୍ୟକୁ ସାକାର କରାଇ ଦିଆଯିବ ନାହିଁ। ଏପ୍ରିଲରେ ପୂର୍ବ ଲଦାଖରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ଗତ ଜୁନ୍ ୧୫ ରେ ଗଲ୍‌ୱାନରେ ସଂଘର୍ଷ ଘଟିଥିଲା। ଆମ ଯବାନ ଏହାର କଡ଼ା ଜବାବ ଦେଇଥିଲେ। ଚାଇନା ଅଧିକ ସୈନ୍ୟ ନିୟୋଜିତ କରିଥିଲା, ହେଲେ ତା'ର ଉଦ୍ଦେଶ୍ୟ ଭଣ୍ଡୁର ହୋଇଥିଲା। ଅବଶ୍ୟ ଏଥିରେ ଉଭୟଙ୍କୁ କ୍ଷତି ସହିବାକୁ ପଡ଼ିଲା। ଏଲ୍‌ଏସିରେ ଚାଇନାର ଏକତରଫା ପଦକ୍ଷେପକୁ ଭାରତ ସବୁବେଳେ ନିନ୍ଦା କରିଆସିଛି। ଚାଇନାର ହିଂସା ଆଚରଣ ପୂର୍ବ ଶାନ୍ତିଚୁକ୍ତିର ଉଲ୍ଲଂଘନ କରୁଛି। ତେବେ ସମସ୍ତ ପ୍ରକାର ମୁକାବିଲା ପାଇଁ ଭାରତ ପ୍ରସ୍ତୁତ ରହିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୃହରେ ପ୍ରକାଶ କରିଛନ୍ତି। ଏଲ୍‌ଏସିର ରୂପରେଖ ବଦଳାଇବା ପାଇଁ ଚାଇନା ଚେଷ୍ଟା ଚଳାଇଛି। ହେଲେ ଆମେ ସବୁ ପ୍ରକାର ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ। ଭାରତୀୟ ଯବାନମାନେ ସବୁ ପରିସ୍ଥିତିକୁ ସାମ୍ନା କରିବା ସହ ଦେଶବାସୀଙ୍କୁ ସୁରକ୍ଷା ମଧ୍ୟ ଦେଇଛନ୍ତି। ଗତ କିଛି ମାସ ଧରି ପୂର୍ବ ଲଦାଖରେ ଉତ୍ତେଜନା ଲାଗି ରହିଛି। ଦୁଇ ଦେଶର ସେନାସ୍ତରରେ କଥାବାର୍ତ୍ତା ମଧ୍ୟ ଚାଲିଛି। ହେଲେ କୌଣସି ପ୍ରକାର ପରିସ୍ଥିତିର ସମାଧାନ ହୋଇପାରିନାହିଁ। ସରକାର ଏନେଇ ବିବୃତି ରଖିବାକୁ ବିରୋଧୀ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜନାଥ ମଙ୍ଗଳବାର ଲୋକ ସଭାରେ ବିବୃତି ରଖିଛନ୍ତି। ଚାଇନା ଏଲ୍‌ଏସି ଏବଂ ଆଭ୍ୟନ୍ତରୀଣ ଅଞ୍ଚଳରେ ବହୁ ସଂଖ୍ୟକ ସେନା ଓ ଅସ୍ତ୍ରଶସ୍ତ୍ର ମୁତୟନ କରିଛି। ପୂର୍ବ ଲଦାଖ, ଗୋଗ୍ରା, ପାଙ୍ଗଙ୍ଗ ହ୍ରଦର ଉତ୍ତର ଏବଂ ଦକ୍ଷିଣ କୂଳରେ ଅନେକ ସଂଘର୍ଷ ମଧ୍ୟ ସୃଷ୍ଟି ହୋଇଛି। ଭାରତୀୟ ଯବାନ ଏହି ଅଞ୍ଚଳରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରିଛି। ଆମେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି ରାଜନାଥ କହିଛନ୍ତି। ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ରକ୍ଷା କରିବାକୁ ସୀମାରେ ଜଗି ରହିଥିବା ଆମର ସଶସ୍ତ୍ର ବାହିନୀ ସହିତ ଆମେ କାନ୍ଧରେ କାନ୍ଧ ମିଳାଇ ଛିଡ଼ା ହୋଇଛୁ ବୋଲି ଗୃହରେ ଏକ ସଂକଳ୍ପ ପାରିତ କରିବାକୁ ରାଜନାଥ ଅନୁରୋଧ କରିଛନ୍ତି। କିଛି ଦିନ ତଳେ ରୁଷିଆର ମସ୍କୋଠାରେ ସାଂଘାଇ ସହଯୋଗ ସଂଗଠନ ବୈଠକରେ ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗ ଉଠିଥିଲା। ଉଭୟ ଦେଶର ପ୍ରତିରକ୍ଷା ମନ୍ତ୍ରୀଙ୍କୁ ନେଇ କଥାବାର୍ତ୍ତା ବି ହୋଇଥିଲା। କୂଟନୈତିକ ସ୍ତରରେ ଏହାକୁ ସମାଧାନ କରାଯିବାକୁ ମଧ୍ୟ ପ୍ରୟାସ ଜାରି ରହିଛି। ଏପରି କି ବୈଦେଶିକ ମନ୍ତ୍ରୀ ସ୍ତରରେ ମଧ୍ୟ ଆଲୋଚନା ହୋଇ ପଞ୍ଚସୂତ୍ରୀ ସମାଧାନର ବାଟ ବାହାରିଥିଲା। ହେଲେ ଏଯାବତ୍ କୌଣସି ସୁଫଳ ମିଳି ପାରି ନ ଥିବା ରାଜନାଥ କହିଛନ୍ତି।

ଚାଇନା ସହ ଲଦାଖରେ ଲାଗି ରହିଥିବା ମୁହାଁମୁହିଁ ସ୍ଥିତିକୁ ନେଇ ରାଜନାଥ କହିଛନ୍ତି ଯେ, ଚାଇନା ଲଦାଖରେ ପ୍ରାୟ ୩୮ହଜାର ବର୍ଗ କିଲୋମିଟର ଅଞ୍ଚଳକୁ ବେଆଇନ ଭାବେ ନିଜ ଦଖଲରେ ରଖିଛି। ପାକ୍ ଅଧିକୃତ କଶ୍ମୀର(ପିଓକେ)ର ପ୍ରାୟ ୫,୧୮୦ବର୍ଗ କିମି ଅଞ୍ଚଳ ପାକିସ୍ତାନ ଚାଇନା ହାତକୁ ଟେକି ଦେଇଛି ବୋଲି ରାଜନାଥ ଲୋକ ସଭାରେ ତଥ୍ୟ ରଖିଛନ୍ତି। ୧୯୬୩ରେ ସୀମା ଚୁକ୍ତି ଅଧାରରେ ପାକିସ୍ତାନ ବେଆଇନଭାବେ ଏହି ବିବାଦୀୟ ୫,୧୮୦ବର୍ଗ କିମି ଅଞ୍ଚଳକୁ ଚାଇନାକୁ ଟେକି ଦେଇଛି। ଅତୀତରେ ଆମର ଚାଇନା ସହିତ ସୀମାନ୍ତ ଅଞ୍ଚଳରେ ଦୀର୍ଘଦିନର ମୁହାଁମୁହିଁ ପରିସ୍ଥିତି ରହିଥିଲା। ଯାହା ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ ହୋଇଥିଲା। ଯଦିଓ ଏବେ ପରିସ୍ଥିତି ଭିନ୍ନ ରହିଛି ତଥାପି ଆମେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ପ୍ରତିବଦ୍ଧ ଅଟୁ ବୋଲି ରାଜନାଥ କହିଛନ୍ତି। ଆଗକୁ ଶୀତଦିନ ଆସୁଥିବାରୁ ଭାରତ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିଛି। ଯବାନମାନଙ୍କୁ ଉପଯୁକ୍ତ ପୋଷାକ, ବାସସ୍ଥାନ ଏବଂ ଆବଶ୍ୟକ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଦିଆଯାଉଛି। କମ୍ ଅମ୍ଳଜାନ, ଅତ୍ୟଧିକ ଥଣ୍ଡା ସହ ପର୍ବତ ଶିଖରରେ ଲଢ଼ିବାକୁ ଆମ ଯବାନ ପ୍ରସ୍ତୁତ ଅଛନ୍ତି। ଯାହାକି ଅତୀତରେ ସିଆଚେନ୍ ଗ୍ଲାସିୟର ଏବଂ କାର୍ଗିଲ ଯୁଦ୍ଧରେ ପ୍ରମାଣିତ ହୋଇ ସାରିଛି ବୋଲି ରାଜନାଥ କହିଛନ୍ତି।

# କିଛି ଲୋକଙ୍କ ପାଇଁ ଫିଲ୍ମ ଇଣ୍ଡଷ୍ଟ୍ରିର ଛବି ଖରାପ କରାଯାଇପାରିବ ନାହିଁ: ଜୟା

**ନୂଆଦିଲ୍ଲୀ,୧୫।୯(ପି.ଟି.)**



ଜୟା ବଚ୍ଚନ

ଲୋକ ସଭାରେ ଏମ୍‌ପି ତଥା ଅଭିନେତା ରବି କିଶନ ସୋମବାର ଫିଲ୍ମ ଇଣ୍ଡଷ୍ଟ୍ରି ବିରୋଧରେ ଦେଇଥିବା ମନ୍ତବ୍ୟକୁ କଡ଼ା ବିରୋଧ କରିଛନ୍ତି ରାଜ୍ୟ ସଭା ଏମ୍‌ପି ଜୟା ବଚ୍ଚନ। ମଙ୍ଗଳବାର ରାଜ୍ୟ ସଭା ଅଧିବେଶନରେ ଜୟା ଭାଜପା ଏମ୍‌ପି ରବି କିଶନଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ଯେଉଁ ଥାଳିରେ ଖାଉଛ, ସେହି ଥାଳିରେ କଣା କରୁଛ ବୋଲି କହିଛନ୍ତି। ଏପରି କି ସେ ଅଭିନେତ୍ରୀ କଙ୍ଗନା ରାଣାୱତଙ୍କୁ ମଧ୍ୟ ପରୋକ୍ଷରେ ସମାଲୋଚନା କରିବାକୁ ପଛାଇନାହାନ୍ତି। ଜୟା କହିଛନ୍ତି ଯେ, ଅଳ୍ପ କେତେକ ଲୋକଙ୍କ ପାଇଁ ସମଗ୍ର ଫିଲ୍ମ ଇଣ୍ଡଷ୍ଟ୍ରିର ଛବି ଖରାପ ବୋଲି କହିବା ଠିକ୍ ନୁହେଁ। ମୁଁ ନିଜେ ଏହି ଇଣ୍ଡଷ୍ଟ୍ରିରୁ ଅନ୍ତର୍ଜାତୀୟ ଖ୍ୟାତି ଏବଂ ପରିଚୟ ହାସଲ କରିଛି। ନିଜକୁ ଲଜ୍ଜିତ ଲାଗୁଛି ଯେ, ସୋମବାର ଜଣେ ଏମ୍‌ପି ଯିଏକି ଫିଲ୍ମ ଇଣ୍ଡଷ୍ଟ୍ରିରୁ ମଧ୍ୟ ଆସିଛନ୍ତି, ସେ ଇଣ୍ଡଷ୍ଟ୍ରି ବିରୋଧରେ ମନ୍ତବ୍ୟ ଦେଉଛନ୍ତି। ଯାହାକି ଅତ୍ୟନ୍ତ ଖରାପ କଥା। ଏଭଳି ଏକ ସମୟରେ ଫିଲ୍ମ ଇଣ୍ଡଷ୍ଟ୍ରି ସରକାରଙ୍କଠାରୁ ସୁରକ୍ଷା ଚାହୁଁଛି। ସରକାରଙ୍କୁ ସାହାଯ୍ୟ କରିବା ଲାଗି ଫିଲ୍ମ ଇଣ୍ଡଷ୍ଟ୍ରି ଆଗକୁ ଆସିଛି। ଯେତେବେଳେ ସରକାର କିଛି ଭଲ କାମ କରିଛନ୍ତି ସେତେବେଳେ ଇଣ୍ଡଷ୍ଟ୍ରି ଆଗକୁ ଆସି ସମର୍ଥନ ଜଣାଇଛି। ଏପରି କି କୌଣସି ଜାତୀୟ ବିପତ୍ତି ସମୟରେ କଳାକାରମାନେ ଆଗକୁ ଆସି ଆର୍ଥିକ ସହାୟତା ମଧ୍ୟ କରିଛନ୍ତି। ତେଣୁ ଫିଲ୍ମ ଇଣ୍ଡଷ୍ଟ୍ରିକୁ ସରକାର ଏବେ ସମର୍ଥନର ହାତ ବଢ଼ାଇବା ଆବଶ୍ୟକ ହୋଇପଡ଼ିଛି ବୋଲି ଜୟା କହିଛନ୍ତି।

ପ୍ରକାଶ ଯେ, ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ ବଲିଉଡରେ ନବାଗତ କଳାକାରଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଭେଦଭାବ ସମ୍ପର୍କରେ କଙ୍ଗନା ରାଣାୱତ ମୁହଁ ଖୋଲିଥିଲେ। ବହୁ ବରିଷ୍ଠ କଳାକାର, ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କ ନାମ ନେଇ ବର୍ଷିଥିଲେ। ପରେ ସେ ଇଣ୍ଡଷ୍ଟ୍ରିରେ ଡ୍ରଗ୍ସ କାରବାରରେ ଅନେକ କଳାକାରଙ୍କ ସମ୍ପୃକ୍ତି ଥିବା ପ୍ରକାଶ କରିଥିଲେ। ଯାହାକି ଅନେକଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। କଙ୍ଗନାଙ୍କ ଏହି କଥାକୁ ସୋମବାର ଲୋକ ସଭାରେ ଭାଜପା ଏମ୍‌ପି ରବି କିଶନ ଉଠାଇବା ସହ ଏହାର ତଦନ୍ତ ଦାବି କରିଥିଲେ। ଅନ୍ୟପକ୍ଷରେ କଙ୍ଗନା ମଧ୍ୟ ଜୟାଙ୍କ ଭାଷଣ ଉପରେ ପ୍ରତିକ୍ରିୟା ରଖିଛନ୍ତି। ସେ ଟୁଇଟରରେ ଲେଖିଛନ୍ତି ଯେ, ଯଦି ମୋ ସ୍ଥାନରେ ତୁମର ଝିଅ ଶ୍ୱେତାଙ୍କୁ କିଶୋର ଅବସ୍ଥାରେ ମାଡ଼ ଓ ଡ୍ରଗ୍ସ ନିର୍ଯାତନା ଦିଆଯାଇଥାନ୍ତା ତେବେ ତୁମେ କ'ଣ ସମାନ କଥା କହିଥାନ୍ତ ବୋଲି ଜୟାଙ୍କୁ କଙ୍ଗନା ପ୍ରଶ୍ନ କରିଛନ୍ତି। ତେଣୁ ସମସ୍ତଙ୍କ ପାଇଁ ଦୟା ଦେଖାନ୍ତୁ ବୋଲି କଙ୍ଗନା ଟୁଇଟରରେ ଉଲ୍ଲେଖ କରିଛନ୍ତି।

# କ୍ଲିନିକାଲ ଟ୍ରାଏଲ୍ ପର୍ଯ୍ୟାୟରେ ୩ ଟିକା

**ନୂଆଦିଲ୍ଲୀ, ୧୫।୯**

ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ପ୍ରାଣଘାତୀ ଭାଇରସ୍ ଦ୍ୱାରା ସର୍ବାଧିକ ପ୍ରଭାବିତ ଦେଶ ତାଲିକାରେ ଆମେରିକା ପଛକୁ ଭାରତ ୨ୟ ସ୍ଥାନରେ ରହିଛି। ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଇତିମଧ୍ୟରେ ୫୦ ଲକ୍ଷ ନିକଟତର ହୋଇଥିବାବେଳେ ୮୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ମହାମାରୀ ଦ୍ୱାରା ପ୍ରାଣ ହରାଇଲେଣି। ତେବେ ଇତିମଧ୍ୟରେ ଏକ ଖୁସି ଖବର ଆସି ପହଞ୍ଚିଛି। ଭାରତକୁ ଖୁବ୍ ଶୀଘ୍ର କରୋନା ଟିକା ମିଳିପାରିବ। ଦେଶରେ ସମ୍ପ୍ରତି ୩ଟି କୋଭିଡ୍-୧୯ ପ୍ରତିଷେଧକ ଟୀକା କ୍ଲିନିକାଲ ଟ୍ରାଏଲ୍ ପର୍ଯ୍ୟାୟରେ ରହିଛି।

ଏ ସମ୍ପର୍କରେ ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଇଣ୍ଡିଆନ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଡିଜି ବଲରାମ ଭାର୍ଗବ କହିଛନ୍ତି, କରୋନା ଭାଇରସ୍ (କୋଭିଡ୍-୧୯) ପ୍ରତିଷେଧକ ୩ଟି ଟିକା ଭାରତରେ କ୍ଲିନିକାଲ ଟ୍ରାଏଲ୍ ପର୍ଯ୍ୟାୟରେ ରହିଛି। ସେମାନଙ୍କ ମଧ୍ୟରୁ କ୍ୟାଡିଲା ଏବଂ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଟୀକା ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ଶେଷ କରି ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ପାଇଁ ପ୍ରସ୍ତୁତ ହେଉଛି। ସେହିଭଳି ସିରମ ଇନ୍‌ଷ୍ଟିଚ୍ୟୁଟ୍



ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ଦ୍ୱାରା ପ୍ରସ୍ତୁତ ଟିକା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ କରି କ୍ଲିୟରାନ୍ସ ପରେ ୩ୟ ପର୍ଯ୍ୟାୟ ପରୀକ୍ଷଣ ଆରମ୍ଭ କରିବା ଉପରେ ରହିଛି। ପୁନେଭିତ୍ତିକ ଏସ୍‌ଆଇଆଇ ଦେଶର ୧୪ଟି ସ୍ଥାନରେ ୧୫୦୦ ସ୍ୱେଚ୍ଛାସେବୀଙ୍କ ଉପରେ ୩ୟ ପର୍ଯ୍ୟାୟ ପରୀକ୍ଷା କରିବ ବୋଲି ଭାର୍ଗବ କହିଛନ୍ତି। ତେବେ ଟିକା ନିର୍ଦ୍ଦିଷ୍ଟ ଭାବେ କେବେ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହୋଇପାରିବ ସେ ସମ୍ବନ୍ଧରେ ଭାର୍ଗବ କିଛି ସୂଚନା ଦେଇନାହାନ୍ତି।

## ଲଦାଖରେ ଅପ୍ଟିକାଲ ଫାଇବର କେବୁଲ ବିଛାଉଛି ଚାଇନା

**ଲେହ, ୧୫।୯:** ଏଲ୍‌ଏସିରେ ଜାଣିଶୁଣି ଚାଇନା ଉତ୍ତେଜନା ସୃଷ୍ଟି କରୁଛି। ଲଦାଖରେ ଚାଇନା ଯୋଗାଯୋଗ ବ୍ୟବସ୍ଥା ବୃଦ୍ଧି ଲାଗି ଅପ୍ଟିକାଲ ଫାଇବର କେବୁଲ ବିଛାଉଛି। ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ପୋଙ୍ଗଙ୍ଗର ଦକ୍ଷିଣ ଅଞ୍ଚଳରେ ଚାଇନା ଏଭଳି କାର୍ଯ୍ୟ ଜାରି ରଖିଛି। ଏହାଦ୍ୱାରା ସାମରିକ ସୂଚନା ପ୍ରସାରଣରେ ସହଜ ହେବ ବୋଲି କୁହାଯାଉଛି। ଏହି ପ୍ରସଙ୍ଗରେ ରୟଟର୍ସର ପ୍ରଶ୍ନର ଉତ୍ତର ଚାଇନା ବିଦେଶମନ୍ତ୍ରୀ ଦେଇ ନ ଥିବା ନେଇ ଚର୍ଚ୍ଚା ହେଉଛି।

## ଫୁରସତ୍

# ଭାଷା ଉପରେ ବିପଦ

ସଂହତିର ମାର୍ଗ ପ୍ରଶସ୍ତ କରିଥାଏ ଭାଷା। କଥିତ ଭାଷାରୁ ମିଳିଥାଏ ଗୋଟିଏ ଅଞ୍ଚଳର ପରିଚୟ। ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ଏହା ହୋଇଥାଏ ବେଶ୍ ସହାୟକ। ତେବେ ଗତ କିଛି ଦଶନ୍ଧି ମଧ୍ୟରେ ହିନ୍ଦୀ, ଇଂଲିଶର ବହୁଳ ବ୍ୟବହାର ଆଞ୍ଚଳିକସ୍ତରରେ କଥିତ ଭାଷାକୁ ରୁଗ୍‌ଣ କରିଦେଲାଣି। ଏହି କାରଣରୁ ଭାରତରେ ବ୍ୟବହୃତ ଅନେକ ଭାଷା ବିଲୁପ୍ତ। ଆଦିବାସୀ ଏବଂ ବନ୍‌ଜାରା ସମ୍ପ୍ରଦାୟ ପାଖରେ ବଞ୍ଚି ରହିଥିବା ମୌଳିକ କଥିତ ଭାଷା ନିଜର ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଛି। ଏହାର ସଂରକ୍ଷଣ ଦିଗରେ ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ କଥିତ ଭାଷା ଇତିହାସ ପୃଷ୍ଠାରେ ସୀମିତ ହୋଇ ରହିଯିବ ବୋଲି ଭାଷାବିତ୍‌ମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

**ନୂଆଦିଲ୍ଲୀ:** ବହୁ ଭାଷାଭାଷୀଙ୍କ ଦେଶ ଭାରତ। ଏଠାକାର ପ୍ରତି ଅଞ୍ଚଳରେ ଭିନ୍ନ ଭିନ୍ନ ଭାଷାର ଲୋକ ବସବାସ କରନ୍ତି, ଯାହା ବିବିଧତା ମଧ୍ୟରେ ଏକତାକୁ ଦର୍ଶାଇଥାଏ। ତେବେ ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଥିବା ତଥ୍ୟ ବ୍ୟଥିତ କରିଦେବା ଭଳି। ଏଥିରେ ଉଲ୍ଲେଖ କରାଯାଇଛି, ଭାରତର ୪୨ କଥିତ ଭାଷା ସଙ୍କଟରେ। ଏହି ସବୁ ଭାଷାରେ କଥା ହେଉଥିବା ଲୋକଙ୍କ ସଂଖ୍ୟା ହଜାରେରୁ ବି କମ୍। ଭାରତୀୟ ମୂଳ ଆଦିବାସୀ ବ୍ୟବହାର କରୁଥିବା ଅନେକ ଭାଷା ବିଲୁପ୍ତ ହୋଇଗଲାଣି। ସଙ୍କଟମୟ ଅବସ୍ଥାରେ ଥିବା ଭାଷା ମଧ୍ୟରେ କେବଳ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପ ସମୂହର ୧୧ଟି ରହିଛି। ସେହିପରି ଓଡ଼ିଶା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଉତ୍ତରାଖଣ୍ଡ, ଆସାମ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ମେଘାଳୟ, ପଶ୍ଚିମବଙ୍ଗ ଭଳି ରାଜ୍ୟରେ ପୂର୍ବରୁ ବ୍ୟବହୃତ ଅନେକ ଭାଷା ଆଉ ଶୁଣିବାକୁ ମିଳୁନାହିଁ।

ଗତ ୫୦ ବର୍ଷ ମଧ୍ୟରେ ଭାରତର ବିଭିନ୍ନ ପ୍ରାନ୍ତରେ ବ୍ୟବହାର କରାଯାଉଥିବା ୨୦% ଭାଷା ବିଲୁପ୍ତ ହୋଇଯାଇଛି। ଭାଷା ବିଲୁପ୍ତ ଦେଶ ତାଲିକାରେ ରୁଷ, ଆମେରିକା ପଛକୁ ଭାରତ ତୃତୀୟ ସ୍ଥାନରେ ରହିଛି। ୧୯୬୧ ଜନଗଣନା ତଥ୍ୟରେ ଭାରତରେ ୧୬୫୨ଟି ମାତୃଭାଷା ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ୧୧୦୦ ବୋଲି କୁହାଗଲା। ତେବେ ବିଭିନ୍ନ ମାନକ ଆଧାରରେ ପାଖାପାଖି ୧୯୯ ଭାଷା ବିଲୁପ୍ତ ହୋଇଯାଇଥିବା ଜଣାପଡ଼ିଛି। ହେଲେ କେତେଜଣ ଭାଷାବିତ୍ ଏହାକୁ ଖଣ୍ଡନ କରିଛନ୍ତି। ସେମାନଙ୍କ ଦାବି ହେଲା ଗତ ୫ ଦଶନ୍ଧି ମଧ୍ୟରେ ଭାରତରୁ ପାଖାପାଖି ୨୫୦ ଭାଷା ଗାଏବ ହୋଇଯାଇଛି। ଅନ୍ୟପଟେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି ହିନ୍ଦୀ ଏବଂ ଇଂଲିଶ ଭାଷାରେ। ଗତ ୫୦ବର୍ଷ ମଧ୍ୟରେ ହିନ୍ଦୀ ଭାଷାଭାଷୀଙ୍କ ସଂଖ୍ୟା ୨୬କୋଟିରୁ ବୃଦ୍ଧିପାଇ ୪୨ କୋଟିରେ ପହଞ୍ଚିଛି। ସେହିପରି ଇଂଲିଶ ଭାଷାଭାଷୀଙ୍କ ସଂଖ୍ୟା ୩୩ କୋଟିରୁ ବଢ଼ି ୪୯ କୋଟିରେ ପହଞ୍ଚିଥିବା ଜଣାପଡ଼ିଛି।

ଭାରତରେ ଦେଖାଯାଉଥିବା ଏଭଳି ଭାଷା ସଙ୍କଟ ପାଇଁ ମୁଖ୍ୟତଃ ଦୁଇଟି କାରଣକୁ ଦାୟୀ କରାଯାଉଛି। ପ୍ରଥମତଃ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ କର୍ମନିୟୋଜନ ଆଶାରେ ସହରାଭିମୁଖୀ ହେବାପରେ ପ୍ରତ୍ୟକ୍ଷ ଭାବେ ସେମାନଙ୍କ ମୌଳିକ କଥିତ ଭାଷା ପ୍ରଭାବିତ ହୋଇଛି। ଦ୍ୱିତୀୟତଃ ଭାରତରେ ୧୯୦ରୁ ଊର୍ଦ୍ଧ୍ୱ ଯାଯାବର ସମ୍ପ୍ରଦାୟ ବାସ କରୁଛନ୍ତି। ସେମାନଙ୍କୁ ସହରାଞ୍ଚଳରେ ଅପରାଧୀ ବୋଲି ବିବେଚନା କରାଯାଉଛି। ଫଳରେ ସେମାନେ ନିଜ ପରିଚୟ ଲୁଚାଇବାକୁ ଯାଇ ସେମାନଙ୍କ କଥିତ ଭାଷା କହିବାକୁ କୁଣ୍ଠାବୋଧ କରୁଛନ୍ତି। ଏହି କାରଣରୁ ସେମାନଙ୍କ ଭାଷା ଏକପ୍ରକାର ଲୁପ୍ତ ହୋଇଗଲାଣି।

ଭାରତରେ ଭାଷାର ଇତିହାସ ୭୦ ହଜାର ବର୍ଷ ପୁରୁଣା। ୧୦,୦୦୦ ବର୍ଷ ପୂର୍ବେ ଲୋକମାନେ ଚାଷ ମୁହାଁ ହୋଇଥିଲେ। ଏହାପରେ ଅନେକ ଭାଷା ବିଲୁପ୍ତ ହୋଇଗଲା। ଭାଷାଭିତ୍ତିକ ସର୍ଭେ ପାଇଁ ୨୦୧୦ରେ ହୋଇଥିଲା 'ଦି ପିପୁଲ ଲିଙ୍ଗ୍ୟୁଷ୍ଟିକ୍ ସର୍ଭେ ଅଫ୍ ଇଣ୍ଡିଆ' (ପିଏଲ୍‌ଏସ୍‌ଆଇ)। ଏହି ସର୍ଭେରେ ୩୫୦୦ ଭଲ୍ୟୁଣ୍ଟିୟର, ୨୦୦୦ ଭାଷାବିତ୍, ଐତିହାସିକ, ଭାଷା ରିସର୍ଚ୍ଚ ସେଣ୍ଟର ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ। ୩ବର୍ଷ ଧରି ଚାଲିଥିବା ଏହି ସର୍ଭେରେ ୭୮୦ ଭାଷା ଚିହ୍ନଟ କରାଯାଇଛି। ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ୨୨ ସୂଚୀବଦ୍ଧ ଭାଷା ରହିଛି। ଏହାକୁ ବାଦ୍ ଦେଲେ ବିନା ସୂଚୀବଦ୍ଧ ତାଲିକାରେ ୧୦୦ ଭାଷା ଅଛି। ସେହିପରି ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାର ୩୧ ଭାଷାକୁ ସେମାନଙ୍କ ସରକାରୀ ଭାଷାର ମାନ୍ୟତା ଦେଇଛନ୍ତି।

### ୫୦ ବର୍ଷରେ ୧୯୯ ଭାରତୀୟ ଭାଷା ବିଲୁପ୍ତ




### ଭାଷାକୁ ନେଇ କିଛି ତଥ୍ୟ

- ପୃଥିବୀରେ ୭୦୦୦ରୁ ଉର୍ଦ୍ଧ୍ୱ ଭାଷା ରହିଛି।
- ଏବେ ୩୬ କଥିତ ଭାଷା ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଛି।
- ୨୧୧୫ ସୁଦ୍ଧା ୯୦% କଥିତ ଭାଷା ବିଲୁପ୍ତ ହୋଇଯିବ।
- ୧୯୯ ଭାଷାର ବ୍ୟବହାରକାରୀଙ୍କ ସଂଖ୍ୟା ୧୦ରୁ କମ୍।
- ୧୭୮ ଭାଷା ବୁଝିପାରୁଥିବା ଲୋକସଂଖ୍ୟା ୧୦ରୁ ୫୦।

## ନିଲାମ ହେଲା ଆବ୍ରାହମ୍ ଲିଙ୍କନଙ୍କ କେଶ

**ନୂଆଦିଲ୍ଲୀ:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ କେଶ ଗୁଚ୍ଛ ନିଲାମ ହୋଇଛି। ୧୮୬୫ ମସିହାରେ ତାଙ୍କର ମୃତ୍ୟୁ ସମୟରେ ଏହି କେଶକୁ ଅଲଗା କରି ସୁରକ୍ଷିତ ରଖା ଯାଇଥିଲା। କେଶ ସହିତ ତାଙ୍କ ରକ୍ତ ଲେଖା ଏକ ଟେଲିଗ୍ରାମ ମଧ୍ୟ ନିଲାମ ହୋଇଛି। ଆବ୍ରାହମଙ୍କର ଏହି ଦୁଇଟି ସନ୍ତକ ଆଶ୍ଚର୍ଯ୍ୟଜନକଭାବେ ନିଲାମ ହୋଇଛି ୮୧ ହଜାର ଆମେରିକୀୟ ଡଲାରରେ। ଆମେରିକାର ବୋଷ୍ଟନ ସହରରେ ଆବ୍ରାହମଙ୍କର ଏହି ସନ୍ତକକୁ ନିଲାମ କରିଛି ଆର୍‌ଆର୍ ନିଲାମକାରୀ ସଂସ୍ଥା। ନିଲାମ ହୋଇଥିବା ଆବ୍ରାହମଙ୍କର କେଶ ଗୁଚ୍ଛର ଲମ୍ବ ୫ ସେଣ୍ଟିମିଟର। ୱାଶିଂଟନ୍ ଡିସିରେ ତାଙ୍କୁ ଗୁଳି କରି ହତ୍ୟା କରିବା ପରେ ପୋଷ୍ଟମର୍ଟମ ସମୟରେ ଏହି କେଶକୁ ସଂଗ୍ରହ କରାଯାଇଥିଲା। ସେତେବେଳେ ଏହାକୁ ଆବ୍ରାହମ ଲିଙ୍କନଙ୍କ ଜଣେ ପୁତୁରା ଡକ୍ଟର ଲେମ୍ୟାନ୍ ବେଚର ଟୋଡ୍‌ଙ୍କୁ ହସ୍ତାନ୍ତର କରାଯାଇଥିଲା। ସେହିପରି କେଶ ଗୁଚ୍ଛ ସହିତ ନିଲାମ ହୋଇଥିବା ଟେଲିଗ୍ରାମଟି ସେ ସମୟରେ ରକ୍ତରେ ଲେଖା ଯାଇଥିଲା।

## ଏକ୍ସେଣ୍ଟ୍ରିକରେ ଦୀପିକା



ଦୀପିକା ପାଦୁକୋନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଜଣେ ସଫଳ ଅଭିନେତ୍ରୀ। ବଲିଉଡ୍‌ରେ ଦୀପିକା ହେଉଛନ୍ତି ଜଣେ ହାଇଏଷ୍ଟ ପେଡ୍ ଅଭିନେତ୍ରୀ। ଏବେ ବଲିଉଡ୍‌ରେ ତାଙ୍କ ଡିମାଣ୍ଡ ବହୁତ ଅଧିକ। ନିଜର ଦମ୍‌ଦାର୍ ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଛୋଟବେଳେ ସେ ନ୍ୟାଶନାଲ ଲେଭଲ୍‌ରେ ବ୍ୟାଡମିଣ୍ଟନ ଖେଳି ଚାମ୍ପିୟନ ହେଉଥିଲେ। ପରେ ସେ ଖେଳିବା ଛାଡି ମଡେଲିଂରୁ ନିଜ କ୍ୟାରିୟର୍ ଆରମ୍ଭ କରିଥିଲେ। ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ସେ ଇଣ୍ଡଷ୍ଟ୍ରିକୁ ଦେଇଛନ୍ତି। ସୁପରଷ୍ଟାର ଶାହରୁଖ ଖାନଙ୍କ ସହ ପ୍ରଥମେ ସେ 'ଓମ୍ ଶାନ୍ତି ଓମ୍' ଫିଲ୍ମରେ ନଜର୍ ଆସିଥିଲେ। ଫିଲ୍ମଟି ବଡ଼ ସଫଳତା ପାଇଥିଲା। ଶାହାରୁଖ୍-ଦୀପିକାଙ୍କ ଯୋଡ଼ିକୁ ଲୋକେ ବେଶ୍ ପସନ୍ଦ ମଧ୍ୟ କରନ୍ତି। ଏବେ ଦର୍ଶକଙ୍କ ପାଇଁ ଏକ ଖୁସି ଖବର। ତାମିଲ ନିର୍ଦ୍ଦେଶକ ଅଟଲେ କୁମାରଙ୍କ ଫିଲ୍ମରେ ଦୀପିକା ପାଦୁକୋନଙ୍କ ବିପକ୍ଷରେ ଶାହାରୁଖ୍ ନଜର୍ ଆସିବେ ବୋଲି କୁହାଯାଉଛି। ଏହି ଚଳଚ୍ଚିତ୍ରର ନାମ 'ଏକ୍ସେଣ୍ଟ୍ରିକ' ରଖାଯାଇଛି। ଖବର ଅନୁଯାୟୀ ଦୀପିକାଙ୍କୁ ଫିଲ୍ମର କାହାଣୀ ବହୁତ ପସନ୍ଦ ଆସିଛି । ଯଦି ଏହି ଯୋଡି ଏହି ଚଳଚ୍ଚିତ୍ରରେ ଏକାଠି ହୁଅନ୍ତି, ତେବେ ଏହା ଚତୁର୍ଥ ଥର ହେବ ଦୁହେଁ ଏକାଠି କାମ କରିବାକୁ ଯାଉଛନ୍ତି । ଦୀପିକା ଏବଂ ଶାହରୁଖ ଯୋଡି ଯେବେବି ପରଦାକୁ ଆସିଛି ସବୁବେଳେ ଫିଲ୍ମ ବ୍ଲକବଷ୍ଟର ହୋଇଛି। କୁହାଯାଉଛି ଯେ ଏହି ଫିଲ୍ମଟି ମୂଳତଃ ହିନ୍ଦୀ ଏବଂ ତାମିଲ ଭାଷାରେ ନିର୍ମିତ ହେବ ଏବଂ ଅନ୍ୟ ପ୍ରମୁଖ ଭାଷାରେ ଡେବ୍ୟୁ କରାଯାଇ ମୁକ୍ତିଲାଭ କରିବ । ଏହି ଫିଲ୍ମ ୨୦୨୧ର ଆରମ୍ଭରେ ଆସିବ ବୋଲି ଆଶା କରାଯାଉଥିଲା କିନ୍ତୁ କରୋନାକୁ ଦୃଷ୍ଟିରେ ରଖି ଆଗକୁ ସ୍କେଡ୍ୟୁଲ କରାଯିବ।

## ଜେକେ ରୋଲିଂଙ୍କୁ ବିରୋଧ




**ନୂଆଦିଲ୍ଲୀ:** ପ୍ରସିଦ୍ଧ ହାରି ପୋଟର ପୁସ୍ତକର ରଚୟିତା ଜେ.କେ. ରୋଲିଂଙ୍କୁ ଏବେ ନେଟିଜେନ୍(ଇଣ୍ଟରନେଟ୍ ବ୍ୟବହାରକାରୀ)ଙ୍କ ଜୋରଦାର ବିରୋଧ। ହ୍ୟାରି ପୋଟର ପୁସ୍ତକ ନିମନ୍ତେ ଦିନେ ଜେକେ ରୋଲିଂଙ୍କୁ ଆଶ୍ଚର୍ଯ୍ୟଜନକଭାବେ ସଫଳତା ମିଳିପାରିଥିଲା ଏବଂ ସାରା ବିଶ୍ୱରେ ତାଙ୍କ ବହିର ସିରିଜ୍ ପଢ଼ିବା ପାଇଁ ଲୋକେ ଉତ୍ସୁକ ହୋଇ ଚାହିଁ ରହୁଥିଲେ। କିନ୍ତୁ ଏବେ ତାଙ୍କର ଆଉ ଏକ ପୁସ୍ତକ 'ଟ୍ରବଲ୍‌ଡ ବ୍ଲଡ'କୁ ନେଟିଜେନମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ସେଥିପାଇଁ ସୋସିଆଲ ମିଡିଆରେ ତାଙ୍କୁ ବିରୋଧ କରିଛନ୍ତି।

'ଟ୍ରବଲ୍‌ଡ ବ୍ଲଡ' ପୁସ୍ତକରେ କୋରମୋରାନ୍ ଷ୍ଟ୍ରାଇକର ଡିଟେକ୍ଟିଭ୍ ସିରିଜ୍ ପ୍ରକାଶ ପାଇଛି। ବହିରେ ଜଣେ ଏଭଳି ବ୍ୟକ୍ତିର କାହାଣୀ ରହିଛି, ଯିଏ ପୋଷାକ ପିନ୍ଧି ବାହାରୁଛି ଓ ମହିଳାମାନଙ୍କୁ ହତ୍ୟା କରୁଛି। କିନ୍ତୁ ଇଣ୍ଟରନେଟରେ ଲୋକେ ଏହି କାହାଣୀକୁ ଗ୍ରହଣ କରି ନାହାନ୍ତି ଏବଂ ସୋସିଆଲ ମିଡିଆରେ ବିଭିନ୍ନ ଢଙ୍ଗରେ ସେମାନଙ୍କର ବିରୋଧକୁ ଦର୍ଶାଇଛନ୍ତି। କିଛି ଲୋକ ଏହି କାହାଣୀକୁ ଅନ୍ୟ ଏକ ଫିଲ୍ମର ନକଲ କାହାଣୀ ବୋଲି କହିଛନ୍ତି। ଖାଲି ସେତିକି ନୁହେଁ, ରୋଲିଂଙ୍କର ଏହି ପୁସ୍ତକକୁ ବିଭିନ୍ନ ଗଣମାଧ୍ୟମରେ ସମୀକ୍ଷା ମାଧ୍ୟମରେ କଡ଼ା ଆକ୍ଷେପ କରାଯାଇଛି। ହ୍ୟାରି ପୋଟର ଭଳି ରହସ୍ୟ ରୋମାଞ୍ଚଭରା କାହାଣୀ ଭେଟି ଦେଇଥିବା ଜଣେ ଲେଖକ କିଭଳିଭାବେ ଏପରି ନକଲି କାହାଣୀକୁ ଚୟନ କରିଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରହସ୍ୟ ଆଉ ରୋମାଞ୍ଚର ସ୍ୱତନ୍ତ୍ର ବ୍ୟକ୍ତିତ୍ୱଭାବେ ପରିଚିତ ରୋଲିଂଙ୍କୁ ବିଭିନ୍ନ ସ୍ତରର ଲେଖକମାନେ ମଧ୍ୟ ବିପରୀତ ମନ୍ତବ୍ୟ ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୯,୫୨୫,୫୬୧ | ୯,୩୪,୧୯୨ | ୨୧,୩୪୪,୯୯୬ |
| ଭାରତ | ୪୯,୬୩,୦୯୬ | ୮୧,୧୬୮ | ୩୮,୮୭,୩୬୧ |
| ଓଡ଼ିଶା | ୧,୫୮,୬୫୦ | ୬୪୫(+୫୩) | ୧,୨୫,୭୩୮ |

ମଙ୍ଗଳବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଚନ୍ଦକାରେ ହେବ ହସ୍ତୀ ଥଇଥାନ କେନ୍ଦ୍ର

- ଭିତ୍ତିପ୍ରସ୍ତର ସ୍ଥାପନ କଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
- ଖର୍ଚ୍ଚହେବ ୬ କୋଟି ଟଙ୍କା, ୩ ମାସରେ ସରିବ ନିର୍ମାଣ
- ଉଦ୍ଧାର, ଆହତ ହାତୀଙ୍କୁ ରଖି ଚିକିତ୍ସା କରାଯିବ



ଭୁବନେଶ୍ୱର,୧୫।୯(ବ୍ୟୁରୋ)


ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟର କୁମାରଖୁଣ୍ଟିଠାରେ ହସ୍ତୀ ଥଇଥାନ କେନ୍ଦ୍ର ସ୍ଥାପନ ହେବ। ସାଢ଼େ ଦଶ ହେକ୍ଟର ପରିମିତ ସ୍ଥାନରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମାଣ କରାଯିବ। ଆବଶ୍ୟକସ୍ଥଳେ ଏହିଭଳି ୪ଟି ଅସ୍ଥାୟୀ ହାତୀ ଆଶ୍ରୟସ୍ଥଳ କରାଯିବ। ଉଦ୍ଧାର କରାଯାଇଥିବା ହାତୀଙ୍କୁ ଏଠାରେ ଆଶ୍ରୟ ଦେଇ ସେବା ଶୁଶ୍ରୁଷା ଓ ଚିକିତ୍ସା କରାଯିବ। ମା'ଠାରୁ ପୃଥକ ହୋଇଯାଇଥିବା ହାତୀଶାବକଙ୍କୁ ମଧ୍ୟ ଏଠାରେ ରଖାଯିବ। ଅଭିଜ୍ଞ ମାହୁନ୍ତମାନେ ସେମାନଙ୍କ ଦାୟିତ୍ୱରେ ରହିବେ। ହାତୀ ଚିକିତ୍ସା କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଥିବା ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକଙ୍କୁ ନିୟୋଜିତ କରାଯାଇ ହାତୀ ଚିକିତ୍ସାକୁ ତ୍ୱରାନ୍ୱିତ କରାଯିବ। ସେଠାରେ ମାହୁନ୍ତଙ୍କ ରହିବା ପାଇଁ ଘର, ପ୍ରାଣୀ ଚିକିତ୍ସା ପ୍ରୟୋଗ ଶାଳା, ରନ୍ଧନ ଶାଳା ଆଦିର ବ୍ୟବସ୍ଥା ରହିବ। ହାତୀଙ୍କ ଖାଇବା ପାଇଁ ଘାସ, ଗଛପତ୍ର ଆଦିର ସ୍ୱତନ୍ତ୍ର ଓ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳି ସାରିଥିବାବେଳେ ମଙ୍ଗଳବାର ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ଏହି କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରାୟ ତିନିମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରହିଛି। ସୂଚନାଯୋଗ୍ୟ, ଓଡ଼ିଶା ଭଳି ସାରା ଦେଶରେ ହାତୀ ସୁରକ୍ଷା ବଡ଼ ପ୍ରସଙ୍ଗ ହୋଇଛି। ବିଶେଷକରି ହାତୀ ଜନବସତି ମଧ୍ୟରେ ପ୍ରବେଶ କରି କ୍ଷତି ଘଟାଇବା ଓ ହାତୀ-ମଣିଷ ଲଢ଼େଇରେ ଅନେକ ସମୟରେ ଉଭୟଙ୍କ ଜୀବନ ଯାଉଛି। ଏଭଳି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିସ୍ତୃତ ମାର୍ଗଦର୍ଶିକା ଜାରି କରିଛନ୍ତି। ଏଥିସହ 'ପ୍ରକଳ୍ପ ହାତୀ' ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ହାତୀ ଉଦ୍ଧାର ଓ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା ଅନ୍ୟତମ ରହିଛି। ଗତ ହାତୀଗଣନା ଅନୁଯାୟୀ, ଓଡ଼ିଶାରେ ପ୍ରାୟ ୨ହଜାର ହାତୀ ରହିଛନ୍ତି। ମଣିଷ-ହାତୀ ସଂଘର୍ଷରେ ପ୍ରତିବର୍ଷ ପ୍ରାୟ ୮୦ ହାତୀ ମୃତ୍ୟୁମୁଖରେ ପଡୁଥିବାବେଳେ ପ୍ରାୟ ୧୦୦ ଲୋକଙ୍କ ଜୀବନ ଯାଉଛି। ଏହାବ୍ୟତୀତ ବନ କର୍ମଚାରୀ ଓ ଅନ୍ୟ ସାଧାରଣ ଲୋକଙ୍କ ଧନଜୀବନ ହାନି ଘୁଚୁଛି। ନିକଟ ଅତୀତରେ ଯାଜପୁର, ଢେଙ୍କାନାଳ ଓ ଖୋର୍ଦ୍ଧା ବନଖଣ୍ଡରେ ଏହିଭଳି ଘଟଣା ଘଟିଛି। ତେଣୁ ଜଙ୍ଗଲ ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମିର ବିକାଶ, ଜନବସତି ବୃଦ୍ଧି ଓ ଜଙ୍ଗଲ ଜମିର ପରିବର୍ତ୍ତନ ଯୋଗୁ ହାତୀ ଆଶ୍ରୟସ୍ଥଳ କମିଯିବା ଏହି ସମସ୍ୟାର ମୂଳ କାରଣ ବୋଲି କୁହାଯାଉଛି। ତେଣୁ ଏହାର ସମାଧାନ ଅତ୍ୟନ୍ତ ଆବଶ୍ୟକ ହୋଇଥିବାବେଳେ ଏହି ଥଇଥାନ କେନ୍ଦ୍ର ବା ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରତିଷ୍ଠା ହାତୀଉଦ୍ଧାର ଓ ପୁନର୍ବାସ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ପାଲଟିବ। 'ପ୍ରକଳ୍ପହାତୀ' ଯୋଜନାକୁ ସମୁଚିତ ଭାବେ ରୂପାୟନ କରାଯିବ ବୋଲି ମନ୍ତ୍ରୀ ଆରୁଖ କହିଛନ୍ତି। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ମୋନାଶର୍ମା, ପିସିସିଏଫ୍(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ହରିଶଙ୍କର ଉପାଧ୍ୟାୟ ଓ ବିଭାଗୀୟ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ।

# ଏମ୍‌ପିଙ୍କ ଦରମା ୩୦% କାଟ ବିଲ୍ ଲୋକ ସଭାରେ ପାରିତ

**ଏମ୍‌ପି ଲ୍ୟାଡ ପାଣ୍ଠି ସ୍ଥଗିତ ନିଷ୍ପତ୍ତିକୁ ବିରୋଧ କଲେ ପିନାକୀ**

ନୂଆଦିଲ୍ଲୀ,୧୫।୯(ପି.ଟି.)

କରୋନା ମହାମାରୀକୁ ଦୃଷ୍ଟିରେ ରଖି ଖର୍ଚ୍ଚ କାଟ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏମ୍‌ପିମାନଙ୍କ ଦରମା ୧ବର୍ଷ ପାଇଁ ୩୦% କାଟ କରିବାକୁ ନେଇଥିବା ନିଷ୍ପତ୍ତିକୁ ମଙ୍ଗଳବାର ଲୋକ ସଭାରେ ପାରିତ କରାଯାଇଛି। ଏହାକୁ ଦଳମତ ନିର୍ବିଶେଷରେ ସମର୍ଥନ କରାଯାଇଥିବା ଦେଖିବାକୁ ମିଳିଥିଲା। ହେଲେ ଏମ୍‌ପି ଲ୍ୟାଡକୁ ୨ବର୍ଷ ପାଇଁ ବନ୍ଦ କରିବାକୁ ସରକାର ନେଇଥିବା ନିଷ୍ପତ୍ତିକୁ ବିଜେଡି ସମେତ ଅଧିକାଂଶ ଅଣ ଏନ୍‌ଡିଏ ଦଳଗୁଡ଼ିକ ବିରୋଧ କରିଛନ୍ତି। ବିଜେଡି ଏମ୍‌ପି ପିନାକି ମିଶ୍ର ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ଏମ୍‌ପିମାନଙ୍କ ଦରମା କାଟ କରିବାରେ କାହାରି କୌଣସି ପ୍ରତିବାଦ ନାହିଁ। ମାତ୍ର ଏମ୍‌ପି ଲ୍ୟାଡ ବନ୍ଦ କରିବା ଠିକ୍ ନୁହେଁ। କାରଣ ଏହି ଅନୁଦାନ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଏହାକୁ କୌଣସି ଏମ୍‌ପି ନେଉ ନାହାନ୍ତି। ଏହାକୁ ବନ୍ଦ କରାଯିବାର ଅର୍ଥ ହେଉଛି ଏମ୍‌ପିମାନଙ୍କ କ୍ଷମତାକୁ ସଙ୍କୁଚିତ କରାଯିବା। କେନ୍ଦ୍ର ସରକାର ଏଥିପ୍ରତି ଗୁରୁତର ସହ ଚିନ୍ତା କରିବାର ଆବଶ୍ୟକ ରହିଛି ବୋଲି ମିଶ୍ର କହିଛନ୍ତି। ଅନ୍ୟ ବିରୋଧୀଙ୍କ କହିବା ହେଲା ସରକାର କରୋନା ମହାମାରୀ ନାଁରେ ଏମ୍‌ପି ଲ୍ୟାଡକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଉଛନ୍ତି ହେଲେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନାଗୁଡ଼ିକୁ ପୂର୍ବ ପରି ଚାଲୁ ରଖିଛନ୍ତି। ଯଦି ଏମ୍‌ପି ଲ୍ୟାଡକୁ ବନ୍ଦ କରାଯିବ ତେବେ କେନ୍ଦ୍ର ସରକାରଙ୍କ ପ୍ରଚଳିତ ସବୁ ଯୋଜନାକୁ ରଦ୍ଦ କରାଯାଉ। ଆଉ ସେହି ଅର୍ଥରେ ଦେଶର ସାଧାରଣ ନାଗରିକଙ୍କ ପାଇଁ ଅଧିକରୁ ଅଧିକ ଭେଣ୍ଟିଲେଟର କିଣାଯାଉ। ସରକାର କାହିଁକି ନିଜ ଖର୍ଚ୍ଚ କାଟ କରୁ ନାହାନ୍ତି ବୋଲି ଏନ୍‌ସିପି ଏମ୍‌ପି ସୁପ୍ରିୟା ସୁଲେ ପ୍ରଶ୍ନ କରିଛନ୍ତି ଏମ୍‌ପିଲ୍ୟାଡ ବନ୍ଦ କରାଯିବା ଫଳରେ ତୃଣମୂଳ ସ୍ତରରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଅନେକ ଏମ୍‌ପି ମତ ଦେଇଛନ୍ତି। ଏପରି କି ଆମର ସମସ୍ତ ଦରମାକୁ ନେଇଯାଅ, ମାତ୍ର ଏମ୍‌ପିଲ୍ୟାଡକୁ ବନ୍ଦ କରନାହିଁ ବୋଲି ବିରୋଧୀ ଦଳର ଏମ୍‌ପିମାନେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସରକାର ଏହାକୁ ସାମୟିକ ବୋଲି କହିଛନ୍ତି। ବର୍ତ୍ତମାନ ଯେଉଁ ଅପ୍ରତ୍ୟାଶିତ ପରିସ୍ଥିତି ସୃଷ୍ଟି ହୋଇଛି ତାକୁ ସମ୍ମୁଖୀନ କରିବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ପାର୍ଲାମେଣ୍ଟର ସଦସ୍ୟମାନଙ୍କ ଦରମା, ଭତ୍ତା ଏବଂ ପେନ୍‌ସନ(ସଂଶୋଧନ) ବିଲ୍-୨୦୨୦କୁ ସୋମବାର ଲୋକ ସଭାରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଗତ କରିଥିଲେ। ମଙ୍ଗଳବାର ଏହା ପାରିତ ହେବା ପରେ ମନ୍ତ୍ରୀ ଯୋଶୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଏମ୍‌ପି ଲ୍ୟାଡ ପାଣ୍ଠିକୁ ପରିସ୍ଥିତିକୁ ଦେଖି ସାମୟିକ ଭାବେ ବନ୍ଦ କରାଯାଇଛି ବୋଲି ଯୋଶୀ କହିଛନ୍ତି।


ପିନାକୀ ମିଶ୍ର

# ଆମ୍ବୁଲାନ୍ସ ସହ ଧକ୍କା ହୋଇ ଜଳିଗଲା ବାଇକ, ଚାଳକ ଦଗ୍ଧ


ଆମ୍ବୁଲାନ୍ସ ସହ ଧକ୍କା ହେବାପରେ ବାଇକ୍ ଜଳିଯାଇଛି।

- ବଲାଙ୍ଗୀର-ଖୋର୍ଦ୍ଧା ରାଜପଥରେ ଦୁର୍ଘଟଣା
- ଆମ୍ବୁଲାନ୍ସରେ ଥିଲେ କରୋନା ରୋଗୀ

ନୟାଗଡ଼ ଅଫିସ/ଦଶପଲ୍ଲା,୧୫।୯(ଡି.ଏନ.ଏ.)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ରଙ୍ଗମାଟିଆ ଢାବା ନିକଟରେ ମଙ୍ଗଳବାର ଏକ କୋଭିଡ୍ ଆମ୍ବୁଲାନ୍ସ ସହ ଜଣେ ବାଇକ୍ ଚାଳକଙ୍କ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାପରେ ବାଇକ୍ ଜଳିଯିବା ସହ ଚାଳକ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତ ବାଇକ ଚାଳକ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଥାନା ଶବରସାହିର ଅନୁରାଗ ନାୟକ। ଖବର ପାଇ ଦଶପଲ୍ଲା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହିତ ଜଳି ଯାଇଥିବା ବାଇକ ଓ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରି ତଦନ୍ତ ଆରମ୍ଭ କରିଛି। କରୋନା ଆକ୍ରାନ୍ତଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଇ ଦିଆଯାଇଛି। ତାଙ୍କର କିଛି ଅସୁବିଧା ହୋଇ ନ ଥିବା ଜଣାପଡିଛି। ସୂଚନା ଅନୁସାରେ, ଫୁଲବାଣୀରୁ କରୋନା ରୋଗୀ ନେଇ ଭୁବନେଶ୍ୱର ଯାଉଥିଲା କୋଭିଡ୍ ଆମ୍ବୁଲାନ୍ସ। ବିପରୀତ ଦିଗରୁ ଅନୁରାଗ ବାଇକରେ ଆସୁଥିଲେ। ଦଶପଲ୍ଲାଠାରୁ ୮ କି.ମି. ଦୂର ରଙ୍ଗମାଟିଆ ଢ଼ାବା ନିକଟରେ ଅନୁରାଗଙ୍କ ବାଇକ କୋଭିଡ୍ ଆମ୍ବୁଲାନ୍ସ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକ ବାଇକ ଚାଳକଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସ୍ତ୍ରୀ ଆଗରେ ଆଖିବୁଜିଲେ ସ୍ୱାମୀ

**ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ହୃଦୟ ବିଦାରକ ଘଟଣା**

- କରୋନା ମାରିଦେଲା ମଣିଷପଣିଆ
- କେହି ଆକ୍ରାନ୍ତଙ୍କ ପାଖ ମାଡ଼ିଲେନି
- ଛଟପଟ ହୋଇ ଚାଲିଗଲା ଜୀବନ

ଢେଙ୍କାନାଳ ଅଫିସ, ୧୫।୯

କରୋନା ମାରିଦେଲା ମଣିଷପଣିଆ। ଡାକ୍ତରଖାନା ବାରଣ୍ଡାରେ ପଡ଼ି ଯନ୍ତ୍ରଣା ଭୋଗୁଥିଲେ ଅଥଚ, କେହି ପଚାରିଲେନି କି ପାଖ ମାଡ଼ିଲେନି। ଶେଷରେ ଛଟପଟ ହୋଇ ସ୍ତ୍ରୀଙ୍କ ଆଖି ଆଗରେ ଚାଲିଗଲା ସ୍ୱାମୀ ଜୀବନ। ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ଆସିଛି କରୋନା ମହାମାରୀର ଏପରି ହୃଦୟ ବିଦାୟକ ଚିତ୍ର। ସୋମବାର ଘଟିଥିବା ଏହି ଛାତିଥରା ଘଟଣାର ଭିଡିଓ ଭାଇରାଲ ହେବା ପରେ ଜିଲାରେ କରୋନା ପରିଚାଳନାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ କର୍ତ୍ତବ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର୍ ଧରିଛି।

ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି, ଡାକ୍ତରଖାନା ସମ୍ମୁଖ ବାରଣ୍ଡାରେ ଜଣେ ବ୍ୟକ୍ତି ନିସ୍ତେଜ ହୋଇ ପଡ଼ିଛନ୍ତି। ଜଣେ ମହିଳା ତାଙ୍କ ଛାତିକୁ ପମ୍ପିଂ କରିବା ସହ ବିକଳରେ ସହାୟତା କରିବାକୁ ନେହୁରା ହେଉଛନ୍ତି। ହେଲେ ସିକ୍ୟୁରିଟି ଗାର୍ଡ କି କର୍ମଚାରୀ ସହାୟତା କରିବା ବଦଳରେ ସାଜିଛନ୍ତି ଦେଖଣାହାରୀ। କେବଳ ଏତିକି ନୁହେଁ, ସେଠାରେ ଉପସ୍ଥିତ କେତେଜଣ ମାନବିକତାକୁ ଜଳାଞ୍ଜଳି ଦେଇ ଘଟଣାର ଭିଡିଓ ରେକର୍ଡିଂ କରି ଚାଲିଥିଲେ।

ଘଟଣାରୁ ଜଣାପଡ଼ିଛି, ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ସମ୍ପୃକ୍ତ ୫୫ ବର୍ଷୀୟ ବ୍ୟକ୍ତି ଅନୁଗୋଳ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ କାର୍ଯ୍ୟ କରୁଥିଲେ। ଗ୍ରାମକୁ ଆସିଥିବା ବେଳେ ଅସୁସ୍ଥ ଅନୁଭବ କରିବାରୁ ସ୍ତ୍ରୀ ଏବଂ ଜଣେ ସମ୍ପର୍କୀୟ ଭାଇଙ୍କ ସହିତ କରୋନା ପରୀକ୍ଷା କରିବାକୁ ମଙ୍ଗଳବାର ସକାଳ ୭ଟାରେ ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ଆସିଥିଲେ। ସାଢ଼େ ୧୦ଟା ଯାଏ ଅପେକ୍ଷା କରିବା ପରେ ତାଙ୍କର ପରୀକ୍ଷା ହୋଇଥିଲା। ସ୍ତ୍ରୀ ଏବଂ ସମ୍ପର୍କୀୟଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ କରୋନା ପଜିଟିଭ୍ ବୋଲି ଜଣାପଡ଼ିଥିଲେ। ଏହା ଜାଣିବା ପରେ ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତଳେ ପଡ଼ି ଆକ୍ରାନ୍ତ ଛଟପଟ ହେଉଥିବା ବେଳେ ତାଙ୍କ ସ୍ତ୍ରୀ ଡାକ୍ତରଙ୍କ ପ୍ରକୋଷ୍ଠର କବାଟ ବାଡ଼େଇ ସହାୟତା କରିବାକୁ ନିବେଦନ କରିଥିଲେ। ହେଲେ ପିପିଇ କିଟ୍ ପିନ୍ଧିଥିଲେ ମଧ୍ୟ କୌଣସି ଡାକ୍ତର ଆକ୍ରାନ୍ତଙ୍କ ପାଖକୁ ନ ଆସିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କୁହନ୍ତି, ପିପିଇ କିଟ୍ ପିନ୍ଧି କେହି ଜଣେ ବି ନିଶ୍ଚୟ ଆସିବା କଥା। ଘଟଣାର ବିଭାଗୀୟ ତଦନ୍ତ କରାଯାଉଛି। ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ହେବ।



ଢେଙ୍କାନାଳ ଜିଲା ଚିକିତ୍ସାଳୟ।

# ଗୁରୁତର ନ ଥିଲେ କଟକ, ଭୁବନେଶ୍ୱର ପଠାଅ ନାହିଁ

**କୋଭିଡ୍-୧୯ ପରିଚାଳନା**

**ଜିଲା ପ୍ରଶାସନକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ**



ଭୁବନେଶ୍ୱର,୧୫।୯(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ କୋଭିଡ୍-୧୯ ସଂକ୍ରମଣ ସଂଖ୍ୟାରେ ବୃଦ୍ଧି ଘଟି ଚାଲିଛି। କଟକ ଓ ଭୁବନେଶ୍ୱର ଏକ ପ୍ରକାର ହଟ୍‌ସ୍ପଟ୍ ପାଲଟିଛି। ଏପରି ସ୍ଥଳେ ଅନ୍ୟ ଜିଲାଗୁଡିକରୁ କମ୍ ଲକ୍ଷଣ ଥିବା କରୋନା ରୋଗୀଙ୍କୁ ଜିଲା ପ୍ରଶାସନ ଭୁବନେଶ୍ୱରକୁ ମନଇଚ୍ଛା ପଠାଇ ଦେଉଛନ୍ତି। ଗୁରୁତର ହୋଇ ନ ଥିବା ରୋଗୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର ନ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲା ମେଡିକାଲ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରୋଗୀଙ୍କୁ ସ୍ଥାନାନ୍ତର କରିବା ପୂର୍ବରୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲ ମେଡିକାଲ ଅଫିସରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବାକୁ କୁହାଯାଇଛି।

ଘରୋଇ ହସ୍ପିଟାଲ ଦ୍ୱାରା ବିଭିନ୍ନ ଜିଲାରେ କୋଭିଡ୍ ହସ୍ପିଟାଲ ଖୋଲାଯାଇଛି। ମାତ୍ର ସେହି ସବୁ ହସ୍ପିଟାଲରେ ବେଡ୍ ଖାଲି ପଡୁଛି। ଏ ବାବଦରେ ସରକାରଙ୍କ ଠାରୁ ଅର୍ଥ ନେଉଥିଲେ ମଧ୍ୟ ଉକ୍ତ ହସ୍ପିଟାଲଗୁଡିକରେ ରୋଗୀଙ୍କୁ ଚିକିତ୍ସା କରାଯାଉ ନାହିଁ। ଏହାକୁ ଦୃଷ୍ଟିରେ ରଖି ଜିଲାସ୍ତରରେ ଥିବା ବିଭିନ୍ନ କୋଭିଡ୍ ହସ୍ପିଟାଲଗୁଡିକୁ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଛି।

ଏଥିସହିତ ଯେଉଁମାନଙ୍କର କୌଣସି ଲକ୍ଷଣ ନାହିଁ ସେମାନେ ଘରେ ଆଇସୋଲେଶନରେ ରହି ଚିକିତ୍ସିତ ହେବାକୁ କୁହାଯାଇଛି। ଏ ନେଇ ଜିଲା ମେଡିକାଲ ଅଫିସର ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। କଟକ ଓ ଭୁବନେଶ୍ୱରରେ ଥିବା କୋଭିଡ୍ ହସ୍ପିଟାଲଗୁଡିକରେ ପ୍ରାୟ ୨୦ ପ୍ରତିଶତ ସ୍ଥାନୀୟ କରୋନା ରୋଗୀ ଥିବା ବେଳେ ଅନ୍ୟସବୁ ବେଡ୍‌ଗୁଡିକରେ ରାଜ୍ୟର ବିଭିନ୍ନ ଭାଗରୁ ଆସିଥିବା ରୋଗୀମାନେ ରହିଛନ୍ତି। ଭଲ ଚିକିତ୍ସା ପାଇବା ଆଶାରେ ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡା ଓ ଯାଜପୁର ଭଳି ଜିଲାଗୁଡିକରୁ ଅଧିକାଂଶ ରୋଗୀ ଭୁବନେଶ୍ୱର ଓ କଟକ ସହରରେ ଥିବା ବିଭିନ୍ନ ହସ୍ପିଟାଲକୁ ଚକିତ୍ସା ପାଇଁ ଆସୁଥିବା ଜଣାପଡିଛି। ଦ୍ୱୈତ ନଗରୀରେ ଭିଡ଼ କମାଇବାକୁ ଏଭଳି ପରାମର୍ଶ ଦିଆଯାଇଛି।



JHARSUGUDA: Shree Balaji Automobiles, at Satgachhia, P. O. Lapanga, District - Sambalpur JAJPUR: Choicewheel Automotive Pvt. Ltd., at Khaira, P. O. Badachana, District - Jajpur KEONJHAR: Tarini Motors Pvt. Ltd., NH 6, Sankarpur, P. O. Nelung, District - Keonjhar

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶ୍ରୀମାନ୍
ପରିବାରବର୍ଗ


ଅର୍ପିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଜିଏସ୍‌ଟି: ଠକିଲେ...

ଟିକସ ଦାତାମାନେ ଉପକୃତ ହେବେ। ଏଥିରେ କମ୍ପୋଜିଶନ ସ୍କିମ୍ ଅଧୀନରେ ଅନ୍ତର୍ଭୁକ୍ତ ନ ହେବା ପରିସୀମାକୁ ସମ୍ପ୍ରସାରିତ କରାଯାଇଛି। ଯଦି ଟିକସଦାତା ଟିଡିଏସ୍ ସାର୍ଟିଫିକେଟ ପ୍ରଦାନ କରି ନ ପାରନ୍ତି ତେବେ ତାଙ୍କ ଉପରେ ବିଳମ୍ବ ଫି ଲାଗୁ କରାଯିବ ନାହିଁ। ଏଥିସହିତ ଟ୍ରାନ୍‌ଜିସିନାଲ କ୍ରେଡିଟ୍ ଲାଭ କରିବାର ପଦ୍ଧତି ଓ ସମୟ ସୀମାକୁ ରାଜ୍ୟ ସରକାର ନିର୍ଦ୍ଧାରିତ କରିପାରିବେ। ରାଜ୍ୟ ସରକାରଙ୍କୁ ଉକ୍ତ ଅଧିନିୟମ ଆରମ୍ଭ କରିବାର ୫ ବର୍ଷ ମଧ୍ୟରେ ବନ୍ୟା, ବାତ୍ୟା କିମ୍ବା ଅନ୍ୟାନ୍ୟ କୌଣସି ସମସ୍ୟା ହେଲେ ତାକୁ ଦୂର କରିବା ଲାଗି ସରକାର ଗେଜେଟ୍‌ରେ ଏକ ସାଧାରଣ କିମ୍ବା ଏକ ବିଶେଷ ଆଦେଶ ଜାରି କରି ଅଧିନିୟମରେ ପ୍ରଣୀତ ନିୟମାବଳୀରେ ଥିବା ଅସଙ୍ଗତିକୁ ଦୂର କରିପାରିବେ।

ବୈଠକ ପରେ ସୂଚନା ଦେଇ ଅର୍ଥ ସଚିବ ଅଶୋକ କୁମାର ମୀନା କହିଛନ୍ତି ଯେ, ୧୦୨୭ରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) କାର୍ଯ୍ୟକାରୀ ହେବା ପରେ ଦୁଇଟି ଆଇନ କରାଯାଇଥିଲା। ଗୋଟିଏ ହେଲା କେନ୍ଦ୍ରୀୟ ଜିଏସ୍‌ଟି ଆଇନ ଓ ଅନ୍ୟଟି ରାଜ୍ୟ ଜିଏସ୍‌ଟି ଆଇନ। ଦ୍ରବ୍ୟ ଓ ସେବା କର ପରିଷଦର ସୁପାରିସ କ୍ରମେ ଜିଏସ୍‌ଟି ଆଇନରେ ସଂଶୋଧନ କରିବାକୁ ବାଧ୍ୟ। ସେହି ଆଧାରରେ କେନ୍ଦ୍ର ସରକାର କେନ୍ଦ୍ରୀୟ ଜିଏସ୍‌ଟି ଆଇନରେ ସଂଶୋଧନ କରିଛନ୍ତି। ରାଜ୍ୟ ସରକାରଙ୍କୁ ମଧ୍ୟ ରାଜ୍ୟ ଜିଏସ୍‌ଟି ଆଇନ ସଂଶୋଧନ କରିବାକୁ ପଡୁଛି। ରାଜ୍ୟ ଆଇନକୁ ସଂଶୋଧନ କରିବାକୁ ରାଜ୍ୟ ସରକାର ୨ଟି ଅଧ୍ୟାଦେଶ ଆଣିଥିଲେ। ଜିଏସଟି ଅଧିନିୟମ ସଂଶୋଧନ ପ୍ରସ୍ତାବକୁ ଆସନ୍ତା ବିଧାନସଭାରେ ଉପସ୍ଥାପନ କରାଯିବ ବୋଲି ଅର୍ଥ ବିଭାଗ ସଚିବ ଅଶୋକ ମୀନା ସୂଚନା ଦେଇଛନ୍ତି।

## ଅଟୋ କମ୍ପାନୀଙ୍କୁ ବାଧକ...

ସରକାରଙ୍କ ଆର୍ଥିକ ନୀତି ଏପରି ଶିଳ୍ପ ବିରୋଧୀ। ଏଭଳି ସ୍ଥିତିରେ ଆମେ ଭାରତ ଛାଡ଼ିବାକୁ ଚାହୁଁନାହୁଁ, କିନ୍ତୁ ବ୍ୟବସାୟ ବୃଦ୍ଧି ପାଇଁ ମନ ବଳାଉନାହୁଁ। ଟୟୋଟା ବିଶ୍ୱର ଅନ୍ୟତମ ବୃହତ୍ କାର ନିର୍ମାତା ଭାବେ ଜଣାଶୁଣା। ଭାରତରେ ଏହା ୧୯୯୭ରେ ତା'ର ବ୍ୟବସାୟ ଆରମ୍ଭ କରିଥିଲା। ଏହାର ସ୍ଥାନୀୟ ୟୁନିଟ୍‌ରେ ୮୯ ପ୍ରତିଶତ ଅଂଶଧନ ଜାପାନ କମ୍ପାନୀ ନିକଟରେ ରହିଛି। ଭାରତରେ କମ୍ପାନୀର ବଜାର ଅଂଶ ଆଖିଦୃଶିଆ ନୁହେଁ। ଅଗଷ୍ଟରେ ଏହା ୨.୯ ପ୍ରତିଶତ ରହିଛି। ବର୍ଷକ ପୂର୍ବେ ଏହା ୫% ଥିଲା ବୋଲି ଅଟୋମୋବାଇଲ ଡିଲର ମହାସଂଘ ପକ୍ଷରୁ ଏହି ସୂଚନା ମିଳିଛି।

ଭାରତରେ କାର, ଦୁଇଚକିଆ ଏବଂ ସ୍ପୋର୍ଟ୍ସ ୟୁଟିଲିଟି ଭେଇକିଲ୍ (ଏସ୍‌ୟୁଭି) ଆଦି ମୋଟର ଯାନ ସର୍ବୋଚ୍ଚ ୨୮% ଟିକସି ଲାଗୁ ହେଉଛି। ଏହାଛଡ଼ା କାର ବର୍ଗ, ଲମ୍ବ

### ପ୍ରଥମ ପୃଷ୍ଠାରୁ...

ଓ ଇଞ୍ଜିନର ଶକ୍ତି ଅନୁଯାୟୀ ୧ ରୁ ୨୨ ପ୍ରତିଶତ ଯାଏ ଅତିରିକ୍ତ ଟିକସ ଲାଗୁଛି। ଉଦାହରଣ ସ୍ୱରୂପ ୪ମିଟର ଲମ୍ବ ଏସ୍‌ୟୁଭି ଯାହାର ୧୫୦୦ ସିସି ଇଞ୍ଜିନ ଥିବ, ତାହା ୫୦% ଟିକସ ଧାର୍ଯ୍ୟ ହେଉଛି।

ସାଧାରଣତଃ ବିଳାସପୂର୍ଣ୍ଣ ସାମଗ୍ରୀ ଏବଂ ମାଦକଦ୍ରବ୍ୟ ଉପରେ ଅତିରିକ୍ତ ଟିକସ ବସାଯାଇଥାଏ। କାର ଉପରେ ଅତ୍ୟଧିକ କର ବସାଯାଉଥିବାରୁ ମୋଟରଯାନ ବ୍ୟବସାୟକୁ ବଢ଼ାଇବାକୁ ଦିଆଯାଉନାହିଁ। ଭାରତ ସରକାରଙ୍କ ଅର୍ଥନୈତିକ ଯୋଜନା ଅନୁଯାୟୀ ବିଦେଶୀ ନିବେଶକଙ୍କୁ ୨୩ବିଲିୟନ ଡଲାର ପ୍ରୋତ୍ସାହନ ଦେଇ ଆକୃଷ୍ଟ କରିବାକୁ ଚିନ୍ତା କରାଯାଉଛି। ହେଲେ ଅଧିକ ଟିକସ ଯୋଗୁ ବିଶ୍ୱର ୪ର୍ଥ ବୃହତ୍ କାର ନିର୍ମାଣକାରୀ ଦେଶ ଭାବେ ପରିଗଣିତ ଭାରତ ବଜାରରେ ଅନ୍ତର୍ଜାତୀୟ ମୋଟରଯାନ ନିର୍ମାଣକାରୀସଂସ୍ଥାଗୁଡ଼ିକ ବ୍ୟବସାୟ ବଢ଼ାଇବାକୁ ସଂଗ୍ରାମ କରୁଛନ୍ତି।

ଜେନେରାଲ ମୋଟର କମ୍ପାନୀ ୨୦୧୭ରେ ଭାରତ ଛାଡ଼ିଥିଲା। ଗତବର୍ଷ ଫୋର୍ଡ ମୋଟର କମ୍ପାନୀ ତା'ର ଭାରତୀୟ ବଜାରର ଅଧିକାଂଶ ସମ୍ପତ୍ତିକୁ ନେଇ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସହ ଯୌଥ ଉଦ୍ୟୋଗରେ ସାମିଲ ହେବା ଲାଗି ଚୁକ୍ତି କରିଥିଲା। ଗତ ଦୁଇ ଦଶନ୍ଧି ଧରି ଭାରତୀୟ ଗ୍ରାହକଙ୍କୁ ଆକର୍ଷିତ କରିବାରେ ବିଫଳ ହେବା ପରେ ଫୋର୍ଡ ଏଭଳି ନିଷ୍ପତ୍ତି ନେଇଥିଲା।

ଅତ୍ୟଧିକ ଟିକସ ବିଦେଶୀ ପୁଞ୍ଜିନିବେଶକୁ ନିରୁତ୍ସାହିତ କରିଥିବା ବେଳେ ଗାଡ଼ି ନିର୍ମାତାଙ୍କ ଲାଭ କମାଇ ଦେଉଛି ବୋଲି ବିଶ୍ୱନାଥନ୍ କହିଛନ୍ତି। ଅଟୋ କ୍ଷେତ୍ରକୁ ତମ୍ବା କିମ୍ବା ମଦ ତିଆରି କରୁଥିବା ୟୁନିଟ ଭଳି ସରକାର ବିଚାର କରୁଥିବା ସେ ଅଭିଯୋଗ କରିଛନ୍ତି। ଇଲେକ୍ଟ୍ରିକ୍ ଭେଇକିଲ୍ ଉପରେ ଏବେ ୫ ପ୍ରତିଶତ ଟିକସ ବସାଯାଉଛି। ଆଗକୁ ଏହାର ବିକ୍ରି ବଢ଼ିଲେ ଟିକସ ପ୍ରତିଶତ ବଢ଼ିବ ବୋଲି ବିଶ୍ୱନାଥନ୍ କହିଛନ୍ତି।

କାର ନିର୍ମାତାଙ୍କ ପକ୍ଷରୁ ଟିକସକୁ ନେଇ ଆପତ୍ତି ଉଠାଯିବା ପରେ ଭାରି ଉଦ୍ୟୋଗ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେ, ଟିକସ ହ୍ରାସ ନେଇ ଆଲୋଚନା ଚାଲିଛି। ଏନେଇ ଅର୍ଥ ମନ୍ତ୍ରଣାଳୟ ମୁଖପାତ୍ରଙ୍କ ମନ୍ତବ୍ୟ ଜାଣିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ମିଳିପାରିନାହିଁ। କରୋନା ଭାଇରସ୍ ଜନିତ ମହାମାରୀ ଯୋଗୁ ଗାଡ଼ି ନିର୍ମାଣକାରୀ ସଂସ୍ଥା ଘୋର ଦୁର୍ଦ୍ଦିନ ଦେଇ ଗତି କରୁଛି। ଇତିମଧ୍ୟରେ ୫ ଲକ୍ଷ ଲୋକ ଚାକିରି ହରାଇଲେଣି। ଏକ ଲବି ଗ୍ରୁପ୍ ଆକଳନ କରିଛି ଯେ, ଆର୍ଥିକ ମାନ୍ଦାବସ୍ଥାର ପୂର୍ବାବସ୍ଥା ସମୟରେ ହେଉଥିବା ବିକ୍ରିସ୍ତରକୁ ଫେରିବା ଲାଗି ସର୍ବନିମ୍ନ ୪ ବର୍ଷ ଲାଗିଯିବ। ଏବେ ସୁଜୁକି ଓ ହ୍ୟୁଣ୍ଡାଇ ମୋଟର କମ୍ପାନୀର ସ୍ଥାନୀୟ ୟୁନିଟ୍‌ଗୁଡ଼ିକ କାର ବଜାରରେ ସ୍ଥିତି ବଜାୟ ରଖିଛନ୍ତି। କାର ବଜାର ୭୦ ପ୍ରତିଶତ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ଓ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିଃ ଅକ୍ତିଆର କରିଛନ୍ତି। ଟୟୋଟା ମୁଖ୍ୟତଃ ହାଇବ୍ରିଡ୍ ଯାନ ନିର୍ମାଣ କରୁଥିବାରୁ ପ୍ରାୟ ୪୩ ପ୍ରତିଶତ ଟିକସ ଦେବାକୁ ପଡୁଛି।

ଏ ଦେଶରେ ଅଳ୍ପ ଲୋକ କାର ମାଲିକ ହୋଇଥାନ୍ତି। ତା'ଛଡ଼ା ପରିବେଶ ଉପଯୋଗୀ ବିଶେଷକରି ଇଲେକ୍ଟ୍ରୋନିକ୍ ଭେଇକିଲ୍ କିମ୍ବା ସେଇ ଶ୍ରେଣୀୟ ହାଇବ୍ରିଡ୍ ଗାଡ଼ି ପ୍ରତି ଆଗ୍ରହ ବଢ଼ୁଛି। ଟେଲ୍‌ସା ଇଙ୍କ୍‌ର ପ୍ରତିଷ୍ଠାତା ବିଲିୟନେୟାର ଏଲନ୍ ମସ୍କ କହିଛନ୍ତି ଯେ, ଆମଦାନୀ ଶୁଳ୍କ ଯୋଗୁ ତାଙ୍କ ଯାନ ଭାରତରେ କିଣିବାକୁ ସେଭଳି ଆଗ୍ରହ ଦେଖାଦେଇ ନ ପାରେ। ଅର୍ଥାତ୍ ଅତ୍ୟଧିକ ଟିକସ ବ୍ୟବସ୍ଥା ଭାରତରେ କାର ନିର୍ମାତାଙ୍କୁ ପ୍ରୋତ୍ସାହିତ କରିବା ଅପେକ୍ଷା ନିରୁତ୍ସାହିତ କରୁଛି ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜିର କର୍ମକ୍ଷେତ୍ରରେ, ଆନୁଷ୍ଠାନିକ କାମରେ, ସେବା ମନୋବୃତ୍ତିରୁ ପ୍ରଶଂସିତ ହେବେ। ପିଲାଙ୍କ ଶିକ୍ଷା ଓ ଆଗାମୀ ପରୀକ୍ଷା ସମସ୍ୟା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ସଚେତନତା ଅଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାର କାରଣ ହେବ।

**ବୃଷ** – ସାମାଜିକ ସ୍ତରରେ ଅର୍ଥ ଓ ସମ୍ମାନ ମିଳିବା ଦିଗରେ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡିବ। ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହୋଇପାରେ। ରାଜନୈତିକ କ୍ଷେତ୍ରରେ ସାଂଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢିଯିବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** – ଆପଣ ମନେ ମନେ ଚିନ୍ତା କରିଥିବା କାମଗୁଡିକ ଆଜି ବାସ୍ତବରେ ଓଲଟା ହେବ। ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହେବ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସ୍ କାମର କେତେକ ଘଟଣାର ବିବରଣୀ ସମୂହ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ** – କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଖୁସୀ ରହିବେ।

**ସିଂହ** – ବିଭିନ୍ନ ସମସ୍ୟା ମଧ୍ୟରେ କୌଣସି ନିଶ୍ଚିତ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ ନାହିଁ। ବାନିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ଅଫିସରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**କନ୍ୟା** – ସ୍ୱଜନଶତ୍ରୁତା ଯୋଗୁଁ କାର୍ଯ୍ୟଗୁଡିକ ମଧ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ଆର୍ଥିକ ସ୍ଥିତି ଉନ୍ନତ ରହିବା ସହ ପାରିବାରିକ ଜୀବନ ସୁଖରେ ଅତିବାହିତ କରିବେ। କିନ୍ତୁ ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନା ପଡି ସମାଲୋଚିତ ହେବେ।।

**ତୁଳା** – କର୍ମକ୍ଷେତ୍ରରେ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଦେଖାଯିବ, ଫଳରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ପଡୋଶୀମାନେ ଆପଣଙ୍କର ସାହାଯ୍ୟ ପ୍ରାର୍ଥୀ ହେବେ।

**ବିଛା** – ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସୀ ହୋଇଯିବେ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ଅଧିକ ସମୟ କଟିବ। ସଂଗଠନ, ରାଜନୀତି, ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ। ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁ ନାହିଁ।

**ଧନୁ** – ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିବେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ, ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଆଜିର ଦୂରଯାତ୍ରା ସଫଳ ହେବ ଓ ଆଶା ମଧ୍ୟ ପୂରଣ ହୋଇପାରିବ। ପରିଜନଙ୍କ ସହ ଭ୍ରମଣ ସୁଯୋଗ ପାଇ ଏକ ପ୍ରକାର ଖୁସୀ ରହିବେ।


**ମକର** – କାମ ହାସଲ ହେବା କାରଣରୁ ମାନସିକ ସ୍ଥିତି ଏକ ପ୍ରକାର ଭଲ ରହିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳ ବଦଳ ହୋଇ ଯାଇପାରେ। ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** – ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ। କାର୍ଯ୍ୟହାନି ସଙ୍ଗକୁ ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟି କରିବ। ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡି ଚାଲିବ। ମାନସିକ ସ୍ତରରେ ଯନ୍ତ୍ରଣା ଅନୁଭବ କରିବେ।

**ମୀନ** – କର୍ମକ୍ଷେତ୍ରରେ ଅପ୍ରିୟ ସତ କହି ବିରୋଧୀ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

ଆଜି କନ୍ୟାସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ବଜ୍ରକାଳିକାପୂଜା, ଆଶ୍ୱିନକୃଷ୍ଣ ଚତୁର୍ଦ୍ଦଶୀ ବୁଧବାର, ସେପ୍ଟେମ୍ବର୧୬ତାରିଖ, ବିଶ୍ୱ ଓଜୋନ ଦିବସ, ଅମାବାସ୍ୟାର ନିଶାପାଳନ, ଦିବା ଘ.୧୨.୧୯ମି.ଗତେ, ରାଶି ନକ୍ଷତ୍ର- ପୂର୍ବାଫାଲଗୁନୀ/ସିଂହ, କର୍କଟ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୭ମି.ଗତେ ଘ.୦୬.୨୬ମି.ମଧ୍ୟେ, ଘ.୦୭.୧୪ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୮ମି.ଗତେ ଘ.୧୨.୫୩ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୩୨ମି.ଗତେ ଘ.୦୭.୧୯ମି.ମଧ୍ୟେ, ରାତ୍ରି ଘ.୦୮.୫୪ମି.ଗତେ ଘ.୦୩.୧୫ମି.ମଧ୍ୟେ, ଘ.୦୪.୦୨ମି.ଗତେ ଘ.୦୫.୩୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୬.୨୬ମି. ଗତେ ଘ.୦୭.୧୪ମି.ମଧ୍ୟେ, ଦିବା ଘ.୦୧.୪୨ମି.ଗତେ ଘ.୦୪.୦୭ମି.ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୪୧ମି.ଗତେ ଘ.୦୧.୧୨ମି.ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

ଘରଜୋଇଁଆ ପାଇଁ ପ୍ରସ୍ତୁତ ଗୋପାଳଜାତିର ପୁଅ 1988/ +2, ITI ପ୍ରାଇଭେଟ୍ ଚାକିରି। 9078936157, 9238578590. D-69340

Handsome Brahmin boy B.Tech, Railway Engineer/ 32+. Suhag: 7978399083, 9090486408. D-69437

**GROOM WANTED**

56age Anganbadi Supervisor କରଣ ଝିଅଙ୍କୁ any caste ପୁଅ ଦରକାର। 7381366108. D-67956

For 28yr Gudia beautiful ASO bride, ASO groom preferred. Officials from govt/ bank/psu belongs to Gudia, Brahmin, Karan & Khandayat may apply.Contact- 9937299609. D-18250

Age 34 Government ଚାକିରି କରିଥିବା ସୁନ୍ଦର କରଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। Contact: 7077999816. D-18264




**SALE**

ଧଉଳି ନୂଆବ୍ରିଜ୍ ନିକଟରେ ବାସୋପଯୋଗୀ ଘରବାରି ପ୍ଲଟ୍ outrightରେ ମିଳୁଛି। 8327774136. D-69342

**Booking open for 3BHK Luxurious & premium flat at Surya Nagar, Bhubaneswar, genuine buyer contact- DEEPAK- 9937329999.** D-69916

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

**Individual bangalow for sale at Hanspal Square, Bhubaneswar close to NH walking distance. Contact: 9439853684, 9938424085.** D-18221

A prime location plot having 2000sqft. immediate for sale at Baramunda, Bhubaneswar. Price-87lakhs (No Brokers). Contact: 8260595320. D-69743

**Plot for immediate sale at Saheed Nagar 6000sft. (GA Plot), 2400sft at Sum Hospital (BDA Plot), 33000sft. Mancheswar (IDCO plot) & 4000sft plot at Palasuni (200 meters from NH) Bhubaneswar, buyers Contact- DEEPAK- 9937329999.** D-69914

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/-, 9938016295. D-69163

**Ready to move housing project Simplex, Duplex, flat available at Smartcity, Bhubaneswar (Nationalised Bank loan facilities). 9437677099.** D-69165

ଭୁବନେଶ୍ୱର Gudiapokhari ଏବଂ KECଠାରେ ଅଗ୍ରିମ boundarywall, 30ft. road ଏବଂ ବାସଉପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-18223

**Plot sale near AIIMS Hospital, Bhubaneswar with 30' road, 9439206202.** D-69161

Urgent sale of land 15000sqft near Xavier University, Bhubaneswar, Rs. 2300 per sqft. Whatsapp the owner 9437513333. D-18239

**2BHK flat near Tamando Square (close to market). 9937166932.** D-69343

**Gharabari developed plot with boundary near Phulnakhara (Synergy College). 9439487505.** D-69344

**GENERAL SALE**

**1. Fully furnished flat No. B-506, 5th floor Gymkhana Palm Height near Sum Hospital, Bhubaneswar front south facing flat. 2. Verna Vehicle (vehicle No. OD02AX7761) Registered on 31.08.2018. 3. Bolero Pickup (vehicle No. OR02BZ9485) registered on 28.08.2012. 4. Micra Vehicle (vehicle No. OR02BV1467) registered on 21.01.2012. Contact No: 9873669329, 9437028801.** D-18256




**Well furnished room ready to move Guest House/ Hostel (boys) purpose with wi-fi facilities near lewies road Ravi Talkies. Contact: 9348491124, 6372919855.** D-69544

ସାମନ୍ତରାୟପୁର ପାଖ ରାସ୍ତାକଡ଼େ ଅଫିସ୍, ବ୍ୟାଙ୍କ, ଗୋଦାମ, ଦୋକାନ ଭଡ଼ାଦିଆଯିବ। 7609836849, 9337065883, 9861416754. D-67760

2BHK simplex 28,00,000/- finishing Hanspal, Low cost plot-Atala. 8093465134 D-69622




Get good massage for your health the best therapy SPA station. 7655024727, 8118079281. D-69542

Rejuvenate and Ayurvedic full body massage by smart therapist. 9348123330. D-69750

Refresh your mind and soul with best therapy at Orchid Salon/ Spa, 9937287222. D-69541

Newly open spa centre smart therapist body massage,Bamikhal, 7205187702. D-59960

Newly open spa centre smart therapist body massage, Rasulgarh: 7846814019. D-59959

Get refreshment body massage by expert therapist contact for. 9556978408. D-69746

Newly open full body massage SPA in Bhubaneswar. Contact: 7205058838. D-69749

Swarna SPA newly open positively health benefits with expert therapist. 7873794731. D-69747

Herbal full body massage by smart / expert therapist. Contact: 8338067247. D-69745

Monalisa massage club : All types body massage with hiprofile smart lady rooms service available 9708545108. D-18240

**AFFIDAVIT**

Affidavit before Executive Magistrate, Dhenkanal, dtd. 07.07.2020, my name has changed from Mamata Mohanty to Soumyashri Rout. Mamata Mohanty and Soumyashri Rout is same and one person. Henceforth I shall be known as Soumyashri Rout, W/o. Nrusingha Charan Rout, Vill-Joranda, PO-Mahimagadi, PS-Gondia, Dist-Dhenkanal for all purposes. D-66879

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

Notice for Loss of Documents: Notice is hereby given on behalf of my client LICHFL, at Chandrasekharpur, Bhubaneswar for advancing housing loan to Smt. Hualsa Samal & Mr. Kanhu Charan Samal on her property at plot No. 123/ 2606, Area Ac0.50 decimals of Khata No. 1105/ 236, Mouza- Harirajpur, Tahasil- Dampada, Dist- Cuttack. But it was found that, his brother Mr. Biswajit Samal has misplaced the original link ROR bearing Khata No. 1105/ 236 of Mr. Prasant Kumar Swain. While coming home from Banki Bazar on 10th July 2019 and not traceable. Therefore notice is hereby given to general public that if anybody has got any right, title interest over the property on the missing document, or on the above property they have to claim before the LICHFL, at IPICOL House within 15days from the date of publication and after that the documents will lose its legal force and LICHFL will not be responsible for any claim, what-so-ever on the property after 15days. Address for Communication: LICHFL Branch, Chandrasekharpur, N.C. Pattnaik (Advocate), Mob: 9853311189. D-69915

**ଜନ୍ମଦିନ ଶୁଭେଚ୍ଛା**



ସୁଟୁନୀ

**ଶ୍ରୀମାନ୍ ଧ୍ରୁବ୍**

ସମେଇଗଡିଆ, ମଞ୍ଚେଶ୍ୱର, ଭୁବନେଶ୍ୱର-୧୦
ତୋର ୩ୟ ଜନ୍ମବାର୍ଷିକୀ ତିଥି ଅବସରରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ।

-:ଶୁଭେଚ୍ଛା ସହ:-
ବାବା, ମାମା, ଜେଜେ, ବଡ଼ମା, ପିଉସା, ମାଉସୀ, ଗୁରୁଜନମାନେ।
ଧ-୧୮୨୪୬

# ଶ୍ରମିକଙ୍କ ମଜୁରି ସିଧାସଳଖ ଆକାଉଣ୍ଟକୁ ଯିବ

■ ଇ-ମଷ୍ଟରରୋଲ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
■ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ ୧୦ କୋଟିର ପ୍ରକଳ୍ପ

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ସମସ୍ତ ବିଭାଗ ଦ୍ୱାରା ହେଉଥିବା କାର୍ଯ୍ୟରେ ଶ୍ରମିକମାନଙ୍କ ମଜୁରିକୁ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଶ୍ରମିକମାନଙ୍କୁ ସେମାନଙ୍କ ଦେୟ ଦେବାକୁ ଆଉ ମଧ୍ୟସ୍ଥ ରହିବେ ନାହିଁ। ଏଥିପାଇଁ କାର୍ଯ୍ୟକାରୀ ହେବ ଇ-ମଷ୍ଟର ରୋଲ। ଇ-ମଷ୍ଟର ରୋଲ ଓ ବ୍ୟାଙ୍କ ଜରିଆରେ ଶ୍ରମିକମାନଙ୍କ ଆକାଉଣ୍ଟକୁ ସିଧାସଳଖ ସେମାନଙ୍କ ମଜୁରି ଯିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଏହି ବ୍ୟବସ୍ଥା ଲାଗୁ କରାଯିବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇ-ମଷ୍ଟର ରୋଲ ଓ ବ୍ୟାଙ୍କ ପେମେଣ୍ଟ ୫-ଟି କାର୍ଯ୍ୟକ୍ରମର ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଏହାଦ୍ୱାର ପ୍ରଶାସନିକ କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଆସି ପାରିବ। ଇଲେକ୍ଟ୍ରୋନିକ ଫର୍ମାଟ୍ କାର୍ଯ୍ୟକାରୀ ହେଲେ ଏଥିରେ କୌଣସି ଅନିୟମିତତା ହେବ ନାହିଁ। ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ସମସ୍ତ କାର୍ଯ୍ୟ ପାଇଁ ଶ୍ରମିକମାନଙ୍କୁ ସିଧା ସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇ ପାରିବ। ଏହାଦ୍ୱାରା ଶ୍ରମିକମାନଙ୍କର ପ୍ରାପ୍ୟ, ଇଏସ୍ଆଇ ଓ ଇପିଏଫ୍ ଠିକ୍ ସମୟରେ ଜମା ହେଉଛି କି ନାହିଁ ତାହା ମଧ୍ୟ କଡ଼ାକଡି କରାଯାଇ ପାରିବ। ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ପ୍ରଥମ ପର୍ଯ୍ୟାୟରେ ପୂର୍ତ୍ତ, ଜଳ ସମ୍ପଦ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଶୁଭାରମ୍ଭ କରାଯିବ। ୨୦୨୧ ଜାନୁୟାରୀ ପହିଲା ସୁଦ୍ଧା ଇ-ମଷ୍ଟର ରୋଲ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ବିଭାଗ ନିଜ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟରେ ବୈଷୟିକ ଜ୍ଞାନ କୌଶଳକୁ ବହୁଳ କାର୍ଯ୍ୟକାରୀ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । କର୍ମଚାରୀ ଓ ମାନବ ସମ୍ବଳର ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି ଓ ପ୍ରଶିକ୍ଷଣକୁ ଗୁରୁତ୍ୱାରୋପ କରିଛନ୍ତି । ବ୍ୟାଙ୍କ ଓ ଅନ୍ୟ ସଂସ୍ଥାଗୁଡିକୁ ଏ ନେଇ ଅଧିକ କ୍ରିୟାଶୀଳ କରିବା ଦରକାର। ପୂର୍ତ୍ତ ବିଭାଗ ଏହି କାର୍ଯ୍ୟକ୍ରମର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମ ପାଇଁ ପୁରସ୍କାର ଏବଂ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଯୋଗ ଦେଇଥିଲେ।



## ସଂକ୍ଷେପରେ

### ବନ୍ୟାଞ୍ଚଳ ପରିଦର୍ଶନ: ଆଜି ଆସୁଛନ୍ତି କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର ୧୫।୯(ବ୍ୟୁରୋ): ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ପାଇଁ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କେନ୍ଦ୍ରୀୟ ଟିମ ଓଡିଶା ଗସ୍ତରେ ଆସୁଛନ୍ତି। ବୁଧବାର ପୂର୍ବାହ୍ନରେ ଏହି ଟିମ୍ ଭୁବନେଶ୍ୱର ଠାରେ ପହଞ୍ଚିବେ। କେନ୍ଦ୍ର ଗୃହ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ(ଏଲଡବ୍ଲୁଇ) ପ୍ରବୀଣ ବଶିଷ୍ଠଙ୍କ ନେତୃତ୍ୱରେ ଏହି ଟିମ ଅଗଷ୍ଟରେ ହୋଇଥିବା ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବେ। ଏହି ଟିମ୍‌ରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଜଳ ସମ୍ପଦ, ଭୂପୃଷ୍ଠ ପରିବହନ ଓ ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ଏବଂ ଅର୍ଥ ମନ୍ତ୍ରଣାଳୟରୁ ସଦସ୍ୟ ରହିଛନ୍ତି। ଏହି ଟିମ୍ ସଦସ୍ୟମାନେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ପୁରୀ ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଦୁଇ ଦିନିଆ ଗସ୍ତ କରିବେ। ଆସନ୍ତା ୧୭ରେ ଅପରାହ୍ନ ୫ଟାରେ କେନ୍ଦ୍ରୀୟ ଟିମ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିବେ। ସେହିଦିନ ସନ୍ଧ୍ୟାରେ କେନ୍ଦ୍ରୀୟ ଟିମ୍ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

### ପାଣି ପାଇଁ ରାସ୍ତାରୋକୋ

ଟିଟିଲାଗଡ଼,୧୫।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ସହର ୱାର୍ଡ ନମ୍ବର ୧ ସର୍ଗିଗୁଡାରେ ପାନୀୟ ଜଳ ସମସ୍ୟା ସଙ୍ଗୀନ ରୂପ ନେଇଛି। ସାତ ଦିନରେ ଥରେ ଏଠାରେ ପାନୀୟ ଜଳ ଯୋଗାଣ ହେଉଛି। ଏହାର ପ୍ରତିବାଦ କରି ମଙ୍ଗଳବାର ୱାର୍ଡର ବାସିନ୍ଦାମାନେ ଟିଟିଲାଗଡ-ବଲାଙ୍ଗୀର ରାସ୍ତାକୁ ଅବରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ବିଭାଗୀୟ ନିଷ୍କ୍ରିୟତା ଯୋଗୁ କେତେକ ଲୋକେ ପିଏଚଡିରୁ ଏକାଧିକ ସଂଯୋଗ ନେଇ ଅଥବା ଚୋରାରେ ମୋଟର ଖଞ୍ଜି ନିଜ ଘରେ ଭଡା ରହୁଥିବା ଲୋକଙ୍କୁ ପାଣି ଯୋଗାଉଛନ୍ତି। ହେଲେ ଷ୍ଟାଣ୍ଡପୋଷ୍ଟ ଉପରେ ନିର୍ଭର କରୁଥିବା ଲୋକଙ୍କୁ ପାଣି ଟୋପାଏ ମିଳୁନାହିଁ ବୋଲି ପଡାର ତ୍ରିବେଣୀ ନାଗ, ନୀଳିମା ସାହୁ, ନୀର ନେତାମ, ମାନସୀ ସାହୁ, ଜ୍ୟୋତି କୁମ୍ଭାର, ଛାୟା ବାଗ ପ୍ରମୁଖ ମହିଳା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ତହସିଲଦାର ଆନନ୍ଦ ପଣ୍ଡା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ଏଥିରୁ କୌଣସି ସୁଫଳ ମିଳି ନ ଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ମହିଳାମାନେ ରାସ୍ତା ଅବରୋଧ ଜାରି ରଖିଛନ୍ତି।

# କରୋନା: ଓଡ଼ିଶାରେ ମୃତ୍ୟୁ ହାର ଜାତୀୟଠୁ କମ୍

**ଖୁସିବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ**

■ ଦେଶରେ ମୃତ୍ୟୁହାର ୧.୬୫%, ଓଡ଼ିଶାରେ ୦.୪୨%
■ ରାଜ୍ୟରେ ଆଉ ୩୬୪୫ ଆକ୍ରାନ୍ତ, ୮ ମୃତ, ୩୭୧୪ ସୁସ୍ଥ
■ ମୋଟ ୧,୫୮,୬୫୦ ସଂକ୍ରମିତ, ୩୨,୯୧୨ ସକ୍ରିୟ
■ ବୌଦ୍ଧ ଜିଲାରେ ପ୍ରଥମ କରୋନା ମୃତ୍ୟୁ

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ରାଜ୍ୟରେ କରୋନାସ୍ଥିତି ଅଣାୟତ୍ତ ସ୍ଥିତିରେ ରହିଛି। ସଂକ୍ରମଣ ସହ ମୃତ୍ୟୁ ମଧ୍ୟ ବଢୁଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୩,୬୪୫ଜଣ ସଂକ୍ରମିତ ହୋଇଥିବାବେଳେ ୮ଜଣଙ୍କ ମୃତ୍ୟୁ ହୋଇଛି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧,୫୮,୬୫୦ରେ ପହଞ୍ଚିଥିବାବେଳେ ମୃତ୍ୟୁ ୬୪୫ ଛୁଇଁଛି। ହେଲେ ଜାତୀୟ ସ୍ଥିତି ତୁଳନାରେ ଓଡ଼ିଶା ଭଲରେ ଅଛି। ବିଶେଷକରି ମୃତ୍ୟୁ ହାର ବହୁତ କମ୍ ରହିଛି। ଦେଶରେ କରୋନାଜନିତ ମୃତ୍ୟୁହାର ୧.୬୫% ରହିଥିବାବେଳେ ଓଡ଼ିଶାରେ ମାତ୍ର ୦.୪୨% ରହିଛି। ଏହା ଦେଶର ତୃତୀୟ ସର୍ବନିମ୍ନ ମୃତ୍ୟୁ ହାର। ଆସାମରେ ସବୁଠାରୁ କମ୍ ୦.୩୨% ଓ ଦ୍ୱିତୀୟରେ ଥିବା କେରଳରେ ମୃତ୍ୟୁହାର ୦.୪୦% ରହିଛି। ରାଜ୍ୟରେ ମୃତ୍ୟୁହାର କମ୍ ରହିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିଛନ୍ତି। କୋଭିଡ୍ ମୁକାବିଲା ପାଇଁ ହୋଇଥିବା ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସହିତ ଉପଯୁକ୍ତ ଚିକିତ୍ସା ଯୋଗୁ ଅନେକ ଜୀବନକୁ ବଞ୍ଚାଇବାରେ ସଫଳ ହୋଇପାରିଛୁ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି।ଅପରପକ୍ଷରେ ସଂକ୍ରମଣରେ ଶୀର୍ଷରେ ରହିଥିବା ଖୋର୍ଦ୍ଧା ଜିଲାରେ ସ୍ଥିତି ସୁଧୁରୁନି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏହି ଜିଲାରୁ ପୁଣି ରାଜ୍ୟର ସର୍ବାଧିକ ୫୧୭ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିଭଳି କଟକ ୩୫୭, ପୁରୀ ୨୪୬, ବରଗଡ଼ ୧୫୭, ବାଲେଶ୍ୱର ୧୫୬, ଭଦ୍ରକ ୧୪୩, ମୟୂରଭଞ୍ଜ ୧୩୭, ସମ୍ବଲପୁର ୧୨୭ ଓ ଯାଜପୁରରୁ ୧୧୬ଜଣ ରହିଥିବାବେଳେ ବାକିସବୁ ଜିଲାରେ ଏହାଠାରୁ କମ୍ ଆକ୍ରାନ୍ତ ବାହାରିଛନ୍ତି। ସେହିଭଳି ଆଉ ୮ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି। କଟକ ଜିଲାରୁ ସର୍ବାଧିକ ୩ଜଣ ଥିବାବେଳେ ବୌଦ୍ଧ, କନ୍ଧମାଳ, ରାୟଗଡ଼ା, ସୁବର୍ଣ୍ଣପୁର ଓ ସମ୍ବଲପୁରରୁ ଜଣେ ଲେଖାଏ ରହିଛନ୍ତି। ତେବେ ବୌଦ୍ଧ ଜିଲାରେ ଏହା ହେଉଛି ପ୍ରଥମ କରୋନା ମୃତ୍ୟୁ। ଏହାକୁ ମିଶାଇ ରାଜ୍ୟର ୨୮ ଜିଲାରେ କରୋନା ମୃତ୍ୟୁ ହୋଇସାରିଥିବାବେଳେ କେବଳ ନୂଆପଡ଼ା ଓ ଦେବଗଡ଼ ବାକି ରହିଛି। ସେପଟେ ଦିନକରେ ଆଉ ୩,୭୧୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ଆରୋଗ୍ୟ ସଂଖ୍ୟା ୧,୨୫,୭୩୮କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ୩୨,୯୧୨ଜଣ ସକ୍ରିୟ ରୋଗୀ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

# ବିଡିଓଙ୍କୁ ଭାଜପାର ଦାବିପତ୍ର ପ୍ରଦାନ

ଜୁନାଗଡ,୧୫।୯(ଡି.ଏନ୍.ଏ): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛି ଭାଜପା। ମଙ୍ଗଳବାର ବ୍ଲକ ଭାଜପା ପକ୍ଷରୁ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ କାମ କରି ପ୍ରାପ୍ୟ ପାଇ ନ ଥିବା ଶ୍ରମିକଙ୍କୁ ମଜୁରି ପ୍ରଦାନ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାଦେଶ ପ୍ରଦାନ କରାଯାଉ। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଏମ୍‌ଜିଏନ୍‌ଆରଇଜିଏସ ପାଣ୍ଠିକୁ ହିତାଧିକାରୀଙ୍କୁ ପ୍ରଦାନ ନ କରି ଠିକାଦାରମାନେ ହରିଲୁଟ କରିବା ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନେକ ଜବକାର୍ଡ ଜିଆରଏସ୍ ଓ ଠିକାଦାରଙ୍କ ପାଖରେ ରଖାଯାଇ ବାରମ୍ବାର ଟଙ୍କା ଉଠାଣ କରାଯାଉଛି। ଏହାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। କାମ କରିଥିବା ଜବକାର୍ଡଧାରୀଙ୍କ ବଦଳରେ କାମ କରି ନ ଥିବା ଓ ସଂଗରୋଧ କେନ୍ଦ୍ରରେ ଥିବା ଶ୍ରମିକଙ୍କ ନାମରେ ବିଲ ଉଠାଣ ବନ୍ଦ କରାଯାଉ। ସବ୍‌ମାଇନର କେନାଲଗୁଡିକ ମରାମତି କରିବା ପାଇଁ ବ୍ଲକ ଓ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଛି। ଏଣୁ ଏହାକୁ ଗୁରୁତ୍ୱ ଦେଇ ସମସ୍ତ ପଞ୍ଚାୟତର ସବମାଇନର କେନାଲଗୁଡିକର ମରାମତି କରାଯାଉ ବୋଲି ଦାବିପତ୍ରରେ କୁହାଯାଇଛି। ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବିଡିଓ ମାରାଣ୍ଡି ପ୍ରକାଶ କରିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ମେହେର, ଶର୍ମିଷ୍ଠା ମେହେର, ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟ ମାଝୀ, ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲା ପରିଷଦ ସଭ୍ୟା କାଞ୍ଚନ ବାଗ, ଯାଜ୍ଞସିନୀ ମହାନନ୍ଦ, ବରିଷ୍ଠ ନେତା ଅଜୟ କୁମାର ପାଣିଗ୍ରାହୀ, ଜୁନାଗଡ ନଗର ସଭାପତି ଶିବରାମ ରାଉତ, ସତ୍ୟ ରଞ୍ଜନ ବେହେରା,ଲକ୍ଷ୍ମୀ ନାରାୟଣ ଭବାନୀ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

# ନିୟମ ଉଲ୍ଲଂଘନକାରୀ ଅଧିକାରୀଙ୍କୁ ଏଣିକି ଇଲେକ୍ଟ୍ରୋନିକ ନୋଟିସ

**ସଂଶୋଧନ ହେବ ଓଡ଼ିଶା ସ୍ଥାନୀୟ ପାଣ୍ଠି ଅଧିନିୟମ-୧୯୪୮**

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ନିୟମ ଉଲ୍ଲଂଘନକାରୀ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ବଦଳି ହେଲେ ମଧ୍ୟ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇ ପାରିବ। ଏଣିକି ସେହି ଅଧିକାରୀମାନଙ୍କୁ ଏଚ୍ଆର୍ଏମ୍ଏସ୍ ମଧ୍ୟରେ ଇଲେକ୍ଟ୍ରୋନିକ ନୋଟସି ଦିଆଯିବ। ପୂର୍ବରୁ ବ୍ୟକ୍ତିଗତ ଓ ସମୟୋଚିତ ଭାବେ ନୋଟିସ ଦିଆଯାଇ ପାରୁ ନ ଥିଲା। ରାଜ୍ୟ ସରକାର ସେଥିପାଇଁ ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଅଧିନିୟମ-୧୯୪୮କୁ ସଂଶୋଧନ କରିବେ । ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ପ୍ରଚଳିତ ଅଧିନିୟମ ଅନୁଯାୟୀ ସରକାରୀ ଅଧିକାରୀମାନେ ବଦଳି ହୋଇ ଯାଉଥିବାରୁ ତାହା ସମ୍ଭବ ହେଉ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ଉକ୍ତ ଅଧିନିୟମକୁ ସଂଶୋଧନ କରାଯାଇଛି। ସଂଶୋଧନ ପରେ ସରକାର ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ନିୟମ ଉଲ୍ଲଂଘନକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଇଲେକ୍ଟ୍ରୋନିକ ପଦ୍ଧତିରେ ନୋଟସି ଜାରି କରାଯାଇ ପାରିବ । ଆସନ୍ତା ବିଧାନସଭା ଅଧିବେଶନରେ ଏହି ସଂଶୋଧିତ ଅଧିନିୟମକୁ ଉପସ୍ଥାପନ କରାଯିବ।

**WANTED**
ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ଏକ ନୂଆ ଷ୍ଟାର୍ଟଅପ୍ ବିଜିନେସ୍ ପାଇଁ ଅଭିଜ୍ଞ ଷ୍ଟାଫ୍ ଦରକାର ।
**DTP OPERATOR & SUPPORTING STAFFS**
(experience in printing industry)
ଆଗ୍ରହୀ ପ୍ରାର୍ଥୀମାନେ ନିଜର ବାୟୋଡାଟାକୁ newstartup.bbsr@gmail.com କୁ ପଠାଇ ଦିଅନ୍ତୁ । Interview କେବଳ Whatsapp Video Call ମାଧ୍ୟମରେ କରାଯିବ । Whastapp :8249416516

**LeeRooy Bags**
Required Experienced
**SALES EXECUTIVE**
Bajrangi Traders Tusar Kanta Routaray C/O KRUPASINDHU ROUTRAY Sorboday Nagar Puri-2, Pin- 752002
9090405010,9509617373

**WANTED**
Field Supervisor for Sponge Iron Plant near Choudwar.
Contact:
7381075901
9437021279

**REQUIRED**
2 nos. of **Office Assistance** Salary 8000/-, **Branch Co-ordinator** Salary 11000/- **Visit : Urban Residency, Plot No-168, Krishna Vihar Apartment, Patrapada, Bhubaneswar Contact - 9861214749**

**Victus Dying Garment Division**
**ସିଲାଇ ଅପରେଟର ଆବଶ୍ୟକ ।** ପୁରୁଷ ଓ ମହିଳା କାମ ଜାଣିଥିବା ଏବଂ ନ ଜାଣିଥିବା ଆବେଦନ କରିପାରିବେ । କାମ ନ ଜାଣିଥିବା ବ୍ୟକ୍ତିଙ୍କୁ ଟ୍ରେନିଂ ଦିଆଯିବ। ଏଠାରେ ରହିବା, ଖାଇବା, ହଷ୍ଟେଲର ସୁବିଧା ଅଛି । ଯଦି କେହି କାମ କରିବାକୁ ଚାହୁଁଛନ୍ତି ତଳେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରନ୍ତୁ । ଯିବା ପାଇଁ କମ୍ପାନୀ ଗାଡ଼ିର ସୁବିଧା ଦିଆଯିବ।
ଦରମା – Rs.7500/– ରୁ Rs.12000/– ପର୍ଯ୍ୟନ୍ତ
ଯୋଗାଯୋଗ: **8895367501, 8489248494, 9777061694**

# ବିଶ୍ୱବିଦ୍ୟାଳୟ ଅଧ୍ୟାଦେଶକୁ ଧର୍ମେନ୍ଦ୍ରଙ୍କ ବିରୋଧ

**କେନ୍ଦ୍ର ମାନବସମ୍ବଳ ମନ୍ତ୍ରୀଙ୍କୁ ଲେଖିଲେ ଚିଠି**

ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ରାଜ୍ୟ ସରକାର ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି। ଏ ନେଇ ସରକାର ବିଧାନସଭାରେ ମଧ୍ୟ ଆଲୋଚନା କରିନାହାନ୍ତି। ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।ଏ ସଂକ୍ରାନ୍ତରେ ସେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ରମେଶ ପଖୋରିଆଲ ନିଶଙ୍କଙ୍କ ପାଖକୁ ଚିଠି ଲେଖିଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧ୍ୟାଦେଶକୁ ନେଇ ଶିକ୍ଷାବିତ୍, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଥିବା ନେଇ ଧର୍ମେନ୍ଦ୍ର ଚିଠିରେ ଅବଗତ କରାଇବା ସହ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶା ସରକାର ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାର ସ୍ୱାୟତ୍ତତାକୁ ସଙ୍କୁଚିତ କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଫେସର ଏମ୍.ସି. ଦାସ ଏବଂ ଜି.ବି.ଏନ୍. ଚଇନିଙ୍କ ତରଫରୁ ଏ ସଂକ୍ରାନ୍ତରେ ଅଭିଯୋଗପତ୍ର ମିଳିଥିଲା। ଏହି ପ୍ରସଙ୍ଗ ସମ୍ପର୍କରେ ସେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଜଣାଇଛନ୍ତି। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ବିଶ୍ୱବିଦ୍ୟାଳୟଗୁଡିକର ସ୍ୱାୟତ୍ତତାକୁ ସଙ୍କୁଚିତ କରିବାକୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯କୁ ପରିବର୍ତ୍ତନ କରାଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୦୫କୁ ଉଚ୍ଛେଦ କରି ବିଶ୍ୱବିଦ୍ୟାଳୟଗୁଡିକୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଅଣାଯାଇଛି। ସିଣ୍ଡିକେଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କ୍ଷୁଣ୍ଣ କରି ସର୍ଚ୍ଚ କମିଟିରେ ସରକାରଙ୍କ ପ୍ରତିନିଧି ରହିବାର ବ୍ୟବସ୍ଥା କରାଯାଇଛି। ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ଫାକଲଟି ଚୟନ ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟ ଭୂମିକାକୁ ଶେଷକରି ଓଡ଼ିଶା ଲୋକସେବା ଆୟୋଗକୁ ଦାୟିତ୍ୱ ଦିଆଯାଇଛି। ବିଶ୍ୱବିଦ୍ୟାଳୟ ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ କରିବାର ପରମ୍ପରାକୁ ମଧ୍ୟ ଶେଷ କରି ଦିଆଯାଇଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେବ। ଶିକ୍ଷା ସାମ୍ବିଧାନିକ ବ୍ୟବସ୍ଥାରେ ମିଳିତ ତାଲିକାରେ ଆସୁଥିବାରୁ ରାଜ୍ୟ ସରକାରଙ୍କ ଆଇନ କେନ୍ଦ୍ରନୀତିର ବିରୁଦ୍ଧାଚରଣ କରିପାରିବ ନାହିଁ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ବିଶ୍ୱବିଦ୍ୟାଳୟ ଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ସେ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।

**DIRECTORATE OF TECHNICAL EDUCATION & TRAINING, ODISHA**
**KILLAMAIDAN, BUXIBAZAR, CUTTACK-753001**
email: dacdtetodisha@gmail.com Website:http:/ www.dtetorissa.gov.in.
**DIPLOMA ADMISSION-2020**
No.KK-23:-
**NOTICE**
**Admission to 1st Semester Diploma in Engineering /Technology, Lateral Admission to 3rd Sem. Engineering/ Technology & 1st Sem./ 1st Year Non-Engineering/ Film & TV Courses**
The last date of Diploma Admission-2020 has been extended for on-line application upto 24.09.2020 for 1st Semester and 21.09.2020 for 3rd Semester (L.E.). For further details, please log on to **www.samsodisha.gov.in**
**Sd./- Director of Technical Education & Training**
OIPR-14004/11/0013/2021

# ଇଟାଲୀୟ ଫିଲ୍ମ ନିର୍ମାତାଙ୍କ ସହ ହାତ ମିଳାଇଲେ ଜିତେନ୍ଦ୍ର

**କୋଭିଡ୍ ଉପରେ ନିର୍ମାଣ କଲେ କ୍ଷୁଦ୍ର ଚଳଚ୍ଚିତ୍ର 'ହ୍ୟୁମାନ୍ ଓକ୍'**

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶା ଜନ୍ମିତ ଫିଲ୍ମ ପ୍ରଡ୍ୟୁସର୍ ଓ ପ୍ରମୋଟର ଜିତେନ୍ଦ୍ର ମିଶ୍ର ଇଟାଲୀର ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ପ୍ରଯୋଜକ ଉଲିସି ଲେଣ୍ଡାରୋଙ୍କ ସହ ହାତ ମିଳାଇଛନ୍ତି। ଉଭୟ ମିଶି ଚଳିତ କୋଭିଡ୍-୧୯ ମହାମାରୀ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ହ୍ୟୁମାନ୍ ଓକ୍' ନିର୍ମାଣ କରିଛନ୍ତି। ୧୫ ମିନିଟର ଏହି ଚଳଚ୍ଚିତ୍ର ଲକ୍‌ଡାଉନ୍ ସମୟରେ



ଉଲିସି ଲେଣ୍ଡାରୋଙ୍କ ସହ ଜିତେନ୍ଦ୍ର ମିଶ୍ର ।

ଅର୍ଥାତ୍ ଗତ ମାର୍ଚ୍ଚ ଓ ଏପ୍ରିଲରେ ଇଟାଲୀରେ ଶୁଟ୍ ହୋଇଛି। ଫିଲ୍ମର କାହାଣୀ ଲେଖିବା ସହ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଉଲିସି। ଫିଲ୍ମର ଲିଡ୍ ରୋଲ୍‌ରେ ଆଗଧାଡ଼ିର ଇଟାଲିଆନ୍ ଅଭିନେତ୍ରୀ ତଥା ପୂର୍ବତନ ମିସ୍ ଇଟାଲୀ ଆନା ଭେଲେ ଅଭିନୟ କରିଛନ୍ତି। କରୋନା ମହାମାରୀର କଠିନ ସମୟରେ ଏକ ସକାରାତ୍ମକ କାହାଣୀ ଓ ମାନବିକତାକୁ ନେଇ ଏହି ଫିଲ୍ମ ନିର୍ମାଣ ହୋଇଛି। ଫିଲ୍ମ ସମ୍ପର୍କରେ ସୂଚନା ଦେଇ ଜିତେନ୍ଦ୍ର କହିଛନ୍ତି, ଏହି ଫିଲ୍ମର ଭାରତ ସହ ସମ୍ପର୍କ ରହିଛି। ପର୍ସି ସେଲିଙ୍କ କବିତା ପୁସ୍ତକ 'ଓଡ୍ ଟୁ ଦି ୱେଷ୍ଟ ୱିଣ୍ଡ୍' ଉପରେ ଏହା ଆଧାରିତ ହୋଇଛି। ମହାତ୍ମା ଗାନ୍ଧୀ ଏବଂ ରବୀନ୍ଦ୍ରନାଥ ଟାଗୋରଙ୍କୁ ବ୍ୟକ୍ତିଗତଭାବେ ଜାଣିଥିବା ପର୍ସି ନିଜର ପ୍ରତ୍ୟେକ ପୁସ୍ତକରେ ଭାରତ ବିଷୟରେ ଉଲ୍ଲେଖ କରିଥାନ୍ତି। ସେଭଳି ଏହି ପୁସ୍ତକରେ ମଧ୍ୟ ସେ ଭାରତ କଥା ଲେଖିଛନ୍ତି। ଭାରତରେ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ ହେବା ପୂର୍ବରୁ ଏହାକୁ କେତେକ ପ୍ରସିଦ୍ଧ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ କରାଯିବ ବୋଲି ଜିତେନ୍ଦ୍ର କହିଛନ୍ତି।

'ଇମ୍‌ପରଫେକ୍ଟ ଏଜ୍' ପାଇଁ ଚର୍ଚ୍ଚାକୁ ଆସିଥିବା ଉଲିସି ଲେଣ୍ଡାରୋ ଏକାଧିକ ପୁରସ୍କାର ବିଜୟୀ ଚଳଚ୍ଚିତ୍ର ନିର୍ମାଣ କରି ବିଶ୍ୱ ଦରବାରରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଛନ୍ତି। ସେହିଭଳି ଓଡ଼ିଶା ଜନ୍ମିତ ଫିଲ୍ମ ପ୍ରମୋଟର ଜିତେନ୍ଦ୍ର ମିଶ୍ର ନିଜର ଅଭିନବ ପ୍ରମୋଶନ ଶୈଳୀ ପାଇଁ ଅଧିକ ଲୋକପ୍ରିୟ। ତାଙ୍କ ପ୍ରଯୋଜିତ ବହୁ ହିନ୍ଦୀ ଏବଂ ଇଂଲିଶ ଚଳଚ୍ଚିତ୍ର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବାସହ ପୁରସ୍କୃତ ହୋଇଛି।

**ODISHA JOINT ENTRANCE EXAMINATION - 2020**
**[ OJEE - 2020 ]**
No:-260 /OJEE 2020 Date:15-09-2020
**NOTICE REGARDING WEB COUNSELLING FOR B.TECH. / B.ARCH. / INT. M.SC. PROGRAMMES**
OJEE Web-based Counselling process for B.Tech. / B.Arch. / Int. M.Sc. will start tentatively in the 1st **week of October, 2020**. Hence, all students having JEE (MAIN) All India Rank (CRL) and interested to take part in OJEE counselling for admission to B.Tech./B.Arch./Int. M.Sc. courses in any Government or Private colleges of Odisha are to follow the OJEE Counselling process. They can get detailed information regarding counselling schedule, process and seat matrix etc. that will be made available, before commencement of counselling, in OJEE websites (**www.ojee.nic.in/ www.odishajee.com**).
At present, information such as seat matrix, opening and closing ranks of admission pertaining to last year (2019-20) are available in OJEE website for reference purpose.
Further, candidates are advised to obtain and keep ready with them, all necessary documents required like resident/nativity certificate, caste certificate, Income certificate for TFW claim etc. from appropriate authority well in advance to avoid last date rush.
**Sd/-**
**CHAIRMAN, OJEE, ODISHA**

**ELECTION COMMISSION OF INDIA**
Nirvachan Sadan, Ashoka Road, New Delhi-110001
*No. ECI/PN/58/2020* *Dated: 11th September, 2020*
**PRESS RELEASE**
**No. D-61:-** In continuation of the detailed instructions dated 10.10.2018 and 6.3.2020 issued by ECI in the matter of **publicity of criminal antecedents** by the contesting candidates as well as by the political parties nominating such candidates, it was discussed at length in the Commission's meeting today. Commission decided to further streamline the instructions concerning publicity of criminal antecedents by candidates concerned and by the political parties, who nominate them for elections. Commission has always emphasised on this moral yardstick for overall betterment of electoral democracy.
**2.** Highlights of the modified instructions are as follows:
**A. Revised Timeline for Publicity**
As per the revised guideline, the candidates as well as the political parties, regarding candidates nominated by them, will publish the details of criminal antecedents, if any, in newspapers and television in the following manner:
(i) **First publicity** : Within first 4 days of last date of withdrawal.
(ii) **Second publicity** : Within 5th to 8th day of last date of withdrawal.
(iii) **Third publicity** : From 9th day till the last day of campaign, i.e. two days prior to date of poll.
This timeline will help the voters in exercising their choices in more informed manner.
**B.** Regarding the publicity by uncontested winning candidates as well as the political parties who nominate them, it is clarified that **uncontested winner candidates** as well as the political parties who nominate them shall also publicise the criminal antecedents, if any, as prescribed for other contesting candidates and political parties.
**3.** As decided by the Commission, a Compendium of all instructions and formats issued so far, in this matter, is being published for the benefit of stakeholders. This will help in creating more awareness amongst the voters and other stakeholders.
**4.** All instructions, in this regard, must be complied by the contesting candidates with criminal antecedents and the political parties regarding their nominated candidates.
**5.** These modified instructions shall apply with immediate effect.
**Sd./- (PAWAN DIWAN)**
UNDER SECRETARY
OIPR-12001/11/0005/2021

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା- ଆମେ ନିଜକୁ ଜାଣିବା- ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା- କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ- ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। -ଶ୍ରୀମା

# ଶିକ୍ଷକ ନିଯୁକ୍ତି ଓ ବିଶ୍ୱବିଦ୍ୟାଳୟ ଅଧ୍ୟାଦେଶ



**ଅମରେନ୍ଦ୍ର ଦାସ**

ରାଜ୍ୟ କ୍ୟାବିନେଟର ଅନୁମୋଦନ ପରେ ସେପ୍ଟେମ୍ବର ୪, ୨୦୨୦ରେ ରାଜ୍ୟପାଳ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧ୍ୟାଦେଶ ଅନୁମୋଦନ କରିଛନ୍ତି। ଅଧ୍ୟାଦେଶର ପ୍ରଥମ ଭାଗରେ ଉଲ୍ଲେଖ ଅଛି ଯେ, ବିଧାନସଭା ଏବେ ବସୁ ନ ଥିବାରୁ ଏବଂ ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରି ରାଜ୍ୟପାଳ ହୃଦ୍‌ବୋଧ କଲେ ଯେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ରେ ତୁରନ୍ତ ସଂଶୋଧନ ଅଣାଯିବା ଅପରିହାର୍ଯ୍ୟ। କେଉଁ ଜରୁରିକାଳୀନ ପରିସ୍ଥିତି ଉପୁଜିଲାରୁ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଉପଭୋଗ କରୁଥିବା ଏକ ସରକାରଙ୍କୁ ଏମିତି ଏକ ଅଧ୍ୟାଦେଶ ଅତି ତରବରିଆ ଭାବରେ ଆଣିବାକୁ ପଡିଲା ତାହା ଏବେ ବି ଅସ୍ପଷ୍ଟ ରହୁଛି। ସାରା ରାଜ୍ୟର ନାଗରିକମାନେ କରୋନା କଟକଣା ମାନି ନିଜର ଜୀବନ ଜୀବିକାକୁ ବଞ୍ଚାଇବାର ଉପାୟ ଖୋଜୁଥିବାବେଳେ ଅତି ତରବରିଆ ଭାବରେ ଏହି ଅଧ୍ୟାଦେଶ ଅଣାଯିବାର ରହସ୍ୟ ଭେଦ କରିହେଉନି! ବିଶ୍ୱବିଦ୍ୟାଳୟ ହିତ ପାଇଁ ମଣୁଥିବା ଏହି ଅଧ୍ୟାଦେଶ ଆଣିବା ପୂର୍ବରୁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ଏବଂ ଗବେଷଣାରତ ଶିକ୍ଷକମାନଙ୍କୁ ପରାମର୍ଶ କରାଯାଇଛି କି?

ଅଧ୍ୟାଦେଶରେ ଯେଉଁ କେତୋଟି ଶୀର୍ଷକ ଉପରେ ବାଦବିବାଦ ଉପୁଜିଛି ତାହାହେଲା (୧) ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ବିଶ୍ୱବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ଏବଂ ରାଜ୍ୟ ଚୟନ ବୋର୍ଡ ଦ୍ୱାରା ଅଣ-ଶିକ୍ଷକ କର୍ମଚାରୀ ନିଯୁକ୍ତି; (୨) ବିଶ୍ୱବିଦ୍ୟାଳୟର ସିନେଟ ଉଚ୍ଛେଦ; (୩) ସିଣ୍ଡିକେଟର ସମ୍ପ୍ରସାରଣ ଏବଂ ସେଥିରେ ଉଚ୍ଚଶିକ୍ଷା ବିଭାଗର ସଚିବ କିମ୍ବା ତାଙ୍କର ପ୍ରତିନିଧି ରହିବାର ବ୍ୟବସ୍ଥା; (୪) କୁଳପତି ଚୟନ କମିଟିରେ ସିଣ୍ଡିକେଟର ପ୍ରତିନିଧିଙ୍କୁ ବାହାର କରି ତାଙ୍କ ଜାଗାରେ ଉଚ୍ଚ ଶିକ୍ଷାବିଭାଗର ପ୍ରତିନିଧି ହିସାବରେ ଜଣେ ଶିକ୍ଷାବିତ ରହିବେ ଏବଂ କୁଳାଧିପତିଙ୍କ ଦ୍ୱାରା ମନୋନୀତ ସଦସ୍ୟ କେବଳ ଜଣେ ପୂର୍ବତନ ମୁଖ୍ୟସଚିବ ବା କେନ୍ଦ୍ର ସଚିବ ପାହ୍ୟାର ଅଧିକାରୀ ହୋଇଥିବେ।

ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ନେଇ ଅନେକ ବାଦବିବାଦ ଉପୁଜିଛି। କେତେବେଳେ କୁଳପତିଙ୍କ ନିଯୁକ୍ତି ନେଇ ବିବାଦ ଉପୁଜିଛି ତ ଆଉ କେତେବେଳେ ଶିକ୍ଷକ ନିଯୁକ୍ତିକୁ ନେଇ। କୁଳପତିଙ୍କ ନିଯୁକ୍ତି ନେଇ ଯଦି କିଛି ବିବାଦ ଉପୁଜିଛି ତାହା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଦାୟୀ କରିବା ଯୁକ୍ତିସଙ୍ଗତ ନୁହେଁ। କୁଳପତିଙ୍କ ନିଯୁକ୍ତିରେ କିପରି ଅଧିକ ପାରଦର୍ଶିତା ଅଣାଯାଇପାରିବ ତା' ବିଷୟରେ ଅଧିକ ମାନସମନ୍ଥନ ଆବଶ୍ୟକ। ଠିକ୍ ସେହିପରି କୁଳପତିଙ୍କ କାର୍ଯ୍ୟକଳାପକୁ କିପରି ଅଧିକ ଉତ୍ତରଦାୟୀ କରିହେବ ତା' ଉପରେ ପୃଥକ୍ ଆଲୋଚନା ଆବଶ୍ୟକ।

ଏହି ଲେଖାରେ ଆମେ ଦୃଷ୍ଟିପାତ କରିବା ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନେଇ। ବିଗତ କିଛିବର୍ଷ ଧରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିଯୁକ୍ତିରେ ଯେଉଁ ସ୍ଥିତାବସ୍ଥା ଜାରି ରହିଛି ତା'ର ପ୍ରଥମ କାରଣ ହେଲା; ସଂରକ୍ଷଣ ନୀତିକୁ ନେଇ ବିବାଦ। ଏହି ବିବାଦ ଉଚ୍ଚନ୍ୟାୟାଳୟଠାରୁ ଆରମ୍ଭ କରି ସର୍ବୋଚ୍ଚନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏଥିପାଇଁ ହରଡଘଣାରେ ପଡିଛନ୍ତି। ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ ହେବାକୁ ଥିବା ସଂରକ୍ଷଣ ନୀତିକୁ ସ୍ପଷ୍ଟ କରିବାକୁ ଯାଇ ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ନିଜେ ଅପଦସ୍ଥ ହୋଇଛନ୍ତି। ବିବାଦଟି ହେଲା, ନିଯୁକ୍ତିର କେଉଁ ସୋପାନରେ ସଂରକ୍ଷଣ ନୀତି ଲାଗୁ ହେବ? ନିଯୁକ୍ତିର ପ୍ରାରମ୍ଭିକ ସୋପାନରେ ନା ପଦୋନ୍ନତିର ପ୍ରତିଟି ପାହାଚରେ? ସଂରକ୍ଷଣର ଆନୁପାତିକ ହିସାବ କେଉଁ ସ୍ତରରେ ହେବା ଉଚିତ? ବିଭାଗ ସ୍ତରରେ ନା ବିଶ୍ୱବିଦ୍ୟାଳୟ ସ୍ତରରେ? ମହିଳାଙ୍କ ପାଇଁ ସଂରକ୍ଷଣ ପୃଥକ୍ ଭାବରେ ହିସାବ ହେବ ନା ସଂରକ୍ଷଣ ଭିତରେ ସଂରକ୍ଷଣ ହିସାବ ହେବ?

ଦ୍ୱିତୀୟ ବିବାଦଟି ହେଲା କେଉଁ ନୀତି ଆଧାରରେ ଶିକ୍ଷକ ନିଯୁକ୍ତି ହେବ? ରାଜ୍ୟ ସରକାରଙ୍କର ଆଇନ ନା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ମାର୍ଗଦର୍ଶିକା ପାଳନ ହେବ? ବିଶ୍ୱବିଦ୍ୟାଳୟ ମାର୍ଗଦର୍ଶିକା ଅନୁସାରେ ଯଦି କୌଣସି ବିଶ୍ୱବିଦ୍ୟାଳୟ ନିଯୁକ୍ତି କରନ୍ତି, କେତେକ ପ୍ରାର୍ଥୀ ରାଜ୍ୟ ଆଇନ ଅନୁସାରେ କାହିଁକି ହେଲାନି ବୋଲି ନ୍ୟାୟାଳୟରେ ଅଭିଯୋଗ କରନ୍ତି। ଠିକ୍ ସେହିପରି ରାଜ୍ୟ ଆଇନ ଅନୁସାରେ ନିଯୁକ୍ତି ହେଲେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କର ମାର୍ଗଦର୍ଶିକାର ଉଲ୍ଲଂଘନ ହୋଇଛି ବୋଲି ଆଉ କିଛି ପ୍ରାର୍ଥୀ ନ୍ୟାୟାଳୟରେ ଅଭିଯୋଗ କରନ୍ତି।

ତୃତୀୟ ବିବାଦଟି ହେଲା ଚୁକ୍ତିଭିତ୍ତିକ ନିଯୁକ୍ତି ପାଇ ବର୍ଷବର୍ଷ ଧରି କାର୍ଯ୍ୟରତ ଶିକ୍ଷକ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କର ନିଯୁକ୍ତି ନିୟମିତ ହେବା ଉଚିତ ନା ଅନୁଚିତ?

ନୂଆ ଅଧ୍ୟାଦେଶ ଏହିସବୁ ଅସଙ୍ଗତି ଦୂର କରିନାହିଁ। ସରକାର ଯଦି ପ୍ରକୃତରେ ବିଶ୍ୱବିଦ୍ୟାଳୟରେ ଲାଗି ରହିଥିବା ନିଯୁକ୍ତି ସମସ୍ୟା ସମାଧାନ କରିବାକୁ ଚାହୁଁଛନ୍ତି ତେବେ ସଂରକ୍ଷଣ ନୀତି ସ୍ପଷ୍ଟ କରନ୍ତୁ। ବିଶ୍ୱବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ୟୁଜିସି ମାର୍ଗଦର୍ଶିକାକୁ ସମ୍ପୂର୍ଣ୍ଣଭାବରେ ଲାଗୁ ପାଇଁ ନୀତି ସ୍ପଷ୍ଟ କରନ୍ତୁ। ଅଧ୍ୟାଦେଶରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ଦାୟିତ୍ୱ ଓଡ଼ିଶା ଲୋକ ସେବା ଆୟୋଗଙ୍କୁ ହସ୍ତାନ୍ତର କରାଯାଇଛି। ନିଯୁକ୍ତି ପାଇଁ ଆୟୋଗ ପରୀକ୍ଷା କିମ୍ବା ପରୀକ୍ଷା ସହ ସାକ୍ଷାତ୍‌କାର କରିବାର ବ୍ୟବସ୍ଥା ରଖାଯାଇଛି। ନିଯୁକ୍ତି ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ମାର୍ଗଦର୍ଶିକାକୁ ଅନୁସରଣ କରିବା ସହିତ ଲୋକ ସେବା ଆୟୋଗଙ୍କର ନିୟମାବଳୀ ଅନୁସରଣ କରିବା ପାଇଁ ଉଲ୍ଲେଖ କରିଛନ୍ତି। ଏହା ନିଯୁକ୍ତି ପ୍ରକ୍ରିୟାକୁ ଆହୁରି ଅଧିକ ଜଟିଳ କରିବ ଏବଂ ନିଯୁକ୍ତି ବର୍ଷବର୍ଷ ଧରି ନ ହୋଇପାରିବାର ଆଶଙ୍କା ଦେଖାଯାଉଛି। ନୂତନ ଅଧ୍ୟାଦେଶ ୟୁଜିସି ମାର୍ଗଦର୍ଶିକା ଏବଂ ରୁଷା ମାର୍ଗଦର୍ଶିକାର ବ୍ୟତିକ୍ରମ କରୁଥିବାରୁ ଏମାନଙ୍କଠାରୁ ଆର୍ଥିକ ସହାୟତା ପାଇବାରେ ବାଧା ଉପୁଜିବାର ସମ୍ଭାବନା ବି ରହୁଛି।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ମାର୍ଗଦର୍ଶିକାରେ ଲିଖିତ ପରୀକ୍ଷା ବିଷୟରେ କେଉଁଠି ବ୍ୟବସ୍ଥା ନାହିଁ। ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇଁ ନେଟ ଏବଂ ପିଏଚଡିକୁ ବାଧ୍ୟତାମୂଳକ କରାଯାଇଛି। ଜାତୀୟସ୍ତରରେ ହେଉଥିବା ନେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ଏହାର ବୈଧତା ସବୁଦିନ ପାଇଁ ରୁହେ ଏବଂ ସାର୍ଟିଫିକେଟରେ ପ୍ରାର୍ଥୀଜଣକ ଅଧ୍ୟାପକ ହେବା ପାଇଁ ଉପଯୁକ୍ତ ହେଲେ ବୋଲି ଲିଖିତ ରୁହେ। ଯେହେତୁ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସହ ଗବେଷଣା କାମ ହୁଏ ପିଏଚଡି ହାସଲ କରିବା ଅତ୍ୟାବଶ୍ୟକ। ଭଲ ବିଶ୍ୱବିଦ୍ୟାଳୟରେ ପିଏଚଡି ଡିଗ୍ରୀ ପାଇବାର ଧାରା ଏତେ ଜଟିଳ ଯେ ଛାତ୍ରୀ ବା ଛାତ୍ର ଜଣକ କୌଣସି ଗୋଟିଏ ବିଷୟରେ ଗଭୀର ଅଧ୍ୟବସାୟ କରିବାକୁ ପଡ଼େ। ପିଏଚଡିରେ ନାମ ଲେଖାଇଲା ବେଳକୁ ଲିଖିତ ପରୀକ୍ଷା ଏବଂ ମୌଖିକ ସାକ୍ଷାତ୍‌କାରର ସମ୍ମୁଖୀନ ହେବାକୁ ପଡେ। ଅନେକ ଜାଗାରେ ପିଏଚଡି କରିବା ପାଇଁ ମଧ୍ୟ ନେଟ ଅତ୍ୟାବଶ୍ୟକ ବି ହୋଇଥାଏ। ଗବେଷଣା ସନ୍ଦର୍ଭ ଦାଖଲ ପୂର୍ବରୁ ଉଚ୍ଚମାନର ଜର୍ନାଲରେ ଗବେଷଣା ନିବନ୍ଧ ଛାପିବାକୁ ପଡେ। କୌଣସି ଗୋଟିଏ ବିଷୟରେ ଏତେ ଅଧ୍ୟବସାୟ କରି ପିପିଏଚଡି ପାଇସାରିବା ପରେ ତାକୁ ଯଦି ପୁଣି ସ୍ନାତକୋତ୍ତର ପାଠ୍ୟକ୍ରମ ଉପରେ ପର୍ଯ୍ୟବସିତ ପ୍ରଶ୍ନକୁ ନେଇ ସମସ୍ତ ବିଷୟରେ ଲିଖିତ ପରୀକ୍ଷା କରାଯାଏ ସେ ହୁଏତ ବିଫଳ ହେବ। ସେଥିପାଇଁ ଶିକ୍ଷକ ନିଯୁକ୍ତି ଲାଗି ୟୁଜିସି ତରଫରୁ କୌଣସି ଲିଖିତ ପରୀକ୍ଷାର ବ୍ୟବସ୍ଥା ରଖାଯାଇ ନାହିଁ ବରଂ ଉଚ୍ଚକୋଟୀର ଗବେଷକମାନଙ୍କୁ ନିଯୁକ୍ତ କରିବା ପାଇଁ ସେମାନଙ୍କର ଗବେଷଣା ଉପରେ ଆଧାରିତ ନିବନ୍ଧ ପ୍ରକାଶନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଗୁଣାତ୍ମକ ନିବନ୍ଧ ପ୍ରକାଶନକୁ ମୂଲ୍ୟାୟନ କରିବା ଆଦୌ ଜଟିଳ ନୁହେଁ। ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆମେ ଯଦି ବିଶ୍ୱସ୍ତରୀୟ କରିବା ପାଇଁ ଲକ୍ଷ୍ୟ ରଖୁଛେ ତେବେ ବିଶ୍ୱସ୍ତରୀୟ ନିଯୁକ୍ତି ପନ୍ଥା ଗ୍ରହଣ କରିବାକୁ ପଡିବ।

ଶିକ୍ଷକ ଚୟନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଦୁଇଟି କିମ୍ବା ତିନୋଟି ସୋପାନରେ କରାଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ବିଶ୍ୱବିଦ୍ୟାଳୟର ବିଭାଗସ୍ତରରେ ଦରଖାସ୍ତଗୁଡ଼ିକ ବଛାଯାଇପାରିବ। ସର୍ବନିମ୍ନ ଯୋଗ୍ୟତା ହାସଲ କରୁଥିବା ପ୍ରାର୍ଥୀମାନଙ୍କର ଏକ ତାଲିକା ବାହାରକରି ଗବେଷଣାରେ ଅବଦାନକୁ ନେଇ ସେମାନଙ୍କର ଏକ ତାଲିକା ପ୍ରକାଶନ କରାଯାଇପାରିବ। ଏଠାରେ ମନେରଖିବାକୁ ହେବ ଯେ ବିଭିନ୍ନ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ମୂଲ୍ୟାୟନ ପନ୍ଥା ଅବଲମ୍ବନ କରାଯାଉଥିବାରୁ ପରୀକ୍ଷାରେ ହାସଲ କରିଥିବା ନମ୍ବରକୁ ନେଇ ମାନ୍ୟତା ନିରୂପଣ ଠିକ୍ ହେବନାହିଁ। ସେଥିପାଇଁ ଜାତୀୟସ୍ତରରେ କରାଯାଉଥିବା ନେଟ ପରୀକ୍ଷା କିମ୍ବା ପିଏଚଡିକୁ ସର୍ବନିମ୍ନ ଯୋଗ୍ୟତା ରଖାଯାଇପାରିବ। ଏହି ତାଲିକା ପ୍ରସ୍ତୁତି କରିସାରିବାପରେ ଗବେଷଣାରେ ଅବଦାନକୁ ନେଇ ଏକ ସୂଚୀ ପ୍ରସ୍ତୁତ କରାଯାଇପାରିବ। ଗବେଷଣାରେ ଅବଦାନକୁ ମୂଲ୍ୟାୟନ କରିବା ପାଇଁ ୟୁଜିସିର ମାର୍ଗଦର୍ଶିକା ବ୍ୟବହାର କରାଯାଇପାରିବ। ଏହି ଅନୁସାରେ ସର୍ବାଧିକ ନମ୍ବର ରଖୁଥିବା ପ୍ରାର୍ଥୀମାନଙ୍କୁ ଖାଲିପଡିଥିବା ପଦବୀ ସଂଖ୍ୟାର ଦଶଗୁଣ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟକୁ ନିଆଯାଇପାରିବ। ଏହି ପର୍ଯ୍ୟାୟରେ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଗବେଷଣା ସମ୍ବନ୍ଧିତ ଏକ ବକ୍ତବ୍ୟ ଛାତ୍ରୀଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଆଗରେ ରଖିବା ପାଇଁ ନିମନ୍ତ୍ରଣ କରାଯାଇପାରିବ। ଏହି ପର୍ଯ୍ୟାୟରେ ସମସ୍ତଙ୍କର ମତାମତ ଆଧାରରେ ମୂଲ୍ୟାୟନ କରି ଖାଲିଥିବା ପଦବୀର ତିନିଗୁଣ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ମୌଖିକ ସାକ୍ଷାତ୍‌କାର ପାଇଁ ନିମନ୍ତ୍ରଣ କରାଯାଇପାରିବ। ମୌଖିକ ସାକ୍ଷାତ୍‌କାରରେ ନିମନ୍ତ୍ରିତ ହେବାକୁ ଥିବା ବିଷୟ ବିଶାରଦମାନଙ୍କ ଏକ ତାଲିକା ସିଣ୍ଡିକେଟ ଦ୍ୱାରା ପ୍ରସ୍ତୁତ କରାଯିବା ଆବଶ୍ୟକ। ସେଥିପାଇଁ ସିଣ୍ଡିକେଟରେ ଅଧ୍ୟାପନା ଏବଂ ଗବେଷଣାରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ହିଁ ସିଣ୍ଡିକେଟର ସଦସ୍ୟ ହେବା ଉଚିତ। ଏହା ହେଲେ କୁଳପତି ନିଜ ଇଚ୍ଛାରେ କୌଣସି ବିଷୟ ବିଶାରଦମାନଙ୍କୁ ଡାକିପାରିବେ ନାହିଁ ବରଂ କେବଳ ସିଣ୍ଡିକେଟ ଦ୍ୱାରା ପୂର୍ବ ଚୟନ ବ୍ୟକ୍ତିମାନଙ୍କୁ ହିଁ ନିମନ୍ତ୍ରଣ କରିପାରିବେ। କୁଳପତିଙ୍କୁ ନିଯୁକ୍ତି ପ୍ରକ୍ରିୟାର ଗୁରୁଦାୟିତ୍ୱରେ ସାହାଯ୍ୟ କରିବା ପାଇଁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ସାହାଯ୍ୟ କରିପାରିବେ। ମୌଖିକ ସାକ୍ଷାତ୍‌କାରରେ ପ୍ରତ୍ୟେକ ପ୍ରାର୍ଥୀ ପାଇଥିବା ନମ୍ବରକୁ ମଧ୍ୟ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟରେ ପ୍ରକାଶନ କରି ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କର ଏକ ତାଲିକା ପ୍ରକାଶନ କରାଯାଇପାରିବ। ବିଶ୍ୱବିଦ୍ୟାଳୟଗୁଡିକର ସମସ୍ୟା ସମାଧାନ ପାଇଁ ଅନ୍‌ଲାଇନ ମାଧ୍ୟମରେ ସମସ୍ତ କାର୍ଯ୍ୟରତ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ବୁଦ୍ଧିଜୀବୀମାନଙ୍କର ମତାମତ ନେଇ ଅଧ୍ୟାଦେଶ ଆଣିଥିଲେ ଏହା ଅନେକ ସହାୟକ ହୋଇଥାନ୍ତା।

ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ
dasamarendra@gmail.com

# ବାସ ଚିନ୍ତା

**ଡ. ସୁଜିତ କୁମାର ନାଥ**

ବିଶ୍ୱ ଅର୍ଥନୈତିକ ସଂସ୍ଥାର ଆକଳନ ଅନୁସାରେ ଭାରତରେ ପ୍ରାୟ ଚଉଦ କୋଟି ପ୍ରବାସୀ ଶ୍ରମିକ ରହିଛନ୍ତି। ଅଧିକ ରୋଜଗାର ଅନ୍ୱେଷଣରେ ଏମାନେ ନିଜ ଭିଟାମାଟି ଛାଡ଼ି ଅନ୍ୟ ଜାଗାକୁ ଯିବାକୁ ବାଧ୍ୟ ହୋଇଥାନ୍ତି। ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ ଏମାନେ ପ୍ରାୟ ନିମ୍ନ ଅର୍ଥନୈତିକ ଶ୍ରେଣୀର। ଆମ ଦେଶର ଉତ୍ତର-ପୂର୍ବ ଅଞ୍ଚଳ ଯଥା ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟର ଲୋକ ମୁଖ୍ୟତଃ ମହାରାଷ୍ଟ୍ର, ଗୁଜରାଟ, କର୍ନାଟକ, ତାମିଲନାଡୁ, କେରଳ, ଆନ୍ଧ୍ର, ତେଲେଙ୍ଗାନା ପରି ପଶ୍ଚିମ ଓ ଦାକ୍ଷିଣାତ୍ୟରେ ଥିବା ରାଜ୍ୟମାନଙ୍କୁ କର୍ମସଂସ୍ଥାନ ଉଦ୍ଦେଶ୍ୟରେ ଯାଇଥାନ୍ତି। କିନ୍ତୁ କରୋନା ମହାମାରୀ ଯୋଗୁ ଭାରତର ସବୁଠାରୁ ବେଶି ଯଦି କିଏ ପ୍ରଭାବିତ ହୋଇଥାନ୍ତି, ସେମାନେ ହେଉଛନ୍ତି ପ୍ରବାସୀ ଶ୍ରମିକ। କରୋନା ପରିସ୍ଥିତିରେ ଶ୍ରମିକ ବାପୁଡ଼ା ନିଜ ଛୁଆପିଲାଙ୍କୁ ଧରି ଯେନତେନ ପ୍ରକାରେ ନିଜ ଗାଁରେ ପହଞ୍ଚିଲା ପରେ ଗାଁରେ ଲୋକଙ୍କ ସନ୍ଦେହୀ ଆଖିରୁ ମୁକୁଳିବା ପୂର୍ବରୁ ତା' ଆଗରେ ଠିଆ ହେଲା ଆଉ ଏକ ବଡ଼ ସମସ୍ୟା, ନିଜ ଜୀବନ ଜୀବିକା, ପେଟପାଟଣା, ଛୁଆପିଲାଙ୍କ ଭବିଷ୍ୟତ ଚିନ୍ତା। ଏହି ଶ୍ରମିକମାନେ ମୁଖ୍ୟତଃ ଅଣକୃଷି କ୍ଷେତ୍ର ଯଥା- ବିଭିନ୍ନ ସେବା, ନିର୍ମାଣ, କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀୟ ଶିଳ୍ପରେ କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକ ଭାବେ କାର୍ଯ୍ୟ କରିଆସୁଥିଲେ। ଆଗରୁ ଏମାନଙ୍କ ପରିସଂଖ୍ୟାନ ବା ସ୍ଥିତି ଉପରେ କୌଣସି ସରକାର ବିଶେଷ ନଜର ଦେଉ ନ ଥିଲେ। ତଥ୍ୟ ଅନୁସାରେ ଏହି ପ୍ରବାସୀମାନେ ମୁଖ୍ୟତଃ ଯୁବବର୍ଗର।

ଏହି କୁଶଳୀ ମାନବ ସମ୍ବଳର ସୁବିନିଯୋଗ ଏବେ ସରକାରଙ୍କର ଚିନ୍ତାର ବିଷୟ। ଅନ୍‌ଲକ୍ ଆରମ୍ଭ ହେବା ପରଠାରୁ କିଛି ଶ୍ରମିକ ନିଜ ରାଜ୍ୟରେ କର୍ମସଂସ୍ଥାନର ଆଶା ନ ଦେଖି ପୁଣି ପୂର୍ବସ୍ଥାନକୁ ଫେରିବାକୁ ଅଣ୍ଟା ଭିଡ଼ିଲେଣି। ଆତ୍ମନିର୍ଭର ଭାରତ ଯୋଜନାରେ ଦେଶ ଏମାନଙ୍କୁ ନେଇ ସ୍ୱାବଲମ୍ବୀ ହେବାର ଆଶା ରଖିଛି। କିନ୍ତୁ ଏହାର କାର୍ଯ୍ୟାନ୍ୱୟନ କ'ଣ ସମ୍ଭବ, ଏଥିରେ ସେମାନଙ୍କର ଭାଗୀଦାରିତାକୁ କ'ଣ ସୁନିଶ୍ଚିତ କରାଯାଇପାରିବ? ଏହା ବର୍ତ୍ତମାନ ପରିସ୍ଥିତିର ସବୁଠୁ ବଡ଼ ପ୍ରଶ୍ନବାଚୀ।

ତଥ୍ୟ ଅନୁସାରେ ଓଡ଼ିଶାର ବହୁ ପ୍ରବାସୀ ମହାରାଷ୍ଟ୍ର, ଗୁଜରାଟ, କେରଳ, ତାମିଲନାଡୁ, ତେଲେଙ୍ଗାନା ପ୍ରଦେଶର ସୂତାକଳ, ଅଟୋମୋବାଇଲ୍ ଶିଳ୍ପ, ନିର୍ମାଣ ଶିଳ୍ପ, ହୋଟେଲ ଶିଳ୍ପ ସହ ବହୁ ଛୋଟ କାରଖାନାର କୁଶଳୀ ଶ୍ରମିକ ଭାବେ କାମ କରୁଥିଲେ। ନିଜ ଗାଁରେ ଚାକିରିଆ ହିସାବରେ ସମ୍ମାନ ପାଉଥିଲେ। ଏବେ ଗାଁରେ ମାଟି କାମ କରିବାକୁ ସେଥିରୁ କେତେ ଯୁବକ ଗ୍ରହଣ କରିବେ, ଏହା ବିଚାରଯୋଗ୍ୟ। ସେମାନଙ୍କ ପାଇଁ ଯୋଗ୍ୟତାଭିତ୍ତିକ କର୍ମସଂସ୍ଥାନ ଓ ରୋଜଗାର ଆବଶ୍ୟକତା ରହିଛି। ଓଡ଼ିଶା ଏକ ସମୃଦ୍ଧିଶାଳୀ ରାଜ୍ୟ ହେବାର ସମସ୍ତ ଯୋଗ୍ୟତା ଇତିମଧ୍ୟରେ ହାସଲ କରିସାରିଛି। ଏକ ଦୃଢ଼ ନେତୃତ୍ୱ, ସୁସ୍ଥ ପରିବେଶ, ପ୍ରଭୂତ ଜଳସମ୍ପଦ, ଖଣିଖାଦାନର କଞ୍ଚାମାଲ, ଗମନାଗମନର ଉତ୍କର୍ଷତା ସହ ଓଡ଼ିଶା ପାଇଁ ମନୋବଳ ଓ ଦୂରଦୃଷ୍ଟିସମ୍ପନ୍ନର ଆବଶ୍ୟକତା ରହିଛି। କପା ଉତ୍ପାଦନକାରୀ ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଅଞ୍ଚଳର ଶ୍ରମିକଙ୍କୁ ନେଇ ସୁରଟର ସୂତାକଳ ଚାଲିବା, ସୁରଟ ବ୍ୟବସାୟୀ ଏ ଅଞ୍ଚଳରେ ପୁଞ୍ଜିବିନିଯୋଗ କରିବାକୁ ଆଗ୍ରହ ନ ଦେଖାଇବା, ଓଡ଼ିଶା ବ୍ୟବସାୟୀ ଉତ୍ପାଦିତ କପାକୁ ଶିଳ୍ପଭିତ୍ତିକ ନ କରିବା ତଥା ଓଡ଼ିଶାର ସବୁ ସୂତାକଳ ବନ୍ଦ ହୋଇଯିବା ଆମ ଯୋଜନାରେ ଥିବା ଛିଦ୍ରଗୁଡ଼ିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୪୮୦ କିମି ଦୀର୍ଘ ସମୁଦ୍ରତଟ ତଥା ପ୍ରଚୁର ସ୍ୱଚ୍ଛଜଳରେ ଭରପୂର ନଦନଦୀରେ ପରିପୂର୍ଣ୍ଣ ଓଡ଼ିଶା ତା'ର ପ୍ରାକୃତିକ ସମ୍ପଦକୁ ସୁବିନିଯୋଗ କରିପାରୁନି। ଶିଳ୍ପ କେବଳ ଭାରିଶିଳ୍ପ ଓ ଖଣିଭିତ୍ତିକ ହୋଇ ରହିଯାଇଛି। ଗାଁର ଯୁବକମାନଙ୍କୁ କୃଷି କ୍ଷେତ୍ରରେ ବାନ୍ଧି ରଖିବାକୁ ଆମେ ସେମିତି ସୁଯୋଗ ସୃଷ୍ଟି କରିପାରିଛନ୍ତି କି? ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟରେ ପ୍ରପୀଡ଼ିତ ଓଡ଼ିଶାର କୃଷକ ତା' ପୁଅକୁ ଚାଷ ଜମିକୁ ପଠାଇବାକୁ ରାଜି ହେବ ତ? ଏ ସବୁ ପ୍ରଶ୍ନକୁ ଆଖି ଆଗରେ ରଖି ଆମକୁ ତ୍ୱରିତ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ପ୍ରଥମରେ ଫେରନ୍ତା ପ୍ରବାସୀ ଯୁବ ବନ୍ଧୁଙ୍କ ପାଇଁ ଉପଯୁକ୍ତ ଅଣକୃଷି ସଂସ୍ଥାନର ବ୍ୟବସ୍ଥା କରିବାକୁ ପଡ଼ିବ, ସେମାନେ ଯେଉଁଥିରେ କୁଶଳୀ, ହୁଏତ ତାହା ଏବେ ଯୋଗାଇବା ସମ୍ଭବ ହୋଇ ନ ପାରେ। କିନ୍ତୁ କ୍ଷୁଦ୍ର ବ୍ୟବସାୟୀ, କୃଷିଜାତ ପଦାର୍ଥର ବ୍ୟବସାୟ, ଯାନ୍ତ୍ରିକରଣ, କ୍ଷୁଦ୍ର ଯାନ୍ତ୍ରିକ ଶିଳ୍ପ, ପ୍ଲାଷ୍ଟିକ୍ ଶିଳ୍ପ, ଖେଳନା ଶିଳ୍ପ ଏସବୁକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଦ୍ୱିତୀୟରେ କୃଷି କ୍ଷେତ୍ରକୁ ଆହୁରି ସଂଗଠିତ, ମଜଭୁତ, ବଜାରାଭିମୁଖୀ ଓ ନିଶ୍ଚିତ ରୋଜଗାରଭିତ୍ତିକ କରିବାକୁ ହେବ। ରାଜ୍ୟରେ ପଶୁପାଳନ ଓ ମତ୍ସ୍ୟ ସମ୍ପଦରେ ଥିବା ସମ୍ଭାବନା ସମ୍ପର୍କରେ ସେମାନଙ୍କୁ ଅବଗତ କରିବାକୁ ପଡ଼ିବ। ମାନସିକ ସ୍ତରରେ ହତାଶ ହୋଇଯାଉଥିବା ଯୁବ ପ୍ରବାସୀ ଶ୍ରମିକଙ୍କ ମନୋବଳ ବଢ଼ାଇ ତାଙ୍କ ନିକଟରେ ବିକଳ୍ପ ରୋଜଗାର ପନ୍ଥା ରଖି ତାଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଚାଲିବାର ସମୟ ଏବେ ଉପନୀତ। ଏଥିପାଇଁ ସରକାରୀ ସ୍ତରରେ ଦୃଢ଼ ମାନସିକତା, ସୁଚିନ୍ତିତ ବିକାଶୋନ୍ମୁଖୀ ଯୋଜନା ଓ ତା'ର ଉତ୍ତମ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି। ଏହା ହିଁ ପ୍ରବାସୀମାନଙ୍କୁ ଉପଯୁକ୍ତ ବାସ ଦେଇପାରିବ ଓ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହୋଇପାରିବ।

sujitnath75@gmail.com

## ଏଇ ଭାରତରେ

ନିଜସ୍ୱ ଉଦ୍ୟମରେ ରୋଜଗାର କରି ଗାଁର ବିକାଶରେ ବ୍ୟୟ କରୁଥିବା ମେଘାଳୟର ଲେଲ୍ୟାଣ୍ଡ ମରାକ୍ ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟିଛନ୍ତି। ତାଙ୍କୁ ବୟସ ୪୯। ରହୁଛନ୍ତି ୱେଷ୍ଟଗାରୋ ହିଲ୍ସର ଗାନୋଲ୍‌ଗ୍ରେ ଗାଁରେ। ସେ ଗାଁ ଲୋକଙ୍କ ମାଧ୍ୟମରେ ଆଲୋଭେରା ବା ଘିକୁଆଁରୀ ଚାଷ କରାଉଛନ୍ତି। ଏଥିରୁ ଯାହା ଲାଭ ହେଉଛି ତାହାକୁ ଗାଁର ରାସ୍ତା ଓ ପାଇଖାନା ନିର୍ମାଣରେ ବ୍ୟୟ କରୁଛନ୍ତି। ଲେଲ୍ୟାଣ୍ଡ ୧୯୯୫ରୁ ଜେଙ୍ଗ୍‌ଜାଲ ପ୍ରାଥମିକ ସ୍କୁଲରେ ଶିକ୍ଷକ ରହି ମଧ୍ୟ ଲୋକମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିଛନ୍ତି। ସେ ୭୮ ଜଣିଆ ସଦସ୍ୟ ବିଶିଷ୍ଟ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେମାନଙ୍କ ସହଯୋଗରେ ଆଲୋଭେରା ପ୍ରୋସେସିଂ ୟୁନିଟ୍ ପ୍ରତିଷ୍ଠା କରିଛନ୍ତି। ସେମାନେ ସାବୁନ ଓ ଜେଲ୍ ଆଦି ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ପ୍ରଥମରୁ ଏସ୍‌ଏଚ୍‌ଜିର ଆୟ ବାର୍ଷିକ ୭ ଲକ୍ଷ ଥିବାବେଳେ ୨୦୧୯ରେ ଏହା ୨୦ ଲକ୍ଷ ଲାଭ କରିପାରିଛି। ଏହି ଟଙ୍କାରେ ପ୍ରତି ଘରେ ପାଇଖାନା ଏବଂ ଗାଁ ରାସ୍ତା ଓ କଲଭର୍ଟ ନିର୍ମାଣ ହେଉଛି। ଲେଲ୍ୟାଣ୍ଡ୍ ଗ୍ରାମବାସୀଙ୍କୁ ପଶୁପାଳନ, ମାଛଚାଷ ଓ ଜୈବିକକୃଷି ଉପରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ସେପ୍ଟେମ୍ବର ୧୯୯୫

- ମାଲେସିଆରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୪ଜଣ ପ୍ରାଣ ହରାଇଛନ୍ତି।
- ସର୍ବୀୟ ପ୍ରଧାନମନ୍ତ୍ରୀ ସ୍ଲୋବୋଦାନ ମିଲୋସେଭିକ ସାରାୟେଭୋରୁ ସାମରିକ ଘାଟି ଉଠାଇ ନେବା ନେଇ ରାଜି ହେବା ପରେ ନାଟୋ ପକ୍ଷରୁ ବିମାନ ଆକ୍ରମଣକୁ ବନ୍ଦ କରିଦିଆଯାଇଛି।
- ବିବାଦୀୟ 'ଗଡ୍ ମ୍ୟାନ୍' ଚନ୍ଦ୍ରାସ୍ୱାମୀଙ୍କୁ ଗିରଫ କରିବା ଲାଗି ଆଭ୍ୟନ୍ତରୀଣ ନିରାପତ୍ତା ମନ୍ତ୍ରୀ ରାଜେଶ ପାଇଲଟ ନିର୍ଦ୍ଦେଶ ଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | 9 | | | 7 | 2 | 5 |
| | | | 3 | 9 | E | | | | | 6 | | 0 | | |
| | | | | | | | C | | E | | 0 | D | | |
| | | D | | 1 | | | | 2 | | | | | A | |
| | | | | | | 3 | | | | 8 | | C | | B |
| 9 | | | | | | B | | | | | A | 3 | | D |
| | 3 | | | | B | 1 | 0 | C | | | 6 | A | 8 | |
| | | 8 | 0 | 5 | | | | | D | | | E | | |
| B | | | | 7 | | | | 8 | | 2 | | | | C |
| | | | | | 8 | A | D | | | B | 4 | 2 | | 6 |
| | B | | C | | A | 6 | | | | | D | | | |
| | | | | 4 | | 9 | 7 | D | A | C | B | 8 | E | |
| | 9 | | D | 0 | | 4 | | E | | | | | | |
| 4 | | 7 | | 6 | | | A | | | 3 | 8 | B | | |
| | | 1 | | | | | 3 | | | 5 | E | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | B | 3 | D | 9 | 0 | C | 5 | 6 | 2 | 8 | 4 | A | E | 7 |
| 4 | 5 | 7 | A | E | 1 | 2 | 8 | 9 | B | 3 | 0 | D | C | 6 |
| 9 | D | E | 8 | 4 | C | 7 | B | A | 6 | 5 | 1 | 2 | 3 | 0 |
| 2 | A | C | B | 3 | 6 | 0 | 4 | 1 | D | 7 | E | 5 | 8 | 9 |
| 6 | 8 | 0 | 7 | 2 | 5 | E | 3 | D | C | A | 9 | 1 | B | 4 |
| 3 | 9 | 8 | 2 | C | 4 | 1 | 0 | 7 | A | D | 5 | B | 6 | E |
| E | 4 | 5 | 1 | D | 9 | 3 | 6 | B | 7 | 0 | C | 8 | A | 2 |
| B | 2 | 1 | E | A | 3 | 9 | D | 5 | 4 | 6 | 8 | 0 | 7 | C |
| D | 7 | A | 0 | 6 | B | 8 | C | 2 | 1 | E | 3 | 4 | 9 | 5 |
| 0 | C | 6 | 5 | 7 | 8 | A | E | 4 | 9 | 2 | B | 3 | 1 | D |
| C | 3 | B | 4 | 0 | 2 | D | 7 | 8 | E | 1 | 6 | 9 | 5 | A |
| 8 | 1 | 9 | 6 | 5 | 7 | 4 | 2 | 0 | 3 | C | A | E | D | B |
| A | 0 | 4 | 9 | 8 | E | 6 | 1 | C | 5 | B | D | 7 | 2 | 3 |
| 7 | 6 | D | 3 | B | A | 5 | 9 | E | 8 | 4 | 2 | C | 0 | 1 |
| 5 | E | 2 | C | 1 | D | B | A | 3 | 0 | 9 | 7 | 6 | 4 | 8 |

ଗତକାଲିର ଉତ୍ତର

# ଅଦୃଶ୍ୟ ଯୁଦ୍ଧ ଆଉ କେତେ ଦିନ



**ଡ. ଅଜୟ କୁମାର ନନ୍ଦ**

ଜୀବନରେ ସାମ୍ନା କରି ନ ଥିବା ଏକ ଅଦୃଶ୍ୟ ଯୁଦ୍ଧରେ ଆମେ ସମସ୍ତେ ଜଣେ ଜଣେ ଶୃଙ୍ଖଳିତ ଯୋଦ୍ଧା। ଏଇ ଭିତରେ ଆମେ ଅନେକ ପରିବର୍ତ୍ତନ ଓ ପରିସ୍ଥିତି ସହ ଖାପ ଖୁଆଇ ସାରିଲୁଣି। କେଉଁଠି ଜୀବନ ହରାଇବାକୁ ପଡୁଛି ତ କେଉଁଠି ଜୀବିକା ବିପନ୍ନ ହେବାରେ ଲାଗିଛି। ସାମ୍ପ୍ରତିକ ପରିସ୍ଥିତିରେ ପିଲାଠାରୁ ବୃଦ୍ଧ, ଗରିବଠାରୁ ଧନୀ, ଶ୍ରମିକଙ୍କଠାରୁ ଶିଳ୍ପପତି ସମସ୍ତେ ପ୍ରଭାବିତ। ଅଦୃଶ୍ୟ ମହାମାରୀ ଭୂତାଣୁରେ ମାନବ ସମାଜ ସଂକ୍ରମିତ ହେବାରେ ଲାଗିଛି। ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ଭାରତ କିଛିଦିନ ପରେ ବିଶ୍ୱ ସଂକ୍ରମଣ ତାଲିକାର ଶୀର୍ଷ ସ୍ଥାନ ମଣ୍ଡନ କରିବ, ଏଥିରେ ଦ୍ୱିମତ ନାହିଁ। ଆଶ୍ୱସ୍ତିର ଖବର ଏୟା ଯେ, ଆମ ଦେଶର ଆରୋଗ୍ୟ ହାର ତୁଳନାତ୍ମକ ଭାବେ ଅନ୍ୟ ଦେଶ ଠାରୁ ଅଧିକ। ସଦ୍ୟ ପ୍ରକାଶିତ ଭାରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ଅଧୀନସ୍ଥ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ ଏସ୍)ର ତଥ୍ୟ ଅନୁଯାୟୀ ଗତ ମାର୍ଚ୍ଚ ମାସରୁ ଜୁଲାଇ ମାସ ମଧ୍ୟରେ ସଂଗୃହୀତ ୨୨୫ ଭାଇରାଲ୍ ଜୀନୋମ୍ ପରୀକ୍ଷଣରୁ ଏହା ପାଞ୍ଚଟି ନୂଆ ରୂପରେ ଆମ ରାଜ୍ୟରେ ଆବିର୍ଭୂତ ହୋଇଛି। ରୂପ ଅନୁଯାୟୀ ତା'ର ଏପରି ନାମକରଣ ୧୯ଏ, ୧୯ବି, ୨୦ଏ, ୨୦ବି ଓ ୨୦ସି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ୨୦ଏ ଓ ୨୦ବି ଭାରତରେ ଦ୍ରୁତ ସଂକ୍ରମଣ ବଢାଇବାରେ ସହାୟକ ହେଉଥିଲା ବେଳେ ୨୦ସି ଓଡ଼ିଶାର ଦ୍ରୁତ ସଂକ୍ରମଣର ମଙ୍ଗ ଧରିଛି। ଏହି ନୂତନ ସଂକ୍ରମଣର ତଥ୍ୟ କୋଭିଡ୍ ୧୯ ଗବେଷଣା ଦିଗରେ ବିଶେଷ ସହାୟକ ହେବ ବୋଲି ଗବେଷକମାନେ ମତବ୍ୟକ୍ତ କରୁଛନ୍ତି। ଅପରପକ୍ଷେ ଏକ ଆନୁମାନିକ ତଥ୍ୟ ଅନୁସାରେ ସେପ୍ଟେମ୍ବର ମାସରେ କରୋନା କ୍ଲିନ୍ ହୋଇଯିବ ବୋଲି ପୂର୍ବାନୁମାନ ଲଗାଇଛି। ଆମେ କେଉଁଟିକୁ ଆଶ୍ୱସ୍ତି ବୋଲି ଧରିନେବା ? ଉଭୟ ଜୀବିକା ଓ ଜୀବନକୁ ନେଇ ଆଗକୁ ବଢ଼ିବାର ଅନିଶ୍ଚିତତା ନେଇ ଅନେକେ ସଂଶୟ ବ୍ୟକ୍ତ କରିଛନ୍ତି। ଦୀର୍ଘଦିନ ଧରି ତାଲାବନ୍ଦର ପ୍ରଭାବରେ ପୁଞ୍ଜି ବଜାରରେ ମାନ୍ଦାବସ୍ଥା ଲାଗି ରହିବା ଦେଶର ଜିଡିପି ଚାରି ପ୍ରତିଶତ ଆଡ଼କୁ ଅଗ୍ରସର ହେବା, ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ, ରପ୍ତାନି ବାଣିଜ୍ୟ ବାଧାପ୍ରାପ୍ତ ହେବା ଓ ରାଜସ୍ୱ ଆଦାୟ ହ୍ରାସ ଇତ୍ୟାଦି ପ୍ରମୁଖ ଚିନ୍ତାର କାରଣ। ଏପରି କି କ୍ରମାଗତ ଭାବେ ପେଟ୍ରୋଲ ଡିଜେଲ ଦର ବଢ଼ି ଚାଲିବା ଫଳରେ ଦରଦାମ ବୃଦ୍ଧି ଆଉ ଏକ ସମସ୍ୟା ଭାବେ ମୁଣ୍ଡ ଟେକୁଛି। ଏପରି ସ୍ଥିତିରେ ଦେଶ ତଥା ରାଜ୍ୟର ଆର୍ଥିକ ଅବସ୍ଥାରେ ସୁଧାର ନ ଆସିବା, ଦିନକୁ ଦିନ ଋଣଭାର ବୃଦ୍ଧି ଓ ନିମ୍ନଗାମୀ ଅଭିବୃଦ୍ଧି ହାର ଅର୍ଥନୀତି ସୁଧାରିବା ନେଇ ଚ୍ୟାଲେଞ୍ଜ ହେବ।

ପୂର୍ବରୁ ଆମେ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଓ ଭୂତାଣୁ ସଂକ୍ରମଣ ସାରସ୍ ହେଉ କି ପ୍ଲେଗ ହେଉ ନତୁବା ଇବୋଲା ହେଉ ଏ ସମସ୍ତ ଭୂତାଣୁ ସ୍ୱଳ୍ପ ସମୟ ତିଷ୍ଠି ଥିଲେ ମଧ୍ୟ ଜୀବନ ଓ ଜୀବିକା ବିପର୍ଯ୍ୟସ୍ତ ହୋଇ ନ ଥିଲା। କିନ୍ତୁ କୋଭିଡ୍ ୧୯ ଭୂତାଣୁ ସମସ୍ତଙ୍କର ନିଦ ହଜାଇ ଦେଇଛି। ତେବେ ବର୍ତ୍ତମାନର ବିପର୍ଯ୍ୟସ୍ତ ଶିକ୍ଷା କ୍ଷେତ୍ରରେ ଅନଲାଇନ୍ ଶିକ୍ଷା ବ୍ୟବସ୍ଥାରେ ସହରାଞ୍ଚଳ ପିଲାମାନେ କିଛିଟା ଉପକୃତ ହୋଇଥିଲେ ମଧ୍ୟ ଉପାନ୍ତ ତଥା ଗ୍ରାମାଞ୍ଚଳ ପିଲାମାନେ ପାଠପଢ଼ାରେ ପଛାଇ ଯାଇ ଅବସାଦର ଶିକାର ହେଉଛନ୍ତି। କେଉଁଠି ବିଜୁଳି ସରବରାହ ବିଚ୍ଛିନ୍ନ ତ କେଉଁଠି ନେଟୱର୍କର ଅସୁବିଧା। ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟି ଥିବା ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ସଂଶ୍ଳିଷ୍ଟ ଅନେକ ବ୍ୟବସାୟୀ, ଶ୍ରମିକ, ବସ କର୍ମଚାରୀ, ହୋଟେଲ କର୍ମଚାରୀ ପ୍ରମୁଖ ଦୀର୍ଘଦିନ ଧରି ସମସ୍ୟାରେ ପଡିଛନ୍ତି। ଗର୍ଭବତୀ ମହିଳାମାନେ ଚିନ୍ତାରେ ରହୁଛନ୍ତି। ସେମାନେ ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ତଥା ଅନ୍ୟାନ୍ୟ ପରୀକ୍ଷାରୁ ବଞ୍ଚିତ ହେବା ଲକ୍ଷ୍ୟ କରାଯାଉଛି। ଗର୍ଭବତୀମାନଙ୍କୁ ବାରଣ ବାହାରକୁ ଆସିବା ପାଇଁ। ଏସବୁ ଭର୍ଚ୍ଚୁଆଲ୍ କେତେ ସମ୍ଭବ।

ବୟୋଜ୍ୟେଷ୍ଠ ଓ ଶିଶୁଙ୍କ ଅବସ୍ଥା ମଧ୍ୟ ତଦ୍ରୂପ। ସେମାନେ ସବୁ ଗୃହବନ୍ଦୀ କାରାଗାରରେ ଜଣେ ଜଣେ ଶୃଙ୍ଖଳିତ ସଦସ୍ୟ। ଏମିତି ଅବସ୍ଥା ଦୀର୍ଘଦିନ କାହା ପାଇଁ ବି ଫଳପ୍ରଦ ହେବ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆମକୁ ଚେତେଇ ସାରିଲାଣି ଯେ ଏପରି ଭୂତାଣୁ ସହିତ ଜଡ଼ିତ ହୋଇ ବଞ୍ଚିବାକୁ ହେବ। ଭବିଷ୍ୟତରେ ଏପରି ଅନେକ ଭୂତାଣୁ ଯେ ଜନ୍ମ ନ ନେବେ ଏକଥା କିଏ କହିବ। ଅନେକ ସ୍ୱାସ୍ଥ୍ୟ ଗବେଷକଙ୍କ ମତରେ ସମସ୍ତ ଭୂତାଣୁ ପାଇଁ ନିଜ ନିଜ ଶରୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତି ହିଁ ଅପରାଜେୟ ଅସ୍ତ୍ର। ତେବେ ଆମକୁ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କିପରି ବଢାଇବା। ଏହାକୁ ଏକ ବ୍ୟକ୍ତିଗତ ଶପଥ ରୂପେ ନେବା ଓ କାର୍ଯ୍ୟକାରୀ କରିବା। ଶରୀରକୁ ଫିଟ୍ ରଖିବାକୁ ହେଲେ ମୁନି ଋଷିମାନଙ୍କ ପାରମ୍ପରିକ ପଦ୍ଧତି, ଯୋଗ, ପ୍ରାଣାୟାମ ଇତ୍ୟାଦିକୁ ଆମ ଜୀବନର ଏକ ବାଧ୍ୟତାମୂଳକ ସମୟ ବୋଲି ଧରି ନେବା ଓ ଏହାର ଉପଯୋଗ କରିବା। ନିଜର ଜୀବନଶୈଳୀକୁ ସରଳ ରଖିବା ସହିତ ଖାଦ୍ୟପେୟରେ ପରିବର୍ତ୍ତନ କରିବା। ସ୍କୁଲ ପିଲାଙ୍କ ପାଠପଢା ରୁଟିନ୍ ଭଳି ସୁଷମ ଖାଦ୍ୟପେୟର ରୁଟିନ୍ ଆମ ସ୍ୱାସ୍ଥ୍ୟରେ ଅନେକ ପରିବର୍ତ୍ତନ ଆଣିପାରିବ। ଏହା ସହିତ ନୀରୋଗ ଓ ସୁସ୍ଥ ଜୀବନଯାପନ କରିପାରିବା, ଏପରି ଅନେକ ଭୂତାଣୁ ସହିତ ମିଶି। ବର୍ତ୍ତମାନର ଘୋଷିତ ନିୟମକୁ ଏକ ପ୍ରତିକାର ବୋଲି ଅନେକ ନାପସନ୍ଦ କରୁଛନ୍ତି। ତେବେ ସମୟ ଦେଇଥିବା ଶିକ୍ଷାର ଉପଯୁକ୍ତ ବିନିଯୋଗ ନ କରିପାରିଲେ ଭବିଷ୍ୟତରେ ଆମକୁ ଅନେକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିବ ଏହା ଅବଶ୍ୟମ୍ଭାବୀ।

ବିଶ୍ୱନାଥ କୁଟୀର, ନୀଳକଣ୍ଠପୁର, ପୁରୀ
ajayakumarnanda@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟା ଏକ ଦୁର୍ବଳ ମାନସିକତା

ମହାଶୟ,

ଖବରକାଗଜ ପୃଷ୍ଠା ଲେଉଟାଇଲେ ପ୍ରତିଦିନ ଆତ୍ମହତ୍ୟାର ଖବର ନଜରକୁ ଆସୁଛି। ଅଭିନେତା, ଅଭିନେତ୍ରୀ, ରାଜନେତା, ଡାକ୍ତର, ଇଂଜିନିୟର, ବଳାତ୍କାରର ଶିକାର ହୋଇଥିବା ପୀଡିତାମାନେ ଆତ୍ମହତ୍ୟା ଭଳି ଦୁଃଖଦ ବାଟକୁ ବାଛି ନେଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଏହି ଯେ, ଯେଉଁ ଭାରତବର୍ଷ ସାରା ବିଶ୍ୱକୁ ଧୈର୍ଯ୍ୟ, ଶାନ୍ତି ଓ ସହନଶୀଳତାର ପାଠ ପଢ଼େଇ ଥାଏ, ସେଇଠି ଆଜି ଆତ୍ମହତ୍ୟା ଘଟଣା ବଢ଼ି ଚାଲିଛି ଅଣାୟତ୍ତ ଭାବେ। ଆମର ମହାନ୍ ଗ୍ରନ୍ଥ ରାମାୟଣର ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ଓ ମହାଭାରତର ମହାନାୟିକା ଦ୍ରୌପଦୀଙ୍କ ଅସମୀ ଧୈର୍ଯ୍ୟ, ସହନଶୀଳତା ଓ ଦୃଢ଼ ମନୋବଳ ଆମକୁ ପ୍ରଭାବିତ କରିପାରିଲା ନାହିଁ ଯେ ଆମେ ଆତ୍ମହତ୍ୟା ଭଳି ଚରମ ପନ୍ଥାକୁ ବାଛି ନେଉଛୁ। ଏଭଳି ଘଟଣା ଦୁର୍ବଳ ମାନସିକତା ଛଡ଼ା ଆଉ କିଛି ନୁହେଁ। ଆତ୍ମହତ୍ୟାର କାରଣ ଯାହା ହେଉନା କାହିଁକି ଆମେ ଭାଙ୍ଗି ନ ପଡ଼ି ଧୈର୍ଯ୍ୟର ସହ ଏହାର ମୁକାବିଲା କରି ଆତ୍ମହତ୍ୟାରୁ ନିବୃତ୍ତ ରହିବା ଉଚିତ।

**ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମନର ବାସନା ଆଖିର ତୃଷା
ଦେହର ତାପ
ରସନା ଲୋଡ଼ଇ ରସର ସ୍ୱାଦୁ
ସେ କିବା ପାପ ?

(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଲାଠୋରରେ ୧୨ କରୋନା ପଜିଟିଭ ଚିହ୍ନଟ

**ଲାଠୋର, (ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ୭୦ ଜଣଙ୍କର କୋଭିଡ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୨ ଜଣଙ୍କର ରିପୋର୍ଟ ପଜିଟିଭ ଆସିଛି। ଦିନକୁ ଦିନ ଲାଠୋରରେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲାଠୋର ଜୟ ମାଁ ବସ୍ତ୍ରେନ ଓଡିଆ ବଣିକ ସଂଘ ଏବଂ ଚ୍ୟାମ୍ବର ଅଫ କମର୍ସର କେତେକ ସଦସ୍ୟ କଟକଣାକୁ କଡାକଡି କରିବାକୁ ସରପଞ୍ଚଙ୍କୁ ଲିଖିତଭାବେ ଜଣାଇଛନ୍ତି। ସରପଞ୍ଚ ପ୍ରବୀଣ ଅଗ୍ରୱାଲ ପ୍ରଶାସନର ପରାମର୍ଶ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପାଣି ପାଇଁ ଅନେଇ ବସିଛନ୍ତି

**ସମ୍ବଲପୁର,୧୫।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମର ୪୦ ନମ୍ବର ୱାର୍ଡ ଅଧୀନ ମାନେଶ୍ୱର ସମେତ ଆଖ ପାଖ ଗାଁରେ ଦୀର୍ଘ ବର୍ଷ ହେବ ପାନୀୟ ଜଳ ସମସ୍ୟା ଲାଗିରହିଛି । ବାରମ୍ବାର ଅଭିଯୋଗ ଓ ଦାବି ପରେ ଏହି ଅଞ୍ଚଳକୁ ଅମୃତ ଯୋଜନାରେ ସାମିଲ କରାଯାଇଛି। ମାଳତୀନଦୀରେ ପମ୍ପ ହାଉସ୍ ନିର୍ମାଣ କରାଯାଉଛି। ସେଠାରୁ ପ୍ରାୟ ୧୨ରୁ ଅଧିକ ଗାଁକୁ ପାଣି ଯୋଗାଇ ଦିଆଯିବାର ଯୋଜନା ରହିଛି । ଏଥିରେ ପ୍ରାୟ ୪୦ ହଜାର ଜନସାଧାରଣ ଉପକୃତ ହେବେ ବୋଲି ଲକ୍ଷ୍ୟ ରହିଛି। ହେଲେ ଏହି ପ୍ରକଳ୍ପ କାମରେ ଅନିୟମିତତା ଦେଖାଦେଇଛି। ମନ୍ଥର ଗତିରେ କାମ ହେଉଛି। ଏହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। କେବେ ଘରକୁ ପାଇପରେ ପାଣି ଆସିବ ଲୋକେ ଅନେଇ ବସିଛନ୍ତି।

ପ୍ରତି ଘରକୁ ଶୁଦ୍ଧ ପାନୀୟ ଜଳ ପହଞ୍ଚିବ ବୋଲି ଅଞ୍ଚଳବାସୀ ବେଶ୍ ଖୁସି ହୋଇଯାଇଥିଲେ। ହେଲେ ଏବେ ପ୍ରକଳ୍ପ ନିର୍ମାଣ କାମ ବିଳମ୍ବ ହେବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଶୀଘ୍ର ପକଳ୍ପ ନିର୍ମାଣ କାମ ଶେଷ ନ ହେଲେ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ମାନେଶ୍ୱର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ ବିଶ୍ୱାଳ କହିଛନ୍ତି। ଜାତୀୟ ରାଜପଥ କାମ ସମୟରେ ପୂର୍ବରୁ ଥିବା ପାଣି ପାଇପଗୁଡିକ ଫାଟି ଯାଇଥିଲା। ଠିକ୍ ଭାବେ ସେଗୁଡ଼ିକର ମରାମତି କରାଗଲା ନାହିଁ । ଏଣୁ ପ୍ରାୟ ୩ ବର୍ଷ ହେଲା ମାନେଶ୍ୱର ସମେତ କଣ୍ଟେଇପାଲି, ବ୍ରାହ୍ମଣିପାଲି, ମାନେଶ୍ୱର ହରିଜନପଡା, ଚମାରପଡା, ମାନେଶ୍ୱର ଛକ ପ୍ରଭୃତି ଅଞ୍ଚଳବାସୀ ଜଳକଷ୍ଟ ଭୋଗୁଛନ୍ତି। ଅମୃତ ଯୋଜନାରେ ପ୍ରତି ଘରକୁ ପାଣି ଦିଆଯିବ ବୋଲି ଆଶା ରହିଛି। ଏଥିପାଇଁ ପ୍ରାୟ ୩ ବର୍ଷ ହେଲା କାମ ବି ଚାଲିଛି। ପାଇପ୍ ପୋତିବାକୁ ଠିକାଦାର ମନଇଚ୍ଛା ଯେଉଁଠି ପାରୁଛନ୍ତି ଖୋଳି ଦେଉଛନ୍ତି। ହେଲେ କାମ ସାରୁ ନାହାନ୍ତି। ଅଭିଯୋଗ କଲେ କାମଚଳା ଭାବେ ମରାମତି କରାଯାଉଛି। ବିଭାଗୀୟ ଅଧିକାରୀଙ୍କୁ ପ୍ରକଳ୍ପ ଶେଷ ସମ୍ପର୍କରେ ପଚାରିଲେ ସୂଚନା ଦେଉ ନାହାନ୍ତି । ଅଞ୍ଚଳବାସୀ ପାଣି ପାଇଁ ସବୁ ବର୍ଷ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଠିକାଦାର ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଭିତରେ ସଲାସୁତୁରା ଥିବାରୁ ପ୍ରକଳ୍ପ କାମକୁ ଠିକ୍ ଭାବେ ତଦାରଖ କରାଯାଉନି। ତେଣୁ କାମରେ ବିଳମ୍ବ ହେଉଛି। ଅନ୍ୟପଟେ ପାଇପ ବିଛାଇବା ପୂର୍ବରୁ ଠିକ୍ ଭାବେ ଗାତ ଖୋଳା ଯାଉନାହିଁ । ପ୍ରଥମ ଠିକାଦାରଙ୍କଠାରୁ ପେଟି କଣ୍ଟ୍ରାକ୍ଟର ନେଇ କାମ କରୁଛନ୍ତି, ଯାହା ବିଳମ୍ବ ଓ ନିମ୍ନମାନର ହେବା ଆଉ ଏକ କାରଣ ବୋଲି ମାନେଶ୍ୱର ବ୍ୟବସାୟୀ ସଂଘ ସଭାପତି ବିଶ୍ୱାଳ ଅଭିଯୋଗ କରଛନ୍ତି। ସେହିପରି ପୂର୍ବତନ ସରପଞ୍ଚ ସଞ୍ଜୟ ଛୁରିଆ ଅଭିଯୋଗ କରିଛନ୍ତି ଯେ, ଗାଁ ମୁଖ୍ୟ ରାସ୍ତାରେ ପାଇପ୍ ବିଛା ହୋଇଛି। ହେଲେ ଗଳିଗୁଡିକରେ ପାଇପ୍ ବିଛା ଯାଇ ନାହିଁ । ତେଣୁ ସବୁ ଘରକୁ ପାଇପ ସଂଯୋଗ ହୋଇପାରୁନି। ଅନ୍ୟପକ୍ଷେ ପ୍ରତି ଘରକୁ ୨୫ ଫୁଟ ପର୍ଯ୍ୟନ୍ତ ସର୍ଭିସ ପାଇପ ଦେବାକୁ ସରକାରୀ ନିୟମ ରହିଛି। ହେଲେ ୫/୧୦ ଫୁଟ୍ ପାଇପ ଦିଆଯାଇ ୨୫ ଫୁଟର ପାଇପ୍ ଦିଆଯାଉଥିବା ଦର୍ଶାଯାଉଛି। ଏଣୁ ଘରକୁ ପାଣି ଲାଇନ୍ ସଂଯୋଗ ନେବାକୁ ଲୋକଙ୍କୁ ପାଇପ କିଣିବାକୁ ପଡୁଛି । ଏପରି କି ସଂଯୋଗ ଦେବା ସମୟରେ ୧ ହଜାର ଟଙ୍କା ଲେଖାଏ ଲୋକଙ୍କଠାରୁ ନିଆଯାଉଛି। ତେବେ ଏସବୁ ସମସ୍ୟା ଓ ଅଭିଯୋଗକୁ ନେଇ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଭାଗ୍ୟଧର ମହାନ୍ତି ସ୍ୱୀକାର କରିଛନ୍ତି ଯେ, ପ୍ରକଳ୍ପ କାମ ବିଳମ୍ବ ହେଉଛି। ତୁରନ୍ତ କାମ ସାରିବାକୁ ଠିକାଦାରଙ୍କୁ ତାଗିଦ କରାଯାଉଛି। ହେଲେ କରୋନା କଟକଣା ଓ ସଂକ୍ରମଣ ଯୋଗୁ ବିଳମ୍ବ ହୋଇଥିବା ଠିକାଦାର କହୁଛନ୍ତି। ଯାହାବି ହେଉ ଶୀଘ୍ର କାମ ସାରିବାକୁ ଚେଷ୍ଟା କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ମହାନ୍ତି କହିଛନ୍ତି।



ମାନେଶ୍ୱର ନିକଟରେ ପାଇପ୍ ପୋତିବାକୁ ଗାତ ଖୋଳି ଛାଡ଼ି ଦିଆଯାଇଛି।

- ବାଟବଣା ଅମୃତ ଯୋଜନା ପ୍ରକଳ୍ପ
- ମନଇଚ୍ଛା ଖୋଳି ଦିଆଯାଉଛି
- ସବୁ ଘରକୁ ସଂଯୋଗ ଦିଆଯାଉନି
- କାହା ପାଖରେ ସୂଚନା ନାହିଁ

## ସଂକ୍ଷେପରେ

### ହତ୍ୟା ଉଦ୍ୟମ କରି ଯୁବକ ଗିରଫ

**ଲହୁଣୀପଡା, ୧୫।୯ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସାନପୁରୁଣାପାଣି ଗ୍ରାମର ଭିକି ମୁଣ୍ଡା (୨୭)ଙ୍କୁ ପୋଲିସ ଏକ ହତ୍ୟା ଉଦ୍ୟମ ଅଭିଯୋଗରେ ଗିରଫ କରିଛି। ନିକଟସ୍ଥ ବାନ୍ଦୁପଡା ଗ୍ରାମର ଲାଲମୋହନ ମୁଣ୍ଡାଙ୍କୁ ସେ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଲାଲମୋହନଙ୍କ ଘରକୁ ଗତ ୧୨ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ଭିକି ଯାଇଥିଲେ। କୌଣସି କାରଣ ଯୋଗୁ ଉଭୟଙ୍କ ମଧ୍ୟରେ ସେଠାରେ ଝଗଡା ହୋଇଥିଲା । ଶେଷରେ ଉତ୍ତେଜିତ ହୋଇ ଭିକି ଛୁରୀରେ ଲାଲମୋହନଙ୍କ ଭୂଷି ଦେଇ ଫେରାର ହୋଇଯାଇଥିଲେ। ଲାଲମୋହନଙ୍କ ସ୍ତ୍ରୀ କେ.ବଲାଙ୍ଗ ଥାନାରେ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଲାଲମୋହନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇ ଅଭିଯୁକ୍ତ ଭିକିଙ୍କୁ ଗିରଫ କରିଥିଲା । ହେଲେ ଦେହ ଖରାପ ବାହାନା ଦେଖାଇବାରୁ ଭିକିଙ୍କୁ ମଧ ପୋଲିସ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେ ସୁସ୍ଥ ହେବା ପରେ ମଙ୍ଗଳବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି।

### ଅସହାୟଙ୍କୁ ସହାୟତା

**ଦେବଗଡ଼,୧୫।୯(ଡି.ଏନ୍.ଏ.):** ଦେବଗଡ଼ ଜିଲା ଭାଜପା ପକ୍ଷରୁ କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଚଷମା ପ୍ରଦାନ କରାଯାଇଛି। ସେହିଭଳି ନାମଜାନ୍ କେରକେଟା ନାମକ ଜଣେ ବ୍ୟକ୍ତିଙ୍କୁ ତିନିଚକିଆ ସାଇକେଲ, ରୁଦ୍ର ଭୁକ୍ତା ଓ ଅଭିମନ୍ୟୁ ନାଏକ ନାମକ ବ୍ୟକ୍ତିଙ୍କୁ ଡିଜିଟାଲ ଷ୍ଟିକ୍ ପ୍ରଦାନ କରାଯାଇଛି। ଯୁବନେତା ସୁଧୀର ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଏହା ବଣ୍ଟନ କରିଥିଲେ। ଜିଲା ସଭାପତି ମୀନକେତନ ପ୍ରଧାନ, ନଗର ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ଦୟାଶଙ୍କର ଦ୍ୱିବେଦୀ, ହମିଦ୍ ପ୍ରଧାନ, ସୁରଜ ଘଡ଼େଇ, ସମୀର ସାହୁ, ବିଜୁ ପ୍ରଧାନ, ରମଣୀ ଦାସ, ଅକାଳୁ ଧଳ, ଶିବା ମୁଖୀ, ଶିବ ମୁଖୀ, ଚନ୍ଦ୍ରଶେଖର ମହାପାତ୍ର, ତାପସ ମହାପାତ୍ର, ସାଗର ସାହୁ, ସୁଧୀର ପ୍ରଧାନ, ସୁକୁମାର ମହାପାତ୍ର, ମକରଧ୍ୱଜ ହସ୍ତୀ, ପଙ୍କଜ ପାତ୍ର, ପଦ୍ମନାଭ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ନାରୀନେତ୍ରୀଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର, ୧୫।୯ (ବ୍ୟୁରୋ):** ସମ୍ବଲପୁର ମହିଳା କଂଗ୍ରେସ ଉପ-ସଭାନେତ୍ରୀ ସନ୍ଧ୍ୟାରାଣୀ ସାହୁଙ୍କ ବିୟୋଗରେ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସୁତାପା ମିତ୍ରଙ୍କ ଅଧକ୍ଷତାରେ ସଭା ହୋଇଥିଲା । ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତ୍ରିଲୋଚନ ପୁରୋହିତ, ଆଶୁତୋଷ ସ୍ୱାଇଁ, ବିଜୟଲକ୍ଷ୍ମୀ ବେହେରା, ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ପୂର୍ବତନ ବିଧାୟକଙ୍କ ପିତୃ ବିୟୋଗ



**ପାଇକମାଳ, ୧୫।୯ (ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କ ବାପା ରାଧେଶ୍ୟାମ ପୁରୋହିତଙ୍କ ସୋମବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପାଇକମାଳରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ବିଜୟ ପୁରୋହିତ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।



ନୂଆଦିଲ୍ଲୀରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ବରଗଡ ଏମ୍‌ପି ସୁରେଶ ପୂଜାରୀ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ପ୍ରମୁଖ ଭେଟି ସମ୍ବଲପୁରୀ ମାସ୍କ ପ୍ରଦାନ କରୁଛନ୍ତି ।

## ଏମ୍‌ସିଏଲ୍‌ରେ ହିନ୍ଦୀ ଦିବସ

**ସମ୍ବଲପୁର, ୧୫।୯ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଜାଗୃତୀ ବିହାର ମୁଖ୍ୟାଳୟଠାରେ ହିନ୍ଦୀ ଦିବସ ଓ ରାଜଭାଷା ସପ୍ତାହ ସମାରୋହ ଉଦ୍‌ଘାଟିତ ହୋଇଯାଇଛି । କମ୍ପାନୀ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲାଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା । ବୈଷୟିକ ନିର୍ଦ୍ଦେଶକ ଓପି ସିଂ, ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ବବନ ସିଂ ଉପସ୍ଥିତ ଥିଲେ । ରାଜଭାଷା ମହାପ୍ରବନ୍ଧକ କେଡି ପ୍ରସାଦଙ୍କ ସମେତ ମୁଖ୍ୟାଳୟର ମହାପ୍ରବନ୍ଧକ, ବିଭାଗୀୟ ଅଧିକାରୀମାନେ ସାମିଲ ଥିଲେ । ବିଭିନ୍ନ ଭାଷାଭାଷୀ ଓ ସଂସ୍କୃତିର ଦେଶ ଭାବେ ଭାରତ ସ୍ୱତନ୍ତ୍ର ପରିଚୟ ବହନ କରି ଆସୁଛି । ପ୍ରାଚୀନକାଳରେ ସଂସ୍କୃତକୁ ଭାଷା ଭାବେ ପ୍ରୟୋଗ କରାଯାଉଥିଲା । ପରବର୍ତ୍ତୀ ସମୟରେ ହିନ୍ଦୀ ରାଷ୍ଟ୍ରୀୟ ଭାଷା ଭାବେ ଖ୍ୟାତିଅର୍ଜନ କରିଛି । ଦେଶର ବିଭିନ୍ନ ପ୍ରାନ୍ତର ଜନସାଧାରଣ ବିଦେଶରେ ନିଜ ଅଞ୍ଚଳର ଭାଷା ଓ ସଂସ୍କୃତିର ଛାପ ଛାଡିଛନ୍ତି । ହିନ୍ଦୀ ଏକ ବୈଜ୍ଞାନିକ ଭାଷା, ଯାହାକୁ ନେଇ ଆମେ ସଦାସର୍ବଦା ଗୌରବାନ୍ୱିତ ବୋଲି ଏମ୍‌ସିଏଲ୍ ଅଧକ୍ଷ କହିଥିଲେ । କୋଲିହାରୀ ରାଜଭାଷା ଉପପ୍ରବନ୍ଧକ ବିଆର ସାହୁ, ମୁନମୁନ ଅଗ୍ରୱାଲ, ତରୁଣ ବିକାଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍

**ସମ୍ବଲପୁର, ୧୫।୯ (ବ୍ୟୁରୋ)**

ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରେଳବାଇ କର୍ମଚାରୀ ଓ ସେମାନଙ୍କ ପରିବାର ଶାରୀରିକ ଓ ମାନସିକ ସ୍ତରରେ କିପରି ସୁସ୍ଥ ହେବ ସେ ନେଇ ଫିଟ୍ ଫର୍ ଇଣ୍ଡିଆ ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଛି । ଇଷା ମଲିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଉପାଧକ୍ଷା ସ୍ୱର୍ଣ୍ଣଲତା ପାତ୍ରୁଡୁଙ୍କ ସମେତ ସଭ୍ୟାମାନେ ଏଥିରେ ସାମିଲ ହୋଇଥିଲେ।

## ଚାଷୀଙ୍କୁ ମିଳୁନି କେନାଲ ଆଡି ସଫେଇ ଅର୍ଥରାଶି



ଆଡି ସଫେଇ କାର୍ଯ୍ୟରେ ନିୟୋଜିତ ଚାଷୀମାନେ।

**ବିନିକା,୧୫।୯(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ମୌଜା ଅନ୍ତର୍ଗତ ୩୫ ନମ୍ବର କେନାଲ ଆଡିଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। ଚାଷୀମାନେ ରାମପୁର କେନାଲ କାର୍ଯ୍ୟାଳୟ ଓ ସ୍ଥାନୀୟ ସରପଞ୍ଚଙ୍କ ପାଖରେ ଏ ନେଇ ଅଭିଯୋଗ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । ଏହି କେନାଲ ଆଡି ମାଧ୍ୟମରେ ପ୍ରତ୍ୟେକ ବର୍ଷ ପ୍ରାୟ ୨ଶହ ହେକ୍ଟର ଜମିରେ ଧାନଚାଷ ହୋଇଥାଏ । ମାତ୍ର ଏହି ଆଡିର ଉନ୍ନତିକରଣ ଏଯାଏ ବିଭାଗ ପକ୍ଷରୁ ହୋଇନାହିଁ। ଯାହାଫଳରେ ପ୍ରତ୍ୟେକ ବର୍ଷ ଏହି ଆଡିର ସଫାସୁତୁରା ନିଜସ୍ୱ ଉଦ୍ୟମରେ କରୁଛୁ ବୋଲି ମୁନା ଭୂଏ, ମନୋଜ ଭୂଏ, ଅଧିକାରୀ ଭୂଏ, ସୁଦାମ ବାଘ, ପୂର୍ଣ୍ଣଚନ୍ଦ୍ର ନଇ, ଗୁଲାମଣୀ ସାହୁ, ପୂର୍ଣ୍ଣ ରସା, ଈଶ୍ୱର ରଣା, ବିସମ ରଣା ପ୍ରମୁଖ ଚାଷୀ କହିଛନ୍ତି। ପ୍ରତ୍ୟେକ ବର୍ଷ ଆଡି ସଫେଇ ପାଇଁ ପାଣି ପଞ୍ଚାୟତକୁ ଟଙ୍କା ଆସୁଥିଲେ ବି ଆମେ ପାଉନାହୁଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଗକୁ ଆର୍ଥିକ ରାଶି ନ ମିଳିଲେ ଆମେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ସେମାନେ କହିଛନ୍ତି। ଏ ନେଇ ରାମପୁର କେନାଲ ଡିଭିଜନ କର୍ତ୍ତୃପକ୍ଷଙ୍କୁ ପଚାରିଲେ କେନାଲ ଆଡି ସଫେଇ ପାଇଁ ସରକାର ପ୍ରତ୍ୟେକ ବର୍ଷ ଦେଉଥିବା ଅନୁଦାନ ପାଣି ପଞ୍ଚାୟତ ତରଫରୁ ମିଳିଥାଏ । ଆଡି ସଫେଇ କରିଥିବା ଚାଷୀଙ୍କୁ ନିଶ୍ଚିତଭାବେ ସେମାନଙ୍କ ପ୍ରାପ୍ୟ ମଳିବ ବୋଲି ସେ କହିଥିଲେ।

## ପାଇଖାନା ନିର୍ମାଣ ଟଙ୍କା ଉଠାଇନେଲେ

**ଅମରପାଲି, ୧୫।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତରେ ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଛି। ହିତାଧିକାରୀଙ୍କ ଅଜାଣତରେ ପାଇଖାନା ନିର୍ମାଣର ଟଙ୍କା ଉଠିଛି । ଏଭଳି ଅଭିଯୋଗ କରିଛନ୍ତି ଉକ୍ତ ପଞ୍ଚାୟତର ଗୌଡଗାଡ ଗ୍ରାମର ୧୪ ଜଣ ହିତାଧିକାରୀ । ଗ୍ରାମର ଦୈତାରୀ ପଧାନ, ଡମ୍ବରୁ ବସ୍ତିଆ, କାର୍ତ୍ତିକ ବିଶ୍ୱାଳ, ଶକୁନ୍ତଳା କର୍ମୀ, ସୁବର୍ଣ୍ଣ ପଧାନ, ତପନ ଘିବିଲା, ରବି ଚନ୍ଦ୍ର ବାରିକ, ରମ୍ଭା ଘିବିଲା, ରଞ୍ଜନ ବିଶ୍ୱାଳ, ସନାତନ ପଧାନ, ହେମସାଗର ପଧାନ, ଇନ୍ଦ୍ରମଣୀ ଅଦାବର, ରାଧାକାନ୍ତ ପଧାନ, ପୁଷ୍ପାଞ୍ଜଳି ପଧାନ ପ୍ରମୁଖଙ୍କ ପାଇଖାନା ନିର୍ମାଣ ପାଇଁ ସେମାନେ ଚୟନ ହୋଇଥିଲେ । ମାତ୍ର ଏମାନଙ୍କର ଅଜାଣତରେ ଟଙ୍କା ଉଠିଥିବା ଏବେ ଏମାନେ ଅଭିଯୋଗ କରିଛନ୍ତି । ଏଥିପାଇଁ ସେମାନେ ତାଙ୍କର କୌଣସି ପ୍ରମାଣପତ୍ର ଦେଇ ନାହାନ୍ତି। ପାଇଖାନା ମଧ ସେମାନେ ଏ ଯାଏ ନିର୍ମାଣ କରିନାହାନ୍ତି । ହେଲେ ପାଇଖାନା ନିର୍ମାଣ ବାବଦକୁ ୧୨ ହଜାର ଟଙ୍କା ଲେଖାଏଁ ଉଠିଥିବା ଅନ୍‌ଲାଇନ ମାଧ୍ୟମରେ ସେମାନେ ଜାଣିବାକୁ ପାଇଥିବା ପ୍ରକାଶ କରିଛନ୍ତି। ତେଣୁ ତାଙ୍କ ଟଙ୍କା ଆତ୍ମସାତ କରିଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏ ନେଇ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କୁ ପଚାରିବାରୁ ଉକ୍ତ ଅନିୟମିତତାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ।

## ୧୧ ଦିବ୍ୟାଙ୍ଗ ପାଇଲେ ଇ ରିକ୍ସା

**ସମ୍ବଲପୁର,୧୫।୯(ବ୍ୟୁରୋ)–** ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ମହାନଦୀ କୋଇଲା ଖଣି (ଏମ୍‌ସିଏଲ) ସହାୟତାରେ ବରେଇପାଲି ମାର୍କେଟୟାର୍ଡରେ ୧୧ ଜଣ ଦିବ୍ୟାଙ୍ଗଙ୍କୁ ମଙ୍ଗଳବାର ଇ ରିକ୍ସା ପ୍ରଦାନ କରାଯାଇଛି । ବରେଇପାଲି ମାର୍କେଟୟାର୍ଡରେ ବାମରା ବ୍ଲକର କିଶୋର ବାଗ, ଧନକଉଡା ବ୍ଲକର ଲିଙ୍ଗରାଜ କୁମ୍ଭାର, ମାନେଶ୍ୱର ବ୍ଲକର ସୁଦାମ ଭୋଇ, ଯୁଯୁମୁରା ବ୍ଲକର ଅଶୋକ ମୁଣ୍ଡା, ରେଙ୍ଗାଲି ବ୍ଲକର ପବନ ସାହୁ, ଜମନକିରା ବ୍ଲକର ମୁକ୍ତେଶ୍ୱର ସାହୁ, ରେଢାଖୋଲ ବ୍ଲକର ସହଦେବ ସାମଲ, ନାକଟିଦେଉଳ ବ୍ଲକର ଚନ୍ଦ୍ରମଣି କଠାର, କୁଚିଣ୍ଡା ବ୍ଲକର ଦୟାନିଧି ବେରିହା, ରେଢାଖୋଳ ଏନ୍‌ଏସିର ଟିକୁନ ମୁଖୀ, କୁଚିଣ୍ଡା ଏନ୍‌ଏସିର ଅନନ୍ଦ ପ୍ରଧାନ ଏହି ଇ ରିକ୍ସା ପାଇଛନ୍ତି। ଡିଆଡିଏ ପିଡି ସୁକାନ୍ତ ତ୍ରିପାଠି, କମିସନର ଅନିରୁଦ୍ଧ ପ୍ରଧାନ, ଏମସିଏଲ ସିଏସଆର ବିଭାଗ ଏସିଷ୍ଟାଣ୍ଟ ମ୍ୟାନେଜର ରୋହିତ ସିଂ, ଡିଏସ୍‌ଏସ୍‌ଓ ଜଗନ୍ନାଥ ମୋଦି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରତି ରିକ୍ସାର ମୂଲ୍ୟ ୧ ଲକ୍ଷ ୨୫ ହଜାର ଟଙ୍କା ରହିଛି। ଏହାଦ୍ୱାରା ଦିବ୍ୟାଙ୍ଗମାନେ ସେମାନଙ୍କ ପରିବାର ଚଳାଇବାକୁ ସକ୍ଷମ ହୋଇପାରିବେ ବୋଲି କୁହାଯାଇଛି।

### ପ୍ରାଧାପିକା ସୁବାଷିନୀ ପଣ୍ଡାଙ୍କ ପରଲୋକ

**ସମ୍ବଲପୁର, ୧୫।୯ (ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପିକା ଡ. ସୁବାଷିନୀ ପଣ୍ଡାଙ୍କ ୮୫ ବର୍ଷରେ ପରଲୋକ ଘଟିଛି। ପ୍ରଫେସର ଶଙ୍କର ପ୍ରସାଦ ପତି, ନକୁଳ ଚୌଧୁରୀ, କୁମୁଦ ରଞ୍ଜନ ପାଣିଗ୍ରାହୀ, ମହେନ୍ଦ୍ର ମିଶ୍ର ଓ ନରେନ୍ଦ୍ର ଷଡଙ୍ଗୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍‌ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**MUDRA FINANCE**
(Govt. Registered.)
ମାର୍କସିଟ, ପର୍ସନାଲ, ସମ୍ପତି, BPL, ଭଡା, କୁକୁଡା ପାଳନ, ଇତ୍ୟାଦି ସମସ୍ତ ଋଣ ଓ CBIL କମ ଥିବା ଲୋକ ସ୍କିମରେ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
0% ସୁଧ ଏବଂ 50% ଛାଡ
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7428959168
9311834637

**Hindustan Tower Group**
(ପଞ୍ଜୀକୃତ) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଟାୱାର୍ ଲଗାନ୍ତୁ। 90 ଲକ୍ଷ ଆଡଭାନ୍ସ, 60,000ର ଭଡ଼ା + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
9473618663

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**PANCHAYAT SAMITI OFFICE, KANIHA**
**Corrigendum No.1760 dt.14.09.20**
**of Tender Call Notice No.KNH-01/2020-21**

In partial modification to the Tender Call Notice No.KNH-01/2020-21 dt.08.09.2020 of this office, the following corrections are made.
Last date of sale of tender paper : 23.09.2020
Last date and time of receipt of tender paper: 24.09.2020 upto 01.00 P.M.
Date and time of opening of tender papers: 25.09.2020 at 10.30 A.M.
Other terms and conditions will remain same.
Sd./- Block Development Officer
Kaniha



**ପୌର ପରିଷଦ, ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**
ଆଦେଶ ନଂ.2030/2020 ତା 15.09.2020
**ପ୍ରେସ୍ ଇସ୍ତାହାର**

ହିଞ୍ଜିଳିକାଟୁ ପୌର ପରିଷଦରେ ଏକ ଗୋଟି ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର (MCC), ଏକ ଗୋଟି ମ୍ୟାଟେରିଆଲ୍ ରିକଭରି ଫ୍ୟାସିଲିଟି, ୫ ଗୋଟି ଗୋଷ୍ଠୀ ଶୌଚାଳୟ, ୩ ଗୋଟି ସର୍ବସାଧାରଣ ଶୌଚାଳୟ କାର୍ଯ୍ୟକ୍ଷମ ହୋଇଅଛି ଏବଂ ଏକ ଗୋଟି ମଳ ବିଶୋଧନ କେନ୍ଦ୍ର ନିର୍ମାଣାଧୀନ ଅଛି। ବସ୍ତି ଅଞ୍ଚଳରେ ବସବାସ କରୁଥିବା ପୌର ପରିଷଦବାସୀଙ୍କୁ ବ୍ୟକ୍ତିଗତ ପାଇଖାନା ଯୋଗାଇ ଦିଆଯାଇଅଛି। ଏହିସବୁକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ହିଞ୍ଜିଳିକାଟୁ ପୌରପାଳିକାକୁ ODF++ର ମାନ୍ୟତା ପ୍ରଦାନ କରିବାକୁ ସ୍ଥିର କରିଛନ୍ତି ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ହିଞ୍ଜିଳିକାଟୁ (ଗଞ୍ଜାମ)



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the Dy. General Manager (Elect.) E&MR Division, Bhubaneswar
e-mail: emrt.div.bbs@optcl.co.in CIN: U40102OR2004SGC007553

**OPEN TENDER CALL NOTICE NO. 01/2020-21**

Sealed tenders are invited from experienced bidders for the job of **"HIRING OF DIESEL RUN COMMERCIAL REGISTERED LIGHT VEHICLES 09 SEATED NON-AC BOLERO OR ITS EQUIVALENT FOR E & MR SUB- DIVISION, KHURDA FOR 2(TWO) YEARS"**. **Cost of Tender Paper** : Rs.2,000/- + GST @ 12% = Rs.2,240/-, **EMD** : @ 1% on the quoted value for 01 (one) year. **Sale of Tender Documents** : From Dt. 21.09.2020 to Dt. 05.10.2020 (during office hours). **Last Date of Submission of Tender** : Dt.05.10.2020 (up to 05:00PM). **Date of Opening of Tender** : Dt.06.10.2020 (at 03:00PM). For details visit our web site www.optcl.co.in.
Corrigendum if any will be published in the OPTCL wesite only.
Sd/-
Dy. General Manager (Elect.)
Please connect us: optcl.odisha optcl_odisha energyodisha



**ତହସିଲ କାର୍ଯ୍ୟାଳୟ, ସଦର, ଜିଲ୍ଲା: ସୁନ୍ଦରଗଡ଼**
ବିଜ୍ଞାପନ ପତ୍ର ସଂଖ୍ୟା: ୩୩୯୫ ତା:୧୪।୦୯।୨୦୨୦
**ଲଘୁ ଖଣିଜ ଦ୍ରବ୍ୟ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସଦର, ସୁନ୍ଦରଗଡ଼ ତହସିଲ ଅଧୀନରେ ଥିବା ଗୋଟିଏ ସୈରାତ ଉତ୍ସ (ସାରଣୀ-୧ରେ ଦର୍ଶିତ) ଆଗାମୀ ୫ (ପାଞ୍ଚ) ବର୍ଷ ପାଇଁ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ସୈରାତ ଉତ୍ସର ଲିଜ୍ ସମ୍ବନ୍ଧୀୟ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା Website: **http://sundergarh.nic.in**ରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରିବେ।

ସାରଣୀ – ୧

**ତହସିଲ କାର୍ଯ୍ୟାଳୟ, ସଦର, ସୁନ୍ଦରଗଡ଼**
**ବର୍ଷ: ୨୦୨୦–୨୧**
**ଲଘୁ ଖଣିଜ ଉତ୍ସର ବିବରଣୀ**

| କ୍ର.ନଂ. | ଉତ୍ସର ନାମ/ ମୌଜାର ନାମ | ମୌଜାର ନାମ | ଜମିର ତଫସିଲ: ଖାତା ନଂ. | ପ୍ଲଟ ନଂ. | ଏକର | ହେକ୍ଟର | Royalty (in Rs.) | Minimum Additional Charges (in Rs.) | Minimum Guaranteed Quantity (in CUM per year) | Interest Free Security Deposit (in Rs.) |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | ନୂଆଁ ଅମଲିପାଲି ବାଲି ଉତ୍ସ | ନୂଆଁ ଅମଲିପାଲି | 381 | 475/P 477/1211/P | 7.00 5.00 | 4.856 | 35.00 | 70.00 | 10000 | 52500.00 |

ସ୍ୱା./– ତହସିଲଦାର, ସଦର, ସୁନ୍ଦରଗଡ଼



**OFFICE OF THE**
**CHIEF DISTRICT MEDICAL & PHO, BALASORE**
**SUB STORE CDM & PHO**
No. 14814 Date: 15.09.2020
**TENDER CALL NOTICE**

Sealed tender is invited from valid Wholesalers/C&F/ Manufacturers for supply of medicines & medical consumables and bedding, clothing items from time to time in various schemes in the current financial year 2020-21 so as to reach the CDM&PHO, Balasore latest by 06.10.2020 by Regd. Post/Speed Post/Courier service. The same will be opened on 07.10.2020 in the presence of tenderers or their authorized representatives in the chamber of undersigned. The opening process will not be postponed if the tenderers will not be present on the scheduled date & time. Details are avilable in the tender paper which can be downloaded from **www.baleswar.nic.in** & deposit the tender paper cost Rs.2000.00 in shape of DD in the name of ZSS, Balasore with tender paper which is non refundable.

**Sd./- Chief District Medical & PHO, Balasore**


## ବେଆଇନ ପଥର ଚାଲାଣ, ୧୦ ହଜାର ଜରିମାନା

ମନମୁଣ୍ଡା, (ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ରାଜସ୍ୱ ସର୍କଲରେ ବେଆଇନଭାବେ ପଥର ଚାଲାଣ ହେଉଥିବା ଏକ ଗାଡିକୁ କନ୍ଧମାଳ ତହସିଲଦାର ଅର୍ଜୁନ ପ୍ରଧାନ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ମନମୁଣ୍ଡା ଅଞ୍ଚଳରେ ଏପରି କାରବାର ଚାଲୁଥିବା ଖବର ପାଇ ତହସିଲଦାର ପ୍ରଧାନ ଖଇରମାଳ ଏନଏଚ- ୫୭ରେ ମଙ୍ଗଳବାର ଅପରାହ୍ନରେ ଚେକିଂ କରିଥିଲେ । ଏକ ହାଇୱା ଗାଡି ନଂ. ଓଡି ୩୧ ଡି- ୬୦୨୧ରେ ବେଆଇନ ପଥର ବୋଝେଇ ହୋଇଯାଉଥିବା ଜଣାପଡିବା ପରେ ଗାଡି ମାଲିକ ଶ୍ରୀନିବାସ ମିଶ୍ରଙ୍କଠାରୁ ୧୦ ହଜାର ଜରିମାନା ଆଦାୟ କରାଯାଇଥିଲା ।

# ପ୍ରକଳ୍ପ ଅଚଳ, ମିଳୁନି ପାନୀୟ ଜଳ

ବରଗଡ଼ ଅଫିସ୍, ୧୫।୯

କଟାପାଲି ବରଗଡ଼ ବ୍ଲକର ଏକ ବଡ଼ ଗ୍ରାମ। ୧୫ୱାର୍ଡ଼ ବିଶିଷ୍ଟ ଏହି ଗ୍ରାମର ଜନସଂଖ୍ୟା ୮ହଜାରୁ ଊର୍ଦ୍ଧ୍ୱ। ବ୍ରାହ୍ମଣପଡ଼ା, ମିଶ୍ରପଡ଼ା, ଗୌନ୍ତିଆପଡ଼ା, ଭୁଲିଆପଡ଼ା, ଘୁନଘୁଟିପଡ଼ା, ହରିଜନପଡ଼ା, କଂସାରିପଡ଼ା, ଠେଲାପଡ଼ା, ବେତ୍ରାପଡ଼ା, ଗୁଡ଼ିତଳ, ଇନ୍ଦିରାଆବାସ ପଡ଼ା ଭଳି ଅନେକ ସାହିକୁ ନେଇ ଏହି ଗ୍ରାମ ଗଠିତ । ଏଠାରେ ପ୍ରାଥମିକ ସ୍କୁଲଠାରୁ ଆରମ୍ଭ କରି ହାଇସ୍କୁଲ ଏବଂ କଲେଜ ମଧ୍ୟ ରହିଛି। ସେହିପରି ଏକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଅଛି । ତେବେ ଏଠାରେ ରହିଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ତିନିମାସ ହେଲା ଅଚଳ ହୋଇପଡ଼ିଛି । ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଯୋଗୁ ପାଇପ୍ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଗ୍ରାମରେ ନଳକୂଅ ଥିଲେ ହେଁ ସେଠାରୁ



ବାହାରୁଥିବା ପାଣି ବ୍ୟବହାର ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ପାନୀୟ ଜଳ ପାଇଁ ଲୋକଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି । ଏ ନେଇ ସ୍ଥାନୀୟ ସରପଞ୍ଚ ଯମୁନା ସାହୁଙ୍କୁ ପଚାରିବାରୁ ମରାମତି ଚାଲିଛି ଏବଂ ଅତିଶୀଘ୍ର ପ୍ରକଳ୍ପ ପୁଣି କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି ।

## ଗ୍ରାମବାସୀଙ୍କ ମୁହଁରୁ...

### ନଳକୂଅରୁ ବାହାରୁଛି ଲାଲ୍‌ପାଣି



ଗ୍ରାମର ବିଭିନ୍ନ ପଡ଼ାରେ ଷ୍ଟାଣ୍ଡପୋଷ୍ଟ ରହିଛି। ଓଭର ହେଡ ଟ୍ୟାଙ୍କରୁ ସେହି ଷ୍ଟାଣ୍ଡପୋଷ୍ଟ ଜରିଆରେ ପାଣି ଯୋଗାଇ ଦିଆଯାଏ। ଆମେ ତାକୁ ବ୍ୟବହାର କରିଥାଉ। ହେଲେ ମାସମାସ ଧରି ପାଣି ଯୋଗାଣ ବନ୍ଦ ରହିଛି। ଗ୍ରାମରେ ଥିବା ନଳକୂପରୁ ଲାଲବର୍ଣ୍ଣର ପାଣି ବାହାରୁଛି। ବାଧ୍ୟ ହୋଇ ଏବେ କେହି ସେହି ପାଣି ବ୍ୟବହାର କରୁଛି ତ, ଆଉ କିଏ ଗ୍ରାମରେ ବ୍ୟକ୍ତିଗତଭାବେ କାହା ଘରେ ଥିବା ଗଭୀର ନଳକୂପରୁ ପାଣି ସଂଗ୍ରହ କରୁଛନ୍ତି ।

– ସନ୍ତୋଷ ମାହାଣା

### ପାଇପ ପାଣି ନ ମିଳିବା ବିଡ଼ମ୍ବନାର ବିଷୟ

ପ୍ରଥମେ ଏକ ଓଭରହେଡ ଟ୍ୟାଙ୍କ ଥିଲା। ଦନ୍ତାନଦୀରୁ ପାଣି ଅଣାଯାଇ ଯୋଗାଇ ଦିଆଯାଉଥିଲା। ମାତ୍ର ସେହି ଟାଙ୍କିରୁ ଗ୍ରାମର ସବୁ ଅଞ୍ଚଳକୁ ପାଣି ପହଞ୍ଚି ପାରିଲା ନାହିଁ। ଫଳରେ ହସ୍ପିଟାଲ ପାଖରେ ଆଉ ଏକ ଓଭରହେଡ ଟ୍ୟାଙ୍କ ନିର୍ମିତ ହେଲା। ଗ୍ରାମର ପାନୀୟ ଜଳ ସଂକଟ ଦୂର ହେବ ବୋଲି ସମସ୍ତଙ୍କ ମନରେ ଆଶା ଥିଲା। ହେଲେ ୩ମାସ ଧରି ସେହି ଟ୍ୟାଙ୍କରୁ ପାଣି ଯୋଗାଣ ବନ୍ଦ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନଯିବା ବିଡ଼ମ୍ବନାର ବିଷୟ ।



–ବିକାଶ ଖମାରୀ

### ଅଭିଯୋଗ ସତ୍ତ୍ୱେ ମିଳୁନି ସୁଫଳ



ପାନୀୟ ଜଳ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏ ନେଇ ସ୍ଥାନୀୟ ସରପଞ୍ଚକୁ ବାରମ୍ବାର ଜଣାଇଛୁ । ମରାମତି ହେବ କହି ସେ ଦିନ ଗଡ଼ାଇ ଚାଲିଛନ୍ତି । ଅନ୍ୟପକ୍ଷେ ପିଇବା ପାଣି ପାଇଁ ଗାଁ ଲୋକଙ୍କୁ ବହୁ ହଇରାଣ ହରକତ ହେବାକୁ ପଡୁଛି। ତୁରନ୍ତ ମରାମତି କରା ନଗଲେ ଆଗକୁ ପାନୀୟ ଜଳ ସଂକଟ ଅସମ୍ଭାଳ ହୋଇପଡ଼ିବ।

–ବିରଞ୍ଚି ନାରାୟଣ ଦାଶ

## ସଂକ୍ଷେପରେ

### ବରଗଡ଼ରେ ପୁଣି ଗାଡ଼ିଚୋରି

**ବରଗଡ଼ ଅଫିସ୍, ୧୫।୯:** ବରଗଡ଼ ସହରରେ ଗାଡ଼ିଚୋର ପୋଲିସର ନିଦ ହଜାଇ ଦେଇଛି। ଗତ ସପ୍ତାହରେ ଗୋଟିଏ କ୍ରୁଜର ଗାଡ଼ିଚୋରି ହୋଇଥିବାବେଳେ ତାକୁ ପରଦିନ ଉଦ୍ଧାର କରାଯାଇଥିଲା। ପୋଲିସ ଗାଡ଼ି ଚୋରଙ୍କୁ ଖୋଜୁଥିବାବେଳେ ସୋମବାର ରାତିରେ ପୁଣି ଏକ ସୁଇଫ୍ଟ ଓ ସ୍ୱେସିଓ ଚୋରି ହୋଇଛି। ତେବେ କଲାପାଣି ନିକଟରୁ ସୁଇଫ୍ଟ ଗାଡ଼ି ଉଦ୍ଧାର ହୋଇଥିବାବେଳେ ଚୋରି ସ୍ୱେସିଓକୁ ଉଦ୍ଧାର କରିବାକୁ ପୋଲିସ ତନାଘନା ଚଲାଇଛି। ବୁର୍ଲାର ବିଶ୍ୱନାଥ ପଣ୍ଡାଙ୍କ ସୁଇଫ୍ଟ କାର(ନଂ- ଓଡ଼ି୧୫ଏନ ୯୪୨୧)କୁ ଧରି ତାଙ୍କ ଡ୍ରାଇଭର ରାୟପୁରରୁ ବୁର୍ଲା ଫେରୁଥିଲେ। ଫେରିବା ବାଟରେ ସହର ଉପକଣ୍ଠ ଘୁଲିପାଲି ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ମାରପିଟ୍ କରିବା ସହିତ ଡ୍ରାଇଭରଙ୍କ ସହ ସେହି ଗାଡିକୁ ଧରି ସମ୍ବଲପୁର ପଟକୁ ଯାଇଥିଲେ। ଏପରିକି କଲାପାଣି ନିକଟରେ ରହିଥିବା ଏକ ପେଟ୍ରୋଲ ପମ୍ପକୁ ଯାଇ ଗାଡ଼ି ଡ୍ରାଇଭରଙ୍କ ପର୍ସରେ ଥିବା ଟଙ୍କା ନେଇ ତେଲ ପକାଇଥିଲେ। ପରେ ଡ୍ରାଇଭରଙ୍କୁ ସେଠାରେ ଛାଡ଼ି ଅଭିଯୁକ୍ତମାନେ ଗାଡି ଧରି ପଳାଇଥିଲେ। କିଛିଦୂର ଯିବା ପରେ ଅଚଳ ହୋଇଯିବା ପରେ ସେହି ଗାଡ଼ି ଛାଡ଼ି ଦେଇ ସେଠାରେ ରହିଥିବା ଅନ୍ୟ ଏକ ସ୍ୱେସିଓ ଗାଡ଼ିକୁ ଚୋରି କରି ଫେରାର୍ ହୋଇ ଯାଇଛନ୍ତି । ତଦନ୍ତ ଜାରି ରହିଛି ବୋଲି କହିଛନ୍ତି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ।

### ୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ

**ଦେବଗଡ଼, ୧୫।୯(ଡ଼ି.ଏନ୍.ଏ.):** ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ, ସୁପ୍ରିମ କୋର୍ଟଙ୍କ ଆଦେଶ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ, ସମସ୍ତ ଇପିଏଫ୍ ପେନସନ୍ ଭୋଗୀଙ୍କୁ ଚିକିତ୍ସା ଭତ୍ତା, ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରି ମାଗଣାରେ ଚିକିତ୍ସା ସେବା ପ୍ରଦାନ ଓ ଇପିଏଫ୍ ପେନସନ୍ ଭୋଗୀ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉ। ଏଭଳି ଦାବିରେ ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ୍ ଆସୋସିଏଶନର ଦେବଗଡ ଶାଖା ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। କାଶିନାଥ ପ୍ରଧାନଙ୍କ ଆବାହକତ୍ୱରେ ସୁରେଶ କୁମାର ଦଳେଇ, କ୍ଷମାନିଧି ସ୍ୱାଇଁ, ପ୍ରଫୁଲ୍ଲ କୁମାର ଦେବତା, ଗିରିଜା ଶଙ୍କର ନାୟକ, ଶୋଭା ସିଂ, ସତ୍ୟନାରାୟଣ ବେହେରା ଓ ସୋମନାଥ ସାହୁ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।

### ଆକ୍ରମଣରେ ଜଣେ ମୃତ

**କଣ୍ଟାବାଞ୍ଜି, ୧୫।୯(ଡି.ଏନଏ.):** ପୂର୍ବଶତ୍ରୁତାରୁ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ହିଆଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କ୍ଷେତ୍ରି ସଗରିଆ (୫୫)। ମୃତକଙ୍କ ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। କଣ୍ଟାବାଞ୍ଜି ଥାନା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ସେହି ଗାଁର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୋଗ ଅନୁସାରେ ଗତ ସୋମବାର କ୍ଷେତ୍ରିଙ୍କୁ ସେହି ଗାଁର ଜଣେ ବ୍ୟକ୍ତି ଘରୁ ଡାକି ନେଇ କଣ୍ଟାବାଞ୍ଜି ସହରକୁ ଯାଇଥିଲେ । ସନ୍ଧ୍ୟାରେ ଉଭୟେ ଗାଁକୁ ଫେରିବା ପରେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ସମ୍ପୃକ୍ତ ବ୍ୟକ୍ତି ଜଣକ କ୍ଷେତ୍ରିଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଓ ପରେ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ କ୍ଷେତ୍ରି ସଗରିଆଙ୍କ ମୃତ୍ୟୁ ଘଟିଛି।

### ହୃଦ୍‌ଘାତରେ ଡିଏଲଓଙ୍କ ପରଲୋକ

**ବରଗଡ଼ ଅଫିସ୍, ୧୫।୯:** ବରଗଡ଼ ଜିଲା ଶ୍ରମ ଅଧିକାରୀ(ଡିଏଲଓ) ହେମନ୍ତ ପ୍ରଧାନ(୫୪)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ବରଗଡ଼ ସୁବାସନଗରସ୍ଥିତ ବାସଭବନରେ ଥିବାବେଳେ ହୃଦ୍‌ଘାତ ହୋଇଥିଲା । ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର କଟକ ଜିଲା ସାଲେପୁର ବହୁଗ୍ରାମରେ। ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କ ସମେତ ବହୁ ଅଧିକାରୀ ଅନ୍ତିମ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



ବୁଧବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା : ମଙ୍ଗଳବାର ସମ୍ବଲପୁର ସହରର ଜଣେ ବ୍ୟବସାୟୀ ମୂର୍ତ୍ତି ପସରା ମେଲାଇ ଗ୍ରାହକଙ୍କ ଅପେକ୍ଷାରେ ବସି ରହିଛନ୍ତି।

## ଭକ୍ତ ଦାସଙ୍କୁ ଭବାନୀପାଟଣାରେ ସମ୍ବର୍ଦ୍ଧନା

ଭବାନୀପାଟଣା, ୧୫।୯ (ଡି.ଏନ.ଏ.)

କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି)ର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ତଥା ମିଜୋରାମ ଓ ମଣିପୁର ରାଜ୍ୟର ପ୍ରଭାରୀଭାବେ ନିଯୁକ୍ତ ହୋଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ। ମଙ୍ଗଳବାର କଳାହାଣ୍ଡି ଜିଲା କଂଗ୍ରେସ କମିଟି ତରଫରୁ ଭବାନୀପାଟଣାସ୍ଥିତ ଏକ ହୋଟେଲରେ ଏଥିପାଇଁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ଉତ୍ତରରେ ବର୍ତ୍ତମାନର ଘଡିସନ୍ଧି ମୁହୂର୍ତ୍ତରେ ଏଆଇସିସିର ସଭାନେତ୍ରୀ ସୋନିଆ ଗାନ୍ଧୀ ଓ ଯୁବନେତା ରାହୁଲ ଗାନ୍ଧୀ ତାଙ୍କ ଉପରେ ଯେଉଁ ବିଶ୍ୱାସ ରଖି ଗୁରୁ ଦାୟିତ୍ୱ ଦେଇଛନ୍ତି ତାହାକୁ ସେ ନିଶ୍ଚିତଭାବେ ସଫଳ କରିବାରେ ପ୍ରୟାସ କରିବେ ବୋଲି ଭକ୍ତ କହିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଭାରତ ବେମାଲଙ୍କ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରିଥିଲେ। ଦଳୀୟ କର୍ମୀ, ନେତା ଅଧିକ କ୍ରିୟାଶୀଳ ହୋଇ କାର୍ଯ୍ୟକଲେ ଦଳ ଲୋକଙ୍କ ଦ୍ୱାରା ପୁନଃ ଆଦୃତ ହୋଇପାରିବ। ରାଜ୍ୟର ବିଜେଡି ଓ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରର ଜନ ବିରୋଧୀ ନୀତି ବିରୋଧରେ ଜନମତ ସୃଷ୍ଟି କରି ପାରିଲେ ଦଳ ଜନସାଧାରଣଙ୍କ ଶ୍ରଦ୍ଧା ଲାଭ କରପାରିବ ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ନଗର ସଭାପତି ନିମାଞ୍ଚଳ ନାଏକ ସ୍ୱାଗତ ଭାଷଣ ଦେବାଥିବା ବେଳେ ଜିଲା କଂଗ୍ରେସ କମିଟିର ବରିଷ୍ଠ ନେତା ଶାନ୍ତନୁ କୁମାର ବେହେରା, ଉପସଭାପତି ଦେବୀପ୍ରସାଦ ସିନ୍ଦୂର, ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ଛାତ୍ର କଂଗ୍ରେସ ମହମ୍ମଦ ସାହେବ, ଆଦିବାସୀ ନେତା ପରମାନନ୍ଦ ମାଝୀ, ବ୍ରଜ ସାହ, ଜିଲା ପରିଷଦ ସଦସ୍ୟ ମୁରଲୀ ନାଏକଙ୍କ ସମେତ ବିଭିନ୍ନ ବ୍ଲକ ସଭାପତି ବକ୍ତବ୍ୟ ରଖିଥିଲେ।



ସମ୍ବର୍ଦ୍ଧନା ସଭାରେ ଭକ୍ତ ଚରଣ ଦାସ ବକ୍ତବ୍ୟ ରଖୁଛନ୍ତି।

## ପ୍ରକାଶ ପାଇନି ପରୀକ୍ଷା ଫଳ, ଦ୍ୱନ୍ଦ୍ୱରେ ଆଶାୟୀ

ବଲାଙ୍ଗୀର ଅଫିସ୍, ୧୫।୯

ବଲାଙ୍ଗୀର ଜିଲାରେ କୋଭିଡ୍-୧୯ ପରିଚାଳନା ପାଇଁ ଗତ ଜୁଲାଇ ୨୭ ତାରିଖରେ ଏଏନ୍‌ଏମ୍, ଷ୍ଟାଫନର୍ସ ଓ ଫାର୍ମାସିଷ୍ଟ ପଦବୀ ପାଇଁ ଲିଖିତ ପରୀକ୍ଷା ହୋଇଥିଲା । ଏ ପର୍ଯ୍ୟନ୍ତ ଏହାର ଫଳ ବାହାରିନାହିଁ । ଫଳରେ ଆଶାୟୀ ପ୍ରାର୍ଥୀଙ୍କ ମନରେ ସନ୍ଦେହଜାତ ହେଉଛି । ଅନ୍ୟ ଜିଲାରେ ପରୀକ୍ଷା ଫଳ ପ୍ରକାଶ ପାଇ ନିଯୁକ୍ତି ସରିଲାଣି । ହେଲେ ବଲାଙ୍ଗୀର ଜିଲାର ପ୍ରାର୍ଥୀମାନଙ୍କୁ କାହିଁକି ଏଭଳି ଅବହେଳା କରାଯାଉଛି ବୋଲି କେତେକ ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି । ତେବେ ସ୍ୱାସ୍ଥ୍ୟ ବିଭାଗକୁ ପଚାରିଲେ ପରୀକ୍ଷା ବାତିଲ



ଆଶାୟୀ ପ୍ରାର୍ଥମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଛନ୍ତି ।

ହୋଇଯାଇଥିବା କହୁଛନ୍ତି । ଏହାକୁ ନେଇ ଆମମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରାଯାଇଛି ବୋଲି ଆଶାୟୀ ପ୍ରାର୍ଥୀମାନେ କହିଛନ୍ତି । ମଙ୍ଗଳବାର ଏ ନେଇ ଜିଲାପାଳ ଚଞ୍ଚଳ ରାଣାଙ୍କୁ ସାକ୍ଷାତ କରି ଆଶାୟୀ ପ୍ରାର୍ଥୀମାନେ ଅଭିଯୋଗ କରି ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି।

## ପ୍ରବାସୀ ଶ୍ରମିକଙ୍କୁ କାମ ଦେଇ ପାରିଲେନି ସରକାର

କୋକସରା, ୧୫।୯ (ଡି.ଏନ.ଏ.)

ପ୍ରବାସୀ ଶ୍ରମିକଙ୍କୁ କାମ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ କଳାହାଣ୍ଡି ଜିଲାରେ କାମଧନ୍ଦା ନ ମିଳିବାରୁ ପ୍ରବାସୀ ଶ୍ରମିକ ପୁଣି ଥରେ ଦାଦନ ଯିବା ଆରମ୍ଭ କଲେଣି ବୋଲି କୋକସରା ବ୍ଲକ ଭାଜପା ଅଭିଯୋଗ କରିଛି। ଜିଲା କୃଷକ ମୋର୍ଚ୍ଚା ନେତା ସୁଧୀର ପାଢୀଯୋଶୀ, ଗୋଦାବରୀଶ ପାତ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ଏ ନେଇ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ଜିପିଓ ନାରାୟଣ ଭୋଇଙ୍କୁ ପ୍ରଦାନ କରାଯାଇଛି । ତ୍ରିନାଥ ବାଗ, ମଧୁବନ ପାତ୍ର, ତ୍ରିନାଥ ଶବର, ପ୍ରମୁଖ ଦାବିପତ୍ର ଦେଇଥିଲେ।

## ନାରୀନେତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟର ପ୍ରତିବାଦ

**ଭବାନୀପାଟଣା, ୧୫।୯(ସ୍ୱ.ପ୍ର):** କଳାହାଣ୍ଡି ଜିଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ କଲ୍ୟାଣୀ ନାଏକଙ୍କୁ ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ ପ୍ରଦାନକୁ ଦଳ ନିନ୍ଦା କରିଛି। ରାଜ୍ୟ ସମ୍ପାଦିକା ସବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଏ ନେଇ ଏକ ବୈଠକ ବସିଥିଲା । ଏଥିରେ ଗତ କିଛିଦିନ ତଳେ ସୋସିଆଲ ମିଡିଆରେ ନାଏକଙ୍କ ସମ୍ପର୍କରେ ଅରୁଚିକର ମନ୍ତବ୍ୟକୁ ନିନ୍ଦା କରାଯାଇଥିଲା । ଦଳ ନାରୀଙ୍କୁ ସମ୍ମାନ କରେ,ନାରୀ ସୁରକ୍ଷା ପାଇଁ ପ୍ରତିବଦ୍ଧ। ଧର୍ମଗଡ ଅଞ୍ଚଳର ଭାଗିରଥି ପଟଯୋଷୀ ଜିଲା ସଭାନେତ୍ରୀ ନାଏକଙ୍କ ପ୍ରତି ତାଙ୍କର ମନ୍ତବ୍ୟ ଯୋଗୁ ସର୍ବସାଧାରଣରେ କ୍ଷମା ନ ମାଗିଲେ ଦଳ ତାଙ୍କ ବିରୋଧରେ ନ୍ୟାୟାଳୟର ଆଶ୍ରୟ ନେବ। ଏକ ପ୍ରେସ ବିବୃତିରେ ରାଜ୍ୟ ସମ୍ପାଦିକା ପ୍ରଧାନ ଏ ନେଇ ପ୍ରକାଶ କରିଛନ୍ତି ।

## ଜିଲାପାଳଙ୍କୁ ଫେରାଦ ହେଲେ ନାଏବ ସରପଞ୍ଚ

ଲୋଇସିଂହା, ୧୫।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତରେ ଉନ୍ନୟନ କାମରେ ଅନିୟମିତତା ହେଉଥିବା ଅଭିଯୋଗ କରିଛନ୍ତି ନାଏବ ସରପଞ୍ଚ ଜଗମୋହନ ସାହୁ। ଏ ନେଇ ସେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଫେରାଦ ହୋଇଛନ୍ତି। କେନ୍ଦ୍ର ଓ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଚାୟତକୁ ବିଭିନ୍ନ ଯୋଜନାରେ ଉନ୍ନୟନ କାମ ପାଇଁ ଆନୁଦାନ ଆସୁଛି । ସରପଞ୍ଚ, ପିଇଓ ଓ ଜିପିଟି ମନୋମୁଖୀଭାବେ ଉନ୍ନୟନମୂଳକ କାମ କରୁଛନ୍ତି। ଗତ ୮ ମାସ ହେଲା ପଞ୍ଚାୟତ ବୈଠକ ବସିନାହିଁ। ୨୬ ନଂ ଜାତୀୟ ରାଜପଥ କଡ ଲାଇନଜୁରୀଠାରେ ନିର୍ମାଣାଧୀନ ବିବାଦୀୟ ଚେକଡ୍ୟାମ ପ୍ରକଳ୍ପର ଅତିରିକ୍ତ କାମ ନକରି ଲକ୍ଷାଧିକ ଟଙ୍କା ଉଠିଥିବା ନାଏବ ସରପଞ୍ଚ ସାହୁ କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ଚେକଡ୍ୟାମ କାମ ଆରମ୍ଭ କରାଯାଇଥିଲା। ସେତେବେଳେ ବେଆଇନ ଓ ନିମ୍ନମାନର କାମ ଚାଲିଥିବା ଅଭିଯୋଗ କରି ସାହୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ତତ୍କାଳୀନ ଜିଲାପାଳ ଅରିନ୍ଦମ ଡାକୁଆ ପିଡି ମହେଶ୍ୱର ସ୍ୱାଇଁଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ପିଡି ସ୍ୱାଇଁ ତଦନ୍ତ କରି ପ୍ରକଳ୍ପ ଫାଇଲ ଜବତ କରିବା ସହ ବିଲ୍ ବନ୍ଦ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ କରିଥିଲେ। ହେଲେ ଏପ୍ରିଲ ୨୦୧୯ରେ ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ୧୮ହଜାର ୬୯୪, ଡିସେମ୍ବରରେ ଶ୍ରମିକଙ୍କ ମଜୁରି ବାବଦକୁ ୧ଲକ୍ଷ ୪୦ହଜାର ଟଙ୍କା ଉଠାଯାଇଥିବା ଜଣାପଡିଥିଲା । ହେଲେ ନିର୍ମାଣାଧୀନ ଉକ୍ତ ପ୍ରକଳ୍ପରେ ଚଳିତ ବର୍ଷ କୌଣସି ଅତିରିକ୍ତ କାମ ନକରି ଓ ବିନା ମଷ୍ଟରରୋଲରେ ୧ଲକ୍ଷ ୬୨ହଜାର ୨୦୧ଟଙ୍କା ଉଠିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ଶୁଣିବା ପରେ ଜିଲାପାଳ ରାଣା ଅନିୟମିତତାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ନାଏବ ସରପଞ୍ଚ ସାହୁ କହିଛନ୍ତି।

# କାମ କରି ମିଳିନି ପାଉଣା

ବଲାଙ୍ଗୀର ଅଫିସ୍, ୧୫।୯

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ କରିଥିବା ଶ୍ରମିକଙ୍କୁ ମିଳିନି ମଜୁରି। ଏହିଭଳି ଅଭିଯୋଗ କରିଛନ୍ତି ବଲାଙ୍ଗୀର ଜିଲା ବେଲପଡା ବ୍ଲକ ମଧ୍ୟପୁର ପଞ୍ଚାୟତ ଅନ୍ତର୍ଗତ କେନକେବା ଓ ମଧ୍ୟପୁର ଗାଁର ୬୦ଜଣ ଶ୍ରମିକ।

**ଡିଆର୍‌ଡିଏ ଅଫିସ ସମ୍ମୁଖରେ ଶ୍ରମିକଙ୍କ ଧାରଣା**

ମଙ୍ଗଳବାର ସେମାନେ ବଲାଙ୍ଗୀର ଆସି ଡିଆର୍‌ଡିଏ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ମଧ୍ୟପୁରରୁ ୪୦ ଓ କେନକେବାରୁ ଆସିଥିବା ୨୦ଜଣ ଶ୍ରମିକ ଅଭିଯୋଗ କରିଥିଲେ ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୬୦ଦିନ ମାଟି



ଶ୍ରମିକମାନେ ଡିଆର୍‌ଡିଏ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି।

କାମ କରିଥିଲେ ହେଁ ସେମାନଙ୍କୁ ପାଉଣା ମିଳିନାହିଁ। ଗାଁ ସାଥୀ, ଜିଆର୍‌ଏସ୍ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ମଜୁରି ପାଇବାରୁ ବଞ୍ଚିତ ହୋଇଛନ୍ତି। ଅଥଚ ଯେଉଁମାନେ କାମ କରିନାହାନ୍ତି ସେମାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ପରେ ପିଡି ଡ.ମହେଶ୍ୱର ସ୍ୱାଇଁଙ୍କୁ ଏକ ଦାବିପତ୍ର ଦେଇ ଏହାର ବିଧିବଦ୍ଧ ତଦନ୍ତ ସହ ମଜୁରି ପ୍ରଦାନ କରିବାକୁ ଶ୍ରମିକଙ୍କ ସହ ଯୁବ ସ୍ୱେଚ୍ଛାସେବୀ ଅଚ୍ୟୁତ ସିପୁନ ଖମାରୀ ଦାବି କରିଛନ୍ତି ।

### ୩ ହଜାର କ୍ଷୁଦ୍ର ବାଣିଜ୍ୟକୁ ସହାୟତା କରିବ ଫେସ୍‌ବୁକ୍

ନୂଆଦିଲ୍ଲୀ:ଦେଶର ୩ ହଜାର କ୍ଷୁଦ୍ର ବାଣିଜ୍ୟକୁ ସହାୟତା କରିବା ଲାଗି ଫେସ୍‌ବୁକ୍ ଇଣ୍ଡିଆ ଯୋଜନା ରଖିଛି। ଦିଲ୍ଲୀ, ଗୁରୁଗ୍ରାମ, ମୁମ୍ବାଇ, ହାଇଦ୍ରାବାଦ ଏବଂ ବାଙ୍ଗାଲୋର ଭଳି ସ୍ଥାନରେ କମ୍ପାନୀ ଏହି ଯୋଜନାକୁ କାର୍ଯ୍ୟକାରୀ କରାଇବ। ଏଥିଲାଗି ୩୨ କୋଟି ଟଙ୍କାର ଏକ ପାଣ୍ଠି ଘୋଷଣା କରାଯାଇଛି।

## ସଂକ୍ଷେପରେ

### ରପ୍ତାନି ୧୨.୬୬% କମିଲା

ନୂଆଦିଲ୍ଲୀ,୧୫।୯: କରୋନା ପ୍ରଭାବ ଯୋଗୁ ଗତ ୬ ମାସ ହେବ ଘରୋଇ ବଜାରରୁ ରପ୍ତାନି ହ୍ରାସ ଧାରା ଲାଗି ରହିଛି। ଅଗଷ୍ଟରେ ରପ୍ତାନି ୧୨.୬୬% ହ୍ରାସ ଘଟି ୨୨.୭ ବିଲିୟନ ଡଲାର ରହିଛି। ପେଟ୍ରୋଲିୟମ, ଚମଡ଼ା, ଇଞ୍ଜିନିୟରିଂ ଉତ୍ପାଦ, ଜେମ୍ସ ଆଣ୍ଡ ଜୁଏଲେରି ଭଳି ଅନ୍ୟ ବର୍ଗରେ ସାମଗ୍ରୀ ରପ୍ତାନି ଖସିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସରକାର ମଙ୍ଗଳବାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ଏହି ସମୟ ଅବଧିରେ ଆମଦାନୀ ୨୬% କମିବା ଯୋଗୁ ଏହା ୨୯.୪୭ ବିଲିୟନ ଡଲାର ରହିଛି। ଫଳରେ ବାଣିଜ୍ୟ ନିଅଣ୍ଟ ୬.୭୭ ବିଲିୟନ ଡଲାରକୁ ଏହା ଖସିଛି।

### ମହାମାରୀ ବେଳେ ସୁଧ ଛାଡ଼ ବିଚାର କରିବ କମିଟି

ନୂଆଦିଲ୍ଲୀ,୧୫।୯: କୋଭିଡ୍-୧୯ ମହାମାରୀ ସମୟରେ ଋଣ କିସ୍ତି ଉପରେ ଲାଗୁ ହେଉଥିବା ସୁଧ ଛାଡ଼ ଉପରେ ସରକାରୀ କମିଟି ବିଚାର କରିବ। ଲୋକସଭାକୁ ଏକ ଲିଖିତ ଉତ୍ତରରେ ସରକାର ଏହି ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତ ବିଭିନ୍ନ ପ୍ରଶ୍ନ ଉପରେ ଉତ୍ତର ରଖି ଅର୍ଥରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ରିଜର୍ଭ ବ୍ୟାଙ୍କ ବିଭିନ୍ନ ନିୟାମକ ପଦକ୍ଷେପ ହାତକୁ ନେଇଛି। ଏହା ମଧ୍ୟରେ ଋଣ ମୋରାଟୋରିୟମ, ରିଜୋଲ୍ୟୁଶନ ପ୍ଲାନ୍ ସାମିଲ ରହିଛି। ସୁଧ ଛାଡ଼ ସଂକ୍ରାନ୍ତ ବିଭିନ୍ନ ପ୍ରସ୍ତାବ ଉପରେ ବିଚାର କରିବା ଲାଗି ସରକାର ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ସୁଧ ଛାଡ଼ ହେଲେ ଏହାର ପ୍ରଭାବ ଏବଂ ମୋରାଟୋରିୟମ ବେଳେ ସୁଧ ଛାଡ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଏହି କମିଟି ବିଚାର କରିବ ବୋଲି ଜଣାପଡିଛି।

# ଘରୋଇକରଣ ନତୁବା ବନ୍ଦ ହେବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୧୫।୯



ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଲାଗି ସରକାରଙ୍କ ସାମ୍ନାରେ ୨ଟି ବିକଳ୍ପ ରହିଛି। ଏହି ବିମାନ କମ୍ପାନୀକୁ ସରକାର ଘରୋଇକରଣ କରିବେ ନ ହେଲେ ସମ୍ପୂର୍ଣ୍ଣ ବନ୍ଦ କରିଦେବେ। କମ୍ପାନୀ ଉପରେ ବର୍ତ୍ତମାନ ବୃହତ୍ ପରିମାଣର ଋଣ ଭାର ରହିଛି। ଏହାକୁ ଧ୍ୟାନରେ ରଖି ସରକାର ୨ଟି ବିକଳ୍ପ ମଧ୍ୟରୁ କୌଣସି ଗୋଟିଏକୁ ଗ୍ରହଣ କରିବେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ମଙ୍ଗଳବାର ସୂଚନା ଦେଇଛନ୍ତି।

ରାଜ୍ୟ ସଭାରେ ଏୟାରକ୍ରାଫ୍ଟ ସଂଶୋଧନ ବିଲ୍ ପାସ୍ ହେବା ଆଗରୁ ପୁରୀ କମ୍ପାନୀର ଘରୋଇକରଣକୁ ନେଇ କହିଛନ୍ତି ଯେ, ସରକାର ଯଦି ସହାୟତା ଦେବେ ଏୟାର ଇଣ୍ଡିଆ ଚାଲିପାରିବ। ମାତ୍ର ବିମାନ କମ୍ପାନୀ ବର୍ତ୍ତମାନ ୬୦ ହଜାର କୋଟି ଋଣ ଭାର ସହ ଚାଲୁଛି, ଯାହାକୁ ବହନ କରିବା କଷ୍ଟକର ବ୍ୟାପାର। ଏଣୁ ଏହାର ଘରୋଇକରଣ ଏବଂ ବନ୍ଦ ଭଳି ୨ଟି ବିକଳ୍ପ ସରକାରଙ୍କ ସାମ୍ନାରେ ରହିଛି। ଏୟାର ଇଣ୍ଡିଆକୁ ନୂଆ ପରିଚାଳନା ସଂସ୍ଥା ମିଳିବା ସହ ଘରୋଇକରଣ ନେଇ ଆଶାବାଦୀ ରହିଥିବା ପୁରୀ ମତ ରଖିଛନ୍ତି।

ସୂଚନାଯୋଗ୍ୟ, ଏୟାର ଇଣ୍ଡିଆର ଘରୋଇକରଣ ଲାଗି ସରକାରୀ ପ୍ରକ୍ରିୟା ଜାରି ରହିଛି। ବିମାନ କମ୍ପାନୀକୁ

**ସ୍ପଷ୍ଟ କଲେ ବିମାନ ଚଳାଚଳ ମନ୍ତ୍ରୀ**

ସମ୍ପୂର୍ଣ୍ଣ ବନ୍ଦ ନ କରି ଏହାକୁ ଘରୋଇକରଣ କରାଯିବା ଉପରେ ସରକାର ଫୋକସ କରିଛନ୍ତି। ଏ ନେଇ ପ୍ରକ୍ରିୟା ଜାରି ରହିଛି। ଏକ ଯୋଗ୍ୟ ବିଡର ସନ୍ଧାନରେ ସରକାର ରହିଥିବା ଜଣାପଡିଛି। ଅପରପକ୍ଷରେ ରାଜ୍ୟ ସଭା ଏୟାରକ୍ରାଫ୍ଟ ସଂଶୋଧନ ବିଲ୍ ୨୦୨୦କୁ ପାସ୍ ହୋଇଛି। ଚଳିତ ବର୍ଷ ମାର୍ଚ୍ଚରେ ଲୋକସଭା ଏହି ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିଥିଲା। ଏହାଦ୍ୱାରା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ), ବେସାମରିକ ବିମାନ ଚଳାଚଳ ନିରାପତ୍ତା ବ୍ୟୁରୋ(ବିସିଏଏସ୍), ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ(ଏଏଆଇବି) ଭଳି ଏଜେନ୍ସିଗୁଡିକ ବୈଧାନିକ ସଂସ୍ଥା ଭାବେ ରୂପାନ୍ତରିତ କରାଯିବାର ଯୋଜନା ରଖାଯାଇଛି।

# ଏସ୍‌ବିଆଇ ଓଟିପି ଉଠାଣ ୨୪ ଘଣ୍ଟିଆ ହେଲା

ଭୁବନେଶ୍ୱର, ୧୫।୯

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଏହାର ଓଟିପି ଭିତ୍ତିକ ଏଟିଏମ୍ ଉଠାଣ ବ୍ୟବସ୍ଥାକୁ ଚବିଶ ଘଣ୍ଟିଆ କରାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ୧୮ରୁ ଲୋକମାନେ ଏହି ସେବା ଲାଭ କରିପାରିବେ। ୨୦୨୦ ଜାନୁୟାରୀ ପହିଲାରୁ ଏଟିଏମ୍‌ରୁ ଟଙ୍କା ଉଠାଣକୁ ସୁରକ୍ଷିତ କରିବା ଲାଗି ବ୍ୟାଙ୍କ ଓଟିପି ଭିତ୍ତିକ ଉଠାଣ ସେବା ରାତି ୮ରୁ ସକାଳ ୮ ଯାଏ କାର୍ଯ୍ୟକାରୀ କରାଇଥିଲା। ୧୦ ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟର ଟଙ୍କା ଉଠାଣ ଉପରେ ଫୋନକୁ ଏକ ଓଟିପି ଆସୁଥିଲା। ଏଟିଏମ୍ ଉଠାଣ ଠକେଇ ଓ ଅନ୍ୟ ସମସ୍ୟାରୁ ସୁରକ୍ଷା ପାଇଁ ବ୍ୟାଙ୍କ ଏଭଳି ଏକ ବ୍ୟବସ୍ଥାକୁ ଗ୍ରହଣ କରିଛି। ଓଟିପି ସେବା ଜରିଆରେ ଗ୍ରାହକଙ୍କୁ ସୁରକ୍ଷା ଓ ଠକେଇରୁ ମୁକ୍ତି ମିଳିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ୧୮ ସେପ୍ଟେମ୍ବରରୁ କଡ଼ାକଡ଼ି ଭାବରେ ବ୍ୟାଙ୍କର ଏଟିଏମ୍‌ରୁ ୧୦ ହଜାର କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ଟଙ୍କା ଉଠାଣ ସମୟରେ ପ୍ରଥମ ଗ୍ରାହକଙ୍କ ଖାତା ଆଧାରିତ ଫୋନ ନମ୍ବରକୁ ଏକ ଓଟିପି ଆସିବ। ଉକ୍ତ ନମ୍ବରକୁ ବ୍ୟବହାର କରାଯିବା ପରେ ଟଙ୍କା ଉଠାଣ ହୋଇପାରିବ। ଏହା ଫଳରେ ସୁରକ୍ଷିତ ବ୍ୟାଙ୍କିଙ୍ଗ୍ ସେବା ସହ ଠକେଇରୁ ରକ୍ଷା ପାଇହେବ। ଏ ସମ୍ପର୍କରେ ବ୍ୟାଙ୍କର ରିଟେଲ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍‌ର ନିର୍ଦ୍ଦେଶକ ସି.ଏସ୍. ସେଟ୍ଟୀ କହିଛନ୍ତି, ଗ୍ରାହକଙ୍କ ସୁରକ୍ଷାକୁ ବ୍ୟାଙ୍କ ସର୍ବଦା ଗୁରୁତ୍ୱ ଦେଇଛି। ବିଭିନ୍ନ ସମୟରେ ଏଟିଏମ୍ ଉଠାଣରେ ଠକେଇ ଘଟଣାକୁ ଆଖି ଆଗରେ ରଖି ଏହି ନୂତନ ସେବାର ବିକଶିତ କରାଯାଇଛି। ଭିନ୍ନ ଢଙ୍ଗରେ ଏଟିଏମ୍ ଉଠାଣ ଘଟଣାରୁ ଗ୍ରାହକଙ୍କୁ ସୁରକ୍ଷିତ ପ୍ରଦାନ କରାଯାଇପାରିବ। ଏହି ୨୪ ଘଣ୍ଟିଆ ସେବା ଫଳରେ ଗ୍ରାହକମାନେ ମଧ୍ୟ ଉପଯୁକ୍ତ ବ୍ୟାଙ୍କ ବ୍ୟବସ୍ଥା ସହ ସୁରକ୍ଷିତ ଟଙ୍କା ଉଠାଣର ଲାଭ ଉଠାଇପାରିବେ ବୋଲି ସେ ଆଶା କରିଛନ୍ତି। ନିରନ୍ତର ସେବା ପାଇବା ଲାଗି ଫୋନ୍ ନମ୍ବରକୁ ଅପ୍‌ଡେଟ କରାଇନେବା ଲାଗି ଆକାଉଣ୍ଟଧାରୀଙ୍କୁ ବ୍ୟାଙ୍କ ପକ୍ଷରୁ ନିବେଦନ କରାଯାଇଛି।

# ୧୬ ଶହ କମ୍ପାନୀ ପାଇଛନ୍ତି ଚାଇନା ଏଫ୍‌ଡିଆଇ

ନୂଆଦିଲ୍ଲୀ,୧୫।୯

ଘରୋଇ ବଜାରର ପ୍ରାୟ ୧୬ଶରୁ ଊର୍ଦ୍ଧ୍ୱ କମ୍ପାନୀ ଚାଇନାର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ) ଲାଭ କରିଛନ୍ତି। ୨୦୧୬ ଏପ୍ରିଲରୁ ମାର୍ଚ୍ଚ ୨୦୨୦ ମଧ୍ୟରେ ଏହି କମ୍ପାନୀଗୁଡିକରେ ପ୍ରାୟ ୧ ବିଲିୟନ ଡଲାର ନିବେଶ ହୋଇଥିବା ସରକାରୀ ଡାଟାରୁ ଜଣାପଡିଛି। ପ୍ରାୟ ୪୬ କ୍ଷେତ୍ରରେ ଚାଇନା କମ୍ପାନୀଗୁଡିକ ଭାରତୀୟ ଷ୍ଟାର୍ଟ ଅପ୍ ଏବଂ ଅନ୍ୟ କମ୍ପାନୀଗୁଡ଼ିକରେ ନିବେଶ କରିଛନ୍ତି। ଅଟୋମୋବାଇଲ, ବୁକ୍ ପ୍ରିଣ୍ଟିଂ, ଇଲେକ୍‌ଟ୍ରୋନିକ୍ସ, ସର୍ଭିସ ଏବଂ ଇଲେକ୍ଟ୍ରିକାଲ ଯନ୍ତ୍ରାଂଶ ବର୍ଗରେ ପ୍ରାୟ ୧୦୦ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ଚାଇନା ଏଫ୍‌ଡିଆଇ ଆସିଛି। ଦେଶର ଅଟୋମୋବାଇଲ ଶିଳ୍ପ ୧୭୨ ନିୟୁତ ଏବଂ ସେବା କ୍ଷେତ୍ର ୧୨୯ ନିୟୁତ ଡଲାର ନିବେଶ ଏହି ଦେଶରୁ ପାଇଛି। ଚାଇନା ଏଜେନ୍ସିଗୁଡିକ କେତେ ପରିମାଣର ନିବେଶ କରିଛନ୍ତି ସେ ସଂକ୍ରାନ୍ତ ଡାଟା କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ରଖିନାହିଁ ବୋଲି କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି।

# ଜିଡିପି ୯% ଖସିବ:ଏଡିବି

ନୂଆଦିଲ୍ଲୀ, ୧୫।୯

ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୯% ଖସିଯିବ। କରୋନା ମହାମାରୀ ଯୋଗୁ ଘରୋଇ ବଜାରର କାର୍ଯ୍ୟକଳାପ ଏବଂ ଚାହିଦା ପ୍ରଭାବିତ ହୋଇ ରହିଥିବାରୁ ଏହା ଜିଡିପି ଉପରେ ଗଭୀର ଭାବେ ପ୍ରଭାବ ପକାଉଥିବା ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ପକ୍ଷରୁ ମଙ୍ଗଳବାର ଏକ ରିପୋର୍ଟରେ କୁହାଯାଇଛି। ବ୍ୟାଙ୍କ ଏହାର ଏସିଆନ ଡେଭଲପମେଣ୍ଟ ଆଉଟଲୁକ୍‌ରେ କହିଛି ଯେ, ୨୦୨୧-୨୨ଆର୍ଥିକ ବର୍ଷରେ ଭାରତ ପୁଣିଥରେ ଅଭିବୃଦ୍ଧି ପଥକୁ ଫେରିବ। ମୋବିଲିଟି ଏବଂ ବିଜ୍‌ନେସ କାର୍ଯ୍ୟକଳାପ ଫେରିବା ଯୋଗୁ ଘରୋଇ ବଜାରକୁ ଏହାର ଲାଭ ମିଳିବ। ଏହି ସମୟରେ ଭାରତର ବିକାଶ ହାର ୮% ରହିବା ନେଇ ଏହି ବ୍ୟାଙ୍କ ଆଶା ପ୍ରକଟ କରିଛି। ଭାରତ ସରକାର ସାରା ଦେଶରେ ଲାଗୁ କରିଥିବା ଲକ୍‌ଡାଉନ ଯୋଗୁ ବଜାରକୁ ଶକ୍ତ ଧକ୍କା ଲାଗିଥିବା ଏଡିବି ମୁଖ୍ୟ ଅର୍ଥନୀତିଜ୍ଞ ୟାସୁୟୁକି ସାୱାଡା ସୂଚନା ଦେଇଛନ୍ତି। ସଂକ୍ରମଣକୁ ରୋକିବା ଲାଗି ଟେଷ୍ଟିଂ, ସ୍ୱାସ୍ଥ୍ୟ ସୁବିଧା ଉନ୍ନତ କରିବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛି।

# ଖୋଲିଲା ଉତ୍କଳ ଗ୍ୟାଲେରିଆର ଫୁଡ୍ କୋର୍ଟ

ଭୁବନେଶ୍ୱର, ୧୫।୯

କରୋନା କଟକଣା କାରଣରୁ ବନ୍ଦ ହୋଇ ରହିଥିବା ଉତ୍କଳ କନିକା ଗ୍ୟାଲେରିଆର ଫୁଡ୍ କୋର୍ଟ ଗ୍ରାହକଙ୍କ ପାଇଁ ଖୋଲାଯାଇଛି। ସରକାରଙ୍କ ଗାଇଡ୍‌ଲାଇନ ସହ ଫୁଡ୍ କୋର୍ଟ ପରିସରକୁ ସମ୍ପୂର୍ଣ୍ଣ ସାନିଟାଇଜେଶନ ବ୍ୟବସ୍ଥା ସହ ଗ୍ରାହକଙ୍କ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରାଯାଉଛି। ଏହି ଫୁଡ୍ କୋର୍ଟ ମଲ୍‌ର ୩ୟ ମହଲାରେ ରହିଛି। ଷ୍ଟ୍ରିଟ୍ ଫୁଡ୍ସ ବାଇ ପଞ୍ଜାବ ଗ୍ରିଲ୍,ଏସିଆ ସେଭେନ, ପିଜା ହଟ୍ ଏବଂ କେଏଫ୍‌ସି ଭଳି ବ୍ରାଣ୍ଡେଡ୍ ଶପ୍‌ଗୁଡିକ ଏଠାରେ ଖୋଲାରହୁଛି। ଏହି ଶପ୍‌ଗୁଡିକ ବିଭିନ୍ନ ଅଫର ସହ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଖାଦ୍ୟସାମଗ୍ରୀ ଉପଲବ୍ଧ କରାଉଛନ୍ତି ବୋଲି ମଲ୍ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟ ଖବର

# ପ୍ରଶ୍ନକାଳ ବନ୍ଦକୁ କଂଗ୍ରେସର ବିରୋଧ

- ସର୍ବଦଳୀୟ ବୈଠକ ଡାକିବାକୁ ଦାବି କଲେ ତାରା
- ପାର୍ଲାମେଣ୍ଟ ଢାଞ୍ଚାରେ ଚାଲିଲେ ଆପତ୍ତି ନାହିଁ: ଭାଜପା

ଭୁବନେଶ୍ୱର ୧୫।୯(ବ୍ୟୁରୋ): ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବ। ଏଥିରେ ୮ କାର୍ଯ୍ୟଦିବସ ଥିବାବେଳେ ଚଳିତ ଅଧିବେଶନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖାଯାଇନାହିଁ। ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ ସମ୍ପୃକ୍ତ ପ୍ରସଙ୍ଗଗୁଡିକୁ ଚାପି ଦେବା ଲାଗି ଏପରି ମସୁଧା କରାଯାଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ବିଧାନସଭା ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ ଡକାଯାଉ ବୋଲି ଦଳ ଦାବି କରିଛି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବିଧାନସଭା ଅଧିବେଶନ ନେଇ ସଚିବ ଯେଉଁ ଚିଠି ପଠାଇଛନ୍ତି ସେଥିରୁ କିଛି ସ୍ପଷ୍ଟ ହେଉନାହିଁ। ପ୍ରଶ୍ନକାଳ ବନ୍ଦ କରାଯିବ, ହେଲେ ଶୂନ୍ୟକାଳ ସହିତ ମୁଲତବୀ ଆଲୋଚନା ହେବ କି ନାହିଁ ତାହା ଜଣାପଡୁନାହିଁ। କରୋନା ମୁକାବିଲାକୁ ଆଳ କରି ବ୍ୟାପକ ଦୁର୍ନୀତି ହୋଇଛି। ଏସବୁ ଧରାପଡ଼ିଯିବା ଭୟରେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଶ୍ନକାଳ ବନ୍ଦ ଲାଗି ଯୋଜନା କରିଥିବା ତାରା ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପଟେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି, ପାର୍ଲାମେଣ୍ଟ ବ୍ୟବସ୍ଥା ଅନୁଯାୟୀ ବିଧାନସଭା ଚାଲିଲେ କିଛି ଆପତ୍ତି ନାହିଁ। ସେହିପରି ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି, କୋଭିଡ୍ ନିୟମ ଅନୁଯାୟୀ ମୌସୁମୀ ଅଧିବେଶନର ବ୍ୟବସ୍ଥା କରାଯାଇଛି। ପ୍ରଶ୍ନକାଳ ନ ରହିବା ପ୍ରସଙ୍ଗରେ କଂଗ୍ରେସ ଯେଉଁ ଆପତ୍ତି ଉଠାଇଛି ତାହା ଠିକ୍ ନୁହେଁ। କଂଗ୍ରେସ ଶାସିତ ରାଜ୍ୟରେ ମଧ୍ୟ ଏପରି ବ୍ୟବସ୍ଥାରେ ବିଧାନସଭା ଅଧିବେଶନ ଚାଲୁଥିବା ଅମର କହିଛନ୍ତି।

# ଅପହରଣର ୬ ଦିନ ପରେ ନାବାଳିକା ଉଦ୍ଧାର

ଦେଓଗାଁ,୧୫।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ୬ ଦିନ ପରେ ଅଭିଯୁକ୍ତଙ୍କ ଘରୁ ପୋଲିସ ଉଦ୍ଧାର କରିଛି। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବିଳାସପୁରର ମଦନ ଭୁଏ (୨୦)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଅପହରଣ, ବଳାତ୍କାର ଓ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ସେହିଭଳି ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ବରିହା ସୂଚନା ଦେଇଛନ୍ତି। ସୂଚନାନୁସାରେ, ଗତ ୫ ତାରିଖ ସନ୍ଧ୍ୟାରେ ସମ୍ପୃକ୍ତ ନାବାଳିକା ଜଣକ ପାଖ ବନ୍ଧକୁ ଶୌଚ ପାଇଁ ବାହାରିଥିଲେ। ହେଲେ ଅଭିଯୁକ୍ତ ମଦନ ତାଙ୍କୁ ଏକୁଟିଆ ପାଇ ଅପହରଣ କରି ନେଇ ନିଜ ଘରେ ରଖିଥିଲେ। କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇ ୬ ଦିନ ଧରି ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ତେବେ ଝିଅ ନିଖୋଜ ହେବା ପରଦିନ ନାବାଳିକାଙ୍କ ବାପା ବନ୍ଧପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତନାଘନା ଚଳାଇଥିଲା।

# ଅନ୍ୟ ଜାତିରେ ବାହା ହୋଇଥିଲେ ବୋଲି ଛୁଇଁଲେନି

ଲାଠୋର, ୧୫।୯(ଡି.ଏନ.ଏ)

ଆଜି ମଧ୍ୟ ସମାଜରୁ ଜାତି ପ୍ରଥା ଉଠି ପାରୁନି। ବିଭିନ୍ନ ସମୟରେ ବିଭିନ୍ନ ଲୋକ ଏହାର ଶିକାର ହୋଇ ହଇରାଣ ହେଉଛନ୍ତି। ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର ମଧ୍ୟ କ୍ଷୁର୍ଣ୍ଣ ହେଉଛି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଗ୍ରାମରେ ଏହି ପରି ଏକ କଳଙ୍କିତ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ଅନ୍ୟ ଜାତିରେ ବିବାହ କରିଥିଲେ ବୋଲି ଶେଷ ସମୟରେ ତାଙ୍କୁ କେହି କାନ୍ଧ ଦେଇ ନାହାନ୍ତି, ଯାହା ଏଠାରେ ଆଲୋଡନ ସୃଷ୍ଟି କରିଛି। ଅବଶ୍ୟ ଏହି ଖବର ପାଇଲା ପରେ କେତେଜଣ ଯୁବଗୋଷ୍ଠୀ ଏକତ୍ରିତ ହୋଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଦାହ କରିଛନ୍ତି।



ଗାଁର ଯୁବଗୋଷ୍ଠୀ ମୃତଦେହ ସତ୍କାର ପାଇଁ ନେଉଛନ୍ତି ।

ଲାଠୋର ଗାଁ କରଡିଆପଡାର ବ୍ରହ୍ମା ହଂସ (୫୨)। ସେ ଅନ୍ୟ ଜାତିରେ ପ୍ରେମ ବିବାହ କରିଥିଲେ। ଏଥିଯୋଗୁ ତାଙ୍କୁ ସମାଜରୁ ବାସନ୍ଦ କରାଯାଇଥିଲା। ହେଲେ ଏହାକୁ ଖାତିର ନ କରି ସ୍ୱାମୀ ସ୍ତ୍ରୀ ଅନ୍ୟତ୍ର ରହୁଥିଲେ। ପରେ କିନ୍ତୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ଏଣୁ ବ୍ରହ୍ମାଙ୍କ ହାତ ଛାଡି ଦେଇ ତାଙ୍କ ସ୍ତ୍ରୀ ବାପ ଘରକୁ ଚାଲି ଯାଇଛନ୍ତି।

**ଅନ୍ତିମ ସଂସ୍କାର କଲେ ସାମାଜିକ କର୍ମୀ**

ସେବେଠୁ ବ୍ରହ୍ମା ଏକୁଟିଆ ଘରେ ରହୁଥିଲେ। ଏହି କିଛି ଦିନ ତଳେ ପେଟ ବ୍ୟଥା ଯୋଗୁ ବ୍ରହ୍ମା ଔଷଧ ଖାଉଥିଲେ। ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ତାଙ୍କର ସମ୍ପର୍କୀୟ ତଥା ପରିବାର ଲୋକ ଜାଣିଲା ପରେ ମଧ୍ୟ ଅନ୍ତିମ ସତ୍କାର କରିବାକୁ ଆସି ନ ଥିଲେ। ଏହି ଖବର ପାଇ ସାମାଜିକ କର୍ମୀ ସୁଶୀଲ କୁମାର ଅଗ୍ରୱାଲ ଏବଂ କ୍ରିଷ୍ଣା ସେଠୀଙ୍କ ନେତୃତ୍ୱରେ କରଡିଆପଡାର ଯୁବ ଗୋଷ୍ଠୀ ତାଙ୍କ ଅନ୍ତିମ ସଂସ୍କାର କରିବାକୁ ଏକତ୍ରିତ ହୋଇଥିଲେ। ସମସ୍ତେ ମିଶି ଲାଠୋର ନିକଟସ୍ଥ ଲାନ୍ଥନଦୀ କୂଳରେ ତାଙ୍କ ଅନ୍ତିମ ସତ୍କାର କରିଥିଲେ।

# କେନ୍ଦୁପତ୍ର ଫଡ଼ିରୁ କିରୋସିନ ଜବତ

ରେଢାଖୋଲ, ୧୫।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ପୋଲିସ ବେତଗଡ ନିକଟସ୍ଥ ଏକ କେନ୍ଦୁପତ୍ର ଫଡିରୁ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପିଡିଏସ କିରୋସିନ ମଙ୍ଗଳବାର ଜବତ କରିଛି। ହେଲେ ଏହି ଘଟଣାରେ କାହାରିକୁ ଗିରଫ କରିପାରି ନାହିଁ। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁଙ୍କ ନେତୃତ୍ୱରେ ଚଢଉ କରାଯାଇଥଲା।


## ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
### ବିଜ୍ଞାପନ

No. PP-08: ଚୌଦ୍ୱାରସ୍ଥିତ ବୟନ ବୈଷୟିକ ଅନୁଷ୍ଠାନରେ (Institute of Textiles Technology) ବୟନ ବୈଷୟିକ ଡିପ୍ଲୋମା ପାଠ୍ୟକ୍ରମ ୨୦୨୦-୨୧ ଶିକ୍ଷା ବର୍ଷରେ ନାମ ଲେଖାଇ ପଢ଼ିବା ପାଇଁ ୫ (ପାଞ୍ଚ)ଜଣ ଆଗ୍ରହୀ ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଯୋଗ୍ୟତା ଅନୁସାରେ ବଛାଯିବା ପାଇଁ ତା୧୩।୧୦।୨୦୨୦ରିଖ ସୁଦ୍ଧା ନିମ୍ନ ପ୍ରଦତ୍ତ ନିର୍ଦ୍ଧାରିତ ଫାରମରେ ନିଜର ସମ୍ପୂର୍ଣ୍ଣ ବିବରଣୀ ଥିବା ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରାର୍ଥୀମାନଙ୍କ ବୟସ ୨୦୨୦ ଜୁଲାଇ ୧ ତାରିଖ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇନଥିବ। ପ୍ରାର୍ଥୀ ଦଶମ ଷ୍ଟାଣ୍ଡାର୍ଡ/ଏଚ୍.ଏସ୍.ସି. ପରୀକ୍ଷାରେ ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟ ଥାଇ ଅନ୍ୟୂନ ଶତକଡ଼ା ୩୫ଭାଗ ନମ୍ବର ତଥା ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ଶତକଡ଼ା ୩୦ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। କମ୍ପାର୍ଟମେଣ୍ଟାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ଯୋଗ୍ୟ ବିବେଚିତ ହେବା ପାଇଁ, ସେମାନେ ପ୍ରଥମ ସୁଯୋଗ ପରୀକ୍ଷାରେ ରଖିଥିବା ସର୍ବନିମ୍ନ ଶତକଡ଼ା ନମ୍ବରକୁ ବିଚାରକୁ ନିଆଯିବ।

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଦରଖାସ୍ତ ନିଜର ସମ୍ପୂର୍ଣ୍ଣ ବିବରଣୀ ସହିତ ନିମ୍ନଲିଖିତ ମୂଳ ପ୍ରମାଣପତ୍ର (ଅରିଜିନାଲ)ର ଅବିକଳ ନକଲ ଓ ନିଜର ଫଟୋସହ ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା, ଭୁବନେଶ୍ୱର - ୭୫୧୦୦୭ଙ୍କ ନିକଟରେ ତା୧୩।୧୦।୨୦୨୦ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

୧. ଦଶମ ଷ୍ଟାଣ୍ଡାର୍ଡ/ଏଚ୍.ଏସ୍.ସି. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରମାଣ ପତ୍ର।
୨. ଉପରୋକ୍ତ ପରୀକ୍ଷାରେ ହାସଲ କରିଥିବା ନମ୍ବର ତାଲିକା (Mark Sheet)
୩. ବୁଣାକାର ସମ୍ପ୍ରଦାୟଭୁକ୍ତ ହୋଇଥିବା ଉପଯୁକ୍ତ ପ୍ରମାଣପତ୍ର।
୪. ପ୍ରାର୍ଥୀମାନେ ଓଡ଼ିଶାର ବାସିନ୍ଦା ହୋଇଥିବାର ଆବଶ୍ୟକୀୟ ପ୍ରମାଣପତ୍ର (Residential Certificate) ଦେବା ଦାରକାର।

ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା
OIPR-31003/11/0004/2021



GOVERNMENT OF ODISHA
## OFFICE OF THE SUPERINTENDING ENGINEER, CENTRAL CIRCLE (R&B)
Nirman Soudha, Phase-II, 2nd Floor, Bhubaneswar
Mail ID: seccbbsr@gmail.com

**E-Procurement Tender Call Notice No. 2 of 2020-21**

No. 2101 (Estg.) Bhubaneswar the 11th September' 2020

No. B-254: The Superintending Engineer, Central Circle (R&B), Bhubaneswar on behalf of the Governor of Odisha invites percentage rate bids for two numbers of Composite Building work to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from 5.00 P.M. of 24.09.2020 to 5.00 P.M. of 08.10.2020. The bidders must possess Compatible Digital Signature Certificate of Class II or III. Bids received online shall be opened at 11.00 A.M. of 09.10.2020 in the Office of the Superintending Engineer, Central Circle (R&B), Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

Sd./- Er. G.C. Sahu
Superintending Engineer
Central Circle (R&B), Bhubaneswar
OIPR-34005/11/0004/2021



## ତହସିଲଦାରଙ୍କ କାର୍ଯ୍ୟାଳୟ, କଣିହାଁ

ବିଜ୍ଞାପନ ସଂଖ୍ୟା: ୫୧୦୪ ତା୦୯।୦୯।୨୦୨୦

No. F-37: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଅନୁଗୋଳ ଜିଲ୍ଲା ଅଧୀନସ୍ଥ କଣିହାଁ ତହସିଲରେ ଥିବା ଖଣିଜ ଉତ୍ସ ଗୁଡ଼ିକୁ ୨୦୨୦-୨୧ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ଲିଜ୍ ଆକାରରେ ବନ୍ଦୋବସ୍ତ ନିମିତ୍ତ ଦରଖାସ୍ତ (Sealed Tender) ଗ୍ରହଣ କରାଯାଉଅଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ (ପ୍ରଥମ ପର୍ଯ୍ୟାୟ ତା୦୨।୧୦।୨୦୨୦ରିଖ, ଦ୍ୱିତୀୟ ପର୍ଯ୍ୟାୟ ତା୦୯।୧୦।୨୦୨୦ରିଖ ଏବଂ ତୃତୀୟ ପର୍ଯ୍ୟାୟ ତା୧୫।୧୦।୨୦୨୦ରିଖ)ଅପରାହ୍ଣ ୨ଘଟିକା ପର୍ଯ୍ୟନ୍ତ। ଏ ସମ୍ବନ୍ଧରେ ସବିଶେଷ ବିବରଣୀ ଛୁଟିଦିନ ବ୍ୟତୀତ ଅନ୍ୟଦିନମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଏବଂ ଅନୁଗୋଳ ଜିଲ୍ଲା ୱେବ୍‌ସାଇଟ୍ **www.angul.nic.in**ରେ ମିଳିପାରିବ।

ସ୍ୱା./- ତହସିଲଦାର, କଣିହାଁ
OIPR-24104/11/0001/2021



Advt. No. - 1/2020
## OFFICE OF THE DISTRICT JUDGE, DHENKANAL
### ADVERTISEMENT
Dated the 15th Day of September 2020

No. W-06: Applications in the prescribed format, given below, are invited for filling up of One Post of Driver as per the Pay Scale Rs.19,900/- - Rs.62,200/- at level 4 with usual D.A. and other allowances, as admissible to the State Govt. Employees from time to time. Such appointment in regular pay scale shall be subject to the result of **W.P.(C) No. 1273 of 2014** pending before the Hon'ble High Court of Orissa, Cuttack.

| Sl. No. | Categories of Posts | Scale of Pay | General (UR) | SC | ST | SEBC | TOTAL |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Driver | Pay matrix Rs.19,900/- - Rs.63,200/- at level 4 | - | - | 1 | - | - |

For details, please visit the District Court, Dhenkanal website: **http://ecourts.gov.in/Odisha/Dhenkanaldc. Last date for submission of application: 15.10.2020.**

Sd./- District Judge, Dhenkanal
OIPR-18021/11/0002/2021



## National Health Mission
## Odisha State Health & Family Welfare Society
Health & FW Department, Odisha
Department of Health & FW, Govt. of Odisha
Annex Building of SIH & FW, Nayapalli, Unit-8, Bhubaneswar-751012

Advt. No.: 17/20 Dated: 16/09/2020

### REQUEST FOR PROPOSAL (RFP) FOR OPERATION & MANAGEMENT OF PRIMARY HEALTH CENTER (NEW) IN PARTNERSHIP MODE UNDER NHM

**No. E-244:-** Odisha State Health & Family Welfare Society invites application from credible entities registered under Society Registration Act/ Indian Trust Act/ Company Act/ Institutions like Medical Colleges/ Hospitals run under Govt./ Public Sector/ Pvt. Sector for operation & management of 04 Primary Health Centers (New) located in remote areas of the State in partnership mode. The list of the PHC(N)s to be managed is available in the RFP document.

Sealed proposals as per the prescribed RFP document are invited from interested eligible bidders for the "Operation and Management of the PHCs" at the identified locations of the districts. The eligibility criteria and detailed requirements for "Operation & Management of PHCs" and the formats for submission of proposals are set forth in the RFP document which can be downloaded from the website: **www.nhmodisha.gov.in**. Interested bidders fulfilling the eligibility criteria may submit their proposal(s) with **EMD & documents** as set forth in this RFP. If the bidder wishes to apply for more than one PHC they will have to submit separate proposal for each PHC along with EMD and documents as set forth in the RFP in sealed envelope(s) clearly superscribing the name of the PHC on the envelope(s). The bidders have to submit their proposal(s) to the respective District(s) in which they want to apply. The detailed address for submission of proposal at the District(s) is mentioned in the RFP document.

Proposal(s) complete in all respect should reach the District(s) by Speed Post or Registered Post or Courier only on or before **06/10/2020**. The pre bid queries, if any, are to be addressed in the e-mail ID: pppcellnrhm@gmail.com latest by 21/09/2020 by 5.00 P.M. The clarification/amendment, if any, due to the pre bid queries shall only be hosted in the NHM, Odisha website (**www.nhmodisha.gov.in**) (under 'Tender' link). The proposal(s) shall be opened in the concerned district on the date and time mentioned in the RFP. Name of the PHC and the RFP reference No. must be superscribed on the sealed envelope. Incomplete applications/ applications received in an open envelope/applications received after the due date/from the blacklisted NGOs/ Trusts will be summarily rejected. The authority reserves the right for cancellation/ modification of guidelines for selection without assigning any reason thereof. No personal inquiry shall be entertained.

Sd./- Mission Director, NHM & Member Secretary, OSH&FW Society
OIPR-10084/11/0010/2021

# ବଢୁଛି ଆଇପିଏଲ୍ ଉତ୍କଣ୍ଠା


ଆଇପିଏଲ୍‌ରେ ଅଂଶଗ୍ରହଣକାରୀ ୮ ଦଳର ଅଧିନାୟକ।

**ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ୧୩ତମ ସଂସ୍କରଣକୁ ନେଇ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ବିଶ୍ୱର ବହୁଚର୍ଚ୍ଚିତ ଏବଂ ବ୍ୟୟବହୁଳ ଏହି ଲିଗ୍ କ୍ରମେ ପାଖେଇ ଆସିଥିବାବେଳେ ଅଂଶଗ୍ରହଣକାରୀ ଦଳ ଗୁଡ଼ିକ ଯୋଜନା ଓ ରଣନୀତିରେ ବ୍ୟସ୍ତ। ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଖେଳ ଆରମ୍ଭ ସମୟ ଏବଂ ବିଭିନ୍ନ ଦଳର ଖେଳାଳି ତାଲିକାକୁ ନେଇ ଏହି ଉପସ୍ଥାପନା..**

କରୋନା ଭାଇରସ ସଂକ୍ରମଣ ଯୋଗୁ ଆଇପିଏଲ ଏଥର ୟୁନାଇଟେଡ ଆରବ ଏମିରେଟ୍ସରେ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତମାସ ୧୯ ତାରିଖରେ ଏହା ଆରମ୍ଭ ହୋଇ ନଭେମ୍ବର ୧୦ରେ ଶେଷ ହେବ। କୋଭିଡ-୧୯ ପ୍ରୋଟୋକଲ ଅନୁସାରେ ଖେଳାଳିଙ୍କ ରହିବାଠାରୁ ଆରମ୍ଭ କରି ଅଭ୍ୟାସ ପର୍ଯ୍ୟନ୍ତ ସବୁକିଛି କଟକଣାରେ ଅନୁଷ୍ଠିତ ହେଉଛି। ଲିଗ୍ ପର୍ଯ୍ୟାୟରେ ୧୦ଟି ଦିନ ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ଅନ୍ୟ ସବୁଦିନ ଗୋଟିଏ ଲେଖାଏ ମ୍ୟାଚ ଖେଳାଯିବ। ଅପରାହ୍ନ ମ୍ୟାଚ ଗୁଡ଼ିକ ଭାରତୀୟ ସମୟ ୩ଟା ୩୦ ଓ ରାତି ମ୍ୟାଚ ଗୁଡ଼ିକ ୭ଟା ୩୦ରେ ଆରମ୍ଭ ହେବ। ସବୁ ମ୍ୟାଚ ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କରେ ପ୍ରସାରିତ ହେବ।

### ବିଭିନ୍ନ ଦଳର ଖେଳାଳି ତାଲିକା

**ଚେନ୍ନାଇ ସୁପରକିଙ୍ଗ୍ସ:** ମହେନ୍ଦ୍ର ସିଂ ଧୋନୀ(ଅଧିନାୟକ), ଏନ. ଜଗଦୀଶନ, ଋତୁରାଜ ଗାଏକ୍ୱାଡ, କେ. ଏମ. ଅସିଫ, ରବୀନ୍ଦ୍ର ଜାଡେଜା, ମୁରଲୀ ବିଜୟ, ଜୋଶ ହାଜେଲଉଡ୍, କେଦାର ଯାଦବ, କର୍ନ ଶର୍ମା, ପୀୟୂଷ ଚାୱଲା, ଅମ୍ବାତି ରାୟୁଡୁ, ଇମ୍ରାନ ତାହିର, ଦୀପକ ଚହର, ଫାଫ୍ ଡୁ ପ୍ଲେସି, ଶାର୍ଦ୍ଦୁଳ ଠାକୁର, ମିଚେଲ ସାଣ୍ଟନର, ଡ୍ୱେନ ବ୍ରାଭୋ, ଲୁନ୍‌ଗି ଏନ୍‌ଗିଡି, ସାମ୍ କୁରାନ, ମୋନୁ କୁମାର, ଶେନ ୱାଟସନ, ସାଇ କିଶୋର।

**ମୁମ୍ବାଇ ଇଣ୍ଡିଆନ୍ସ:** ରୋହିତ ଶର୍ମା (ଅଧିନାୟକ), ଶେର୍ଫାନେ ରୁଥରଫୋର୍ଡ, ସୂର୍ଯ୍ୟକୁମାର ଯାଦବ, ଅନମୋଲପ୍ରୀତ ସିଂ, କ୍ରିସ୍ ଲିନ୍, ସୌରଭ ତିୱାରୀ, ଧାୱଲ କୁଲକର୍ଣ୍ଣୀ, ଯଶପ୍ରୀତ ବୁମ୍‌ରା, ମିଚେଲ ମ୍ୟାକକ୍ଲିନଘାନ, ରାହୁଲ ଚହର, ଟ୍ରେଣ୍ଟ ବୋଲ୍ଟ, ମହସିନ ଖାଁ, ଫାବିଆନ ଆଲେନ, ପ୍ରିନ୍ସ ବଲୱନ୍ତ ରାୟ ସିଂ, ଦିଗ୍‌ବିଜୟ ଦେଶମୁଖ, ହାର୍ଦ୍ଦିକ ପାଣ୍ଡ୍ୟା, ଜୟନ୍ତ ଯାଦବ, କେରନ ପୋଲାର୍ଡ, କୃନାଲ ପାଣ୍ଡ୍ୟା, ଅନୁକୂଳ ରାୟ, ନାଥାନ କୁଲ୍ଟର ନୀଲ, ଇଶାନ କିଷନ, କ୍ୱିଣ୍ଟନ ଡି କକ୍, ଆଦିତ୍ୟ ତାରେ।

**କୋଲକାତା ନାଇଟ ରାଇଡର୍ସ:** ଦୀନେଶ କାର୍ତ୍ତିକ(ଅଧିନାୟକ), ଆନ୍ଦ୍ରେ ରସେଲ, ଅଲି ଖାନ୍, କମଲେଶ ନାଗରକୋଟି, କୁଲଦୀପ ଯାଦବ, ଲୋକି ଫର୍ଗୁସନ, ନୀତୀଶ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ରିଙ୍କୁ ସିଂ, ସନ୍ଦୀପ ୱାରିୟର, ଶିଭମ୍ ମାଭି, ଶୁଭମନ ଗିଲ, ସିଦ୍ଧେଶ ଲାଡ୍, ସୁନୀଲ ନାରିନ, ପ୍ୟାଟ୍ କୁମିନ୍ସ, ଇଅନ ମୋର୍ଗାନ, ବରୁଣ ଚକ୍ରବର୍ତ୍ତୀ, ଟିମ୍ ବାଣ୍ଟନ, ରାହୁଲ ତ୍ରିପାଠୀ, କ୍ରିସ୍ ଗ୍ରୀନ, ଏମ ସିଦ୍ଧାର୍ଥ, ପ୍ରବୀଣ ଟାମ୍ବେ, ନିଖିଲ ନାଏକ।

**ସନ୍‌ରାଇଜର୍ସ ହାଇଦ୍ରାବାଦ:** ଡେଭିଡ ୱାର୍ନର(ଅଧିନାୟକ), କେନ୍ ୱିଲିୟମସନ, ମନୀଷ ପାଣ୍ଡେ, ବିରାଟ ସିଂ, ପ୍ରୀୟମ ଗର୍ଗ, ଅବଦୁଲ ସମଦ, ଭୁବନେଶ୍ୱର କୁମାର, ଖଲିଲ ଅହମଦ, ସନ୍ଦୀପ ଶର୍ମା, ସିଦ୍ଧାର୍ଥ କୌଲ, ବିଲି ଷ୍ଟାନଲେକ୍, ଟି. ନଟରାଜନ, ଅଭିଷେକ ଶର୍ମା, ଶାହାବାଜ ନଦୀମ, ମିଚେଲ ମାର୍ଶ, ଫାବିଆନ ଆଲେନ, ବିଜୟ ଶଙ୍କର, ମହମ୍ମଦ ନବି, ରଶିଦ ଖାଁ, ସଞ୍ଜୟ ଯାଦବ, ଜନି ବେୟାରଷ୍ଟୋ, ରିଦ୍ଧିମାନ ଶାହା, ଶ୍ରୀବତ୍ସ ଗୋସ୍ୱାମୀ, ବାଭାଙ୍କା ସନ୍ଦୀପ।

**ରାଜସ୍ଥାନ ରୟାଲ୍ସ:** ଷ୍ଟିଭ୍ ସ୍ମିଥ(ଅଧିନାୟକ), ମହୀପାଲ ଲାମରୋର, ମନନ ଭୋରା, ରିୟାନ ପରାଗ, ରବିନ ଉଥପ୍ପା, ଡେଭିଡ ମିଲର, ଅଙ୍କିତ ରାଜପୁତ, ମୟଙ୍କ ମାର୍କଣ୍ଡେ, ଜୋଫ୍ରା ଆର୍ଚର, ଶ୍ରେୟାସ ଗୋପାଲ, ବରୁଣ ଆରୋନ, ଜୟଦେବ ଉନାଡକଟ, କାର୍ତ୍ତିକ ତ୍ୟାଗି, ଆକାଶ ସିଂ, ଓଶାନେ ଥୋମାସ, ଆଣ୍ଡ୍ରୁ ଟାଏ, ବେନ୍ ଷ୍ଟୋକ୍ସ, ରାହୁଲ ଟେୱାଟିଆ, ଶଶାଙ୍କ ସିଂ, ଯଶସ୍ୱୀ ଜୟସ୍ୱାଲ, ଅନିରୁଦ୍ଧ ଜୋଶୀ, ଟମ୍ କୁରାନ, ଜୋସ୍ ବଟଲର, ସଞ୍ଜୁ ସାମସନ, ଅନୁଜ ରାୱତ।

**କିଙ୍ଗ୍ସ ଇଲେଭେନ ପଞ୍ଜାବ:** ଲୋକେଶ ରାହୁଲ(ଅଧିନାୟକ), କ୍ରିସ୍ ଗେଲ୍, ମୟଙ୍କ ଅଗ୍ରୱାଲ, କରୁଣ ନାୟାର, ଶର୍ଫରାଜ ଖାଁ, ମନଦୀପ ସିଂ, ଶେଲଡନ କୋଟ୍ରେଲ, ଇଶାନ ପୋରେଲ, ରବି ବିଷ୍ଣୋଇ, ମହମ୍ମଦ ସାମି, ମୁଜିବୁର ରହମନ, ଅର୍ଶଦୀପ ସିଂ, ହର୍ଡୁସ ଭିଲଜନ, ଏମ. ଅଶ୍ୱିନ, ଜେ. ସୁଚିଥ, ହରପ୍ରୀତ ବ୍ରାର, ଦର୍ଶନ ନଲକନ୍ଦେ, ଗ୍ଲେନ ମ୍ୟାକ୍ସୱେଲ, ଜେମ୍ସ ନୀଶାମ, କ୍ରିସ୍ ଜୋର୍ଡାନ, କ୍ରିଷ୍ଣାପ୍ପା ଗୋଥାମ, ଦୀପକ ହୁଡା, ତାଜିନ୍ଦର ସି ଧିଲୋନ, ନିକୋଲାସ ପୁରନ, ପ୍ରଭସିମରନ ସିଂ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:** ବିରାଟ କୋହଲି(ଅଧିନାୟକ), ଏବି ଡି'ଭିଲର୍ସ, ଗୁରକୀରଟ ମାନ, ଦେବଦୂତ ପଡିକଲ, ଆରୋନ ଫିଞ୍ଚ, ୟୁଜବେନ୍ଦ୍ର ଚହଲ, ମହମ୍ମଦ ସିରାଜ, ଉମେଶ ଯାଦବ, ନବଦୀପ ସଇନୀ, କେନ୍ ରିଚାର୍ଡଶନ, ଡେଲ ଷ୍ଟେଇନ୍, ଇଶୁରୁ ଉଡାନ, ମୋଇନ ଅଲୀ, ପୱନ ନେଗୀ, ଶିବମ୍ ଦୁବେ, ୱାଶିଂଟନ ସୁନ୍ଦର, କ୍ରିସ୍ ମୋରିସ, ପବନ ଦେଶପାଣ୍ଡେ, ପାର୍ଥିବ ପଟେଲ, ଜୋଶୁଆ ଫିଲିପ୍, ଶାହାବାଜ ଅହମଦ।

**ଦିଲ୍ଲୀ କ୍ୟାପିଟାଲ୍ସ:** ଶ୍ରେୟସ ଆୟାର(ଅଧିନାୟକ), ପୃଥ୍ୱୀ ଶ, ଅଜିଙ୍କ୍ୟ ରାହାନେ, ଶିଖର ଧାୱନ, ଜାସନ ରାୟ, ଇଶାନ୍ତ ଶର୍ମା, ଅମିତ ମିଶ୍ର, ଆଭେଶ ଖାଁ, ସନ୍ଦୀପ ଲାମିଚାନେ, କାଗିଶୋ ରାବାଡା, କେମୋ ପଲ୍, ମୋହିତ ଶର୍ମା, ଲଳିତ ଯାଦବ, ଅକ୍ଷର ପଟେଲ, ହର୍ଶଲ ପଟେଲ, ଆର. ଅଶ୍ୱିନ, ମାର୍କୁସ ଷ୍ଟୋଇନ୍ସ, କ୍ରିସ୍ ୱୋକ୍ସ, ରିଷଭ ପନ୍ତ, ଆଲେକ୍ସ କାରେ, ଶିମରନ ହେଟମେର, ତୁଷାର ଦେଶପାଣ୍ଡେ।


ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ନେଟ୍ସ ସେସନ୍ ଅବସରରେ ୟୁଜବେନ୍ଦ୍ର ଚହଲଙ୍କ ବୋଲିଂ।

## ଷ୍ଟୋକ୍ସ ଖେଳିବା ନେଇ ମ୍ୟାକ୍‌ଡୋନାଲ୍ଡ ନିଶ୍ଚିତ ନୁହନ୍ତି

ଦୁବାଇ,୧୫।୯(ପି.ଟି.)

ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ତାରକା ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ଖେଳିବା ନେଇ ରାଜସ୍ଥାନ ରୟାଲ୍ସ ହେଡ୍ କୋଚ୍ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ ନିଶ୍ଚିତ ନୁହନ୍ତି ବୋଲି କହିଛନ୍ତି। ନ୍ୟୁଜିଲାଣ୍ଡରେ ତାଙ୍କ ବାପା ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି ଓ ତାଙ୍କୁ ଦେଖିବାକୁ ଷ୍ଟୋକ୍ସ ଯାଇଛନ୍ତି।

ଇଂଲଣ୍ଡ ବିଶ୍ୱକପ୍ ବିଜୟରେ ହିରୋ ସାବ୍ୟସ୍ତ ହୋଇଥିବା ଷ୍ଟୋକ୍ସ ଏବେ ସମସ୍ୟା ଦେଇ ଗତି କରୁଛନ୍ତି। ଅଗଷ୍ଟରେ ସେ ପାକିସ୍ତାନ ବିପକ୍ଷ ସିରିଜ୍‌ରୁ ଓହରିଯାଇଥିଲେ। ତାଙ୍କ ବାପା ବ୍ରେନ୍ କ୍ୟାନ୍‌ସରରେ ପୀଡିତ ଅଛନ୍ତି ଓ ଏଥିପାଇଁ ସେ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିପାରି ନ ଥିଲେ। ଷ୍ଟୋକ୍ସଙ୍କ ପରିବାରକୁ ପ୍ରଥମେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ତାଙ୍କୁ ଅଧିକ ସମୟ ମଧ ଦିଆଯିବା ଦରକାର। ଏବେ ଷ୍ଟୋକ୍ସ କେଉଁଠି ଅଛନ୍ତି ତାହା ମଧ ଆମେ ଜାଣିନୁ। ତେଣୁ ସେ ନେଇ ଅନୁମାନ କରିବାକୁ ଆମେ ଚାହୁଁନାହୁଁ ବୋଲି ମ୍ୟାକ୍‌ଡୋନାଲ୍ଡ କହିଛନ୍ତି।

ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟଠାରୁ ଷ୍ଟୋକ୍ସ କୌଣସି ମ୍ୟାଚ୍ ଖେଳିନାହାନ୍ତି। ନ୍ୟୁଜିଲାଣ୍ଡରେ ତାଙ୍କ ମାତାପିତା ରହୁଥିବାରୁ ସେ ସେଠାକୁ ଯାଇଛନ୍ତି। ତାଙ୍କ ପିତା ଗେଡ୍ ଜଣେ ପୂର୍ବତନ ନ୍ୟୁଜିଲାଣ୍ଡ ରଗବୀ ଖେଳାଳି। ଗତବର୍ଷ ଖ୍ରୀଷ୍ଟମାସର ଦୁଇଦିନ ପୂର୍ବରୁ ଗୁରୁତର ଭାବେ ଅସୁସ୍ଥ ହେବା କାରଣରୁ ତାଙ୍କୁ ଜୋହାନ୍ସବର୍ଗର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ରାଜସ୍ଥାନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଖେଳିବେ ବୋଲି ସେ ପରୋକ୍ଷରେ ସୂଚନା ଦେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଖେଳିବା ଅବସରରେ ତାଙ୍କ ମୁଣ୍ଡରେ ବଲ୍ ବାଜିଥିଲା। ଫଳରେ ସେ ଅନ୍ତିମ ଦୁଇଟି ଦିନିକିଆ ଖେଳିପାରି ନ ଥିଲେ। ସେ ମଧ ବୁଧବାର ଖେଳାଯିବାକୁ ଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ନ ଖେଳିପାରନ୍ତି। ସ୍ମିଥ୍‌ଙ୍କୁ କିଛି ସମୟ ଦିଆଯିବା ଦରକାର ବୋଲି ସେ କହିଛନ୍ତି।

ଗତବର୍ଷ ମ୍ୟାକ୍‌ଡୋନାଲ୍ଡଙ୍କୁ ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଥିଲା। ତେଣୁ କୋଚ୍ ହିସାବରେ ସେ ଆଇପିଏଲ୍‌ରେ ତାଙ୍କର ପ୍ରଥମ ଦାୟିତ୍ୱ ବହନ କରିବେ। ଦଳରେ କେତେଜଣ ତାରକା ତଥା ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ତେଣୁ ଦଳର ସଫଳତା ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନ ଅନୁଜ ରାୱତ୍ ଓ ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଯୁବ ଖେଳାଳିଙ୍କ ଉପରେ ସେ ଅଧିକ ଆଶା ରଖିଛନ୍ତି।

## କ୍ୱାରାଣ୍ଟାଇନ୍ ପିରିୟଡ ହ୍ରାସ ପାଇଁ ନିବେଦନ

ନୂଆଦିଲ୍ଲୀ, ୧୫।୯ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାକୁ ଥିବା ଅଷ୍ଟ୍ରେଲିଆ ଓ ଇଂଲିଶ ଷ୍ଟାର ଖେଳାଳିମାନେ କ୍ୱାରାଣ୍ଟାଇନ୍ ପିରିୟଡ ହ୍ରାସ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ନିବେଦନ କରିଛନ୍ତି। ୬ ଦିନ ପରିବର୍ତ୍ତେ ୩ ଦିନ କରାଗଲେ ସେମାନେ ଟୁର୍ନାମେଣ୍ଟ ଆରମ୍ଭରୁ ଖେଳିପାରିବେ ବୋଲି କହିଛନ୍ତି। ବର୍ତ୍ତମାନ ଇଂଲଣ୍ଡ-ଅଷ୍ଟ୍ରେଲିଆ ହ୍ୱାଇଟ୍ ବଲ୍ ସିରିଜରେ ସାମିଲ ଥିବା ୨୧ଜଣ ଖେଳାଳି ଏକ ସ୍ୱତନ୍ତ୍ର ବିମାନରେ ମାଞ୍ଚେଷ୍ଟରରୁ ଆସି ସେପ୍ଟେମ୍ବର ୧୭ରେ ଦୁବାଇରେ ପହଞ୍ଚିବାକୁ ଥିବାବେଳେ ଟୁର୍ନାମେଣ୍ଟ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେଉଛି। ଖେଳାଳିମାନେ ଗୋଟିଏ ହେଲେ ମ୍ୟାଚ୍ ମିସ୍ କରିବାକୁ ଚାହୁଁନାହାନ୍ତି। କ୍ୱାରାଣ୍ଟାଇନ୍ ପିରିୟଡ ୩ ଦିନକୁ ହ୍ରାସ କରିବା ଲାଗି ଉଭୟ ଦେଶର ଖେଳାଳିଙ୍କ ତରଫରୁ ଜଣେ ବିଗ୍ ହିଟିଂ ଷ୍ଟାର ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଅନୁରୋଧ କରିଛନ୍ତି। ଟୁର୍ନାମେଣ୍ଟର ପ୍ରସ୍ତୁତି କାର୍ଯ୍ୟ ତଦାରଖ ପାଇଁ ଗାଙ୍ଗୁଲି ଅନ୍ୟକର୍ମକର୍ତ୍ତାଙ୍କ ସହ ଏବେ ୟୁଏଇରେ ଅଛନ୍ତି। ସେ କିନ୍ତୁ ଏହା ଉପରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଖେଳାଳିମାନଙ୍କ ଯୁକ୍ତି ହେଲା ସେମାନେ ପ୍ରଥମେ ଅଷ୍ଟ୍ରେଲିଆ ଏବଂ ପରେ ୟୁକେରେ ଏକ ବାୟୋ-ବବଲ ମଧ୍ୟରେ ରହିଆସିଛନ୍ତି। ସେମାନେ ବହୁଦିନ ହେଲା ବାହାର ସଂସ୍ପର୍ଶରେ ଆସି ନ ଥିବାରୁ ଗୋଟିଏ ବାୟୋ-ବବଲରୁ ଅନ୍ୟଟିରେ ପ୍ରବେଶ ପାଇଁ ଅନୁମତି ଦିଆଯିବା ଉଚିତ। ଉଭୟ ସାଉଥାମ୍ପଟନ ଓ ମାଞ୍ଚେଷ୍ଟରରେ ସେମାନଙ୍କୁ ହିଲ୍‌ଟନ ହୋଟେଲରେ ଅବସ୍ଥାନ କରିବାକୁ ହୋଇଥିଲା, ଯାହାକି ଷ୍ଟାଡିୟମର ଅଂଶବିଶେଷ ଥିଲା। ପ୍ରତି ୫ମ ଦିବସରେ ସେମାନଙ୍କର ଟେଷ୍ଟ ହେଉଥିଲା। ଏପରିକି ୟୁକେ ଛାଡ଼ିବା ପୂର୍ବରୁ ସେମାନଙ୍କର କରୋନା ଟେଷ୍ଟ ହେବ। ୟୁଏଇରେ ପହଞ୍ଚିବାର ପ୍ରଥମ ଓ ତୃତୀୟ ଦିବସରେ ମଧ ସେମାନଙ୍କର ଟେଷ୍ଟ ହେବ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ସୃଷ୍ଟି ହୋଇଥିବା ସେଫ୍ଟି ବବଲରେ ଖେଳାଳିମାନଙ୍କ ରୁମ୍‌କୁ ଏପରିକି ହାଉସ୍‌କିପିଂଙ୍କୁ ଅନୁମତି ନ ଥିଲା। ସେମାନେ କମର୍ସିଆଲ ବିମାନ ପରିବର୍ତ୍ତେ ଚାର୍ଟାର୍ଡ ବିମାନରେ ୟୁଏଇ ଯିବେ। ୬ଦିନିଆ କ୍ୱାରାଣ୍ଟାଇନ୍‌ରେ ପ୍ରଭାବିତ ହେବାକୁ ନ ଥିବା ଏକମାତ୍ର ଦଳ ହେଲା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)। କାରଣ ଏହି ଦଳ ସେପ୍ଟେମ୍ବର ୨୩ରେ ଏହାର ଉଦ୍‌ଘାଟନୀ ମ୍ୟାଚ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳିବ।

କେକେଆର୍‌ର ରୋଷ୍ଟରରେ ଟମ୍ ବାଣ୍ଟନ, ଇଅନ ମୋର୍ଗାନ ଓ ପ୍ୟାଟ୍ କୁମିନ୍ସ ରହିଛନ୍ତି। ତେବେ ଦଳର ପ୍ରଥମ ଏକାଦଶରେ ଅତି କମ୍‌ରେ ଦୁଇ ଖେଳାଳି ସ୍ଥାନ ପାଇବେ। ସେମାନେ ହେଲେ ଆନ୍ଦ୍ରେ ରସେଲ ଓ ସୁନୀଲ ନାରିନ୍। ତେବେ ଓପନିଂ ଗେମ୍ ପାଇଁ ଯଦି ଜୋଫ୍ରା ଆର୍ଚର, ଜୋସ୍ ବଟଲର ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତି ଦ୍ୱାରା ରାଜସ୍ଥାନ ରୟାଲ୍ସ କ୍ଷତିଗ୍ରସ୍ତ ହେବ। ପିତାଙ୍କ ଅସୁସ୍ଥତା ଯୋଗ ବେନ୍ ଷ୍ଟୋକ୍ସ ଅତିକମ୍‌ରେ ଟୁର୍ନାମେଣ୍ଟର ପ୍ରଥମାର୍ଦ୍ଧ ଖେଳିପାରିବେ ନାହିଁ। ସନରାଇଜର୍ସ ହାଇଦ୍ରାବାଦ ଏହାର ଅଧିନାୟକ ଡେଭିଡ୍ ୱାର୍ନର ଏବଂ ତାଙ୍କ ଓପନିଂ ପାର୍ଟନର ଜନି ବେୟାରଷ୍ଟୋ ଅତିକମ୍‌ରେ ପ୍ରଥମ ଗେମ୍ ମିସ୍ କରିବେ। ନିୟମାନୁସାରେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିଲେ ଚେନ୍ନାଇ ସୁପର କିଙ୍ଗ୍ସ ଏହାର ପ୍ରଥମ ଦୁଇଟି ଗେମ୍ ଜୋସ୍ ହାଜ୍‌ଲେଉଡ୍ ଓ ସାମ୍ କୁରାନ୍‌ଙ୍କ ବିନା ଖେଳିବ।

## ପୂର୍ବତନ କ୍ରିକେଟରଙ୍କ ପରଲୋକ

ମୁମ୍ବାଇ, ୧୫।୯ (ପି.ଟି.)



ସଦାଶିବ ରାଓଜୀ ପାଟିଲ


ପୂର୍ବତନ ଭାରତୀୟ କ୍ରିକେଟର ସଦାଶିବ ରାଓଜୀ ପାଟିଲଙ୍କ ତାଙ୍କ କୋହ୍ଲାପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ନିଦ୍ରାଗତ ଅବସ୍ଥାରେ ମଙ୍ଗଳବାର ପ୍ରତ୍ୟୁଷରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପାଟିଲଙ୍କ ବିୟୋଗରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ପାଟିଲ ଜଣେ ମିଡ଼ିୟମ ପେସ୍ ବୋଲର ଥିଲେ। ୧୯୫୨-୫୩ ସିଜନରେ ମହାରାଷ୍ଟ୍ର ତରଫରୁ ତାଙ୍କର ପ୍ରଥମଶ୍ରେଣୀ ପଦାର୍ପଣ ପ୍ରଭାବଶାଳୀ ଥିଲା। ଏହି ମ୍ୟାଚ୍‌ରେ ମହାରାଷ୍ଟ୍ର ୧୬୭ ରନରେ ବୋଲ୍ଡ ହୋଇଯିବା ପରେ ପାଟିଲଙ୍କ ଚମତ୍କାର ବୋଲିଂ ଯୋଗୁ ଘରୋଇ କ୍ରିକେଟ ଚାମ୍ପିୟନ ମୁମ୍ବାଇକୁ ୧୧୨ରେ ଅଲଆଉଟ କରିଦେଇଥିଲେ। ଦ୍ୱିତୀୟ ଇନିଂସରେ ସେ ୬୮ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ମହାରାଷ୍ଟ୍ର ୧୯ ରନରେ ବିଜୟ ଲାଭ କରିଥିଲା। ୧୯୫୫ରେ ବ୍ରାବୋର୍ନ ଷ୍ଟାଡିୟମରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କୁ ପଦାର୍ପଣ ଟେଷ୍ଟ ମ୍ୟାଚ ଖେଳିବା ସୁଯୋଗ ମିଳିଥିଲା।


## ୧୫୬ ରାଇଡର ନେଗେଟିଭ୍


**ଲା ଟୁର୍-ଡୁ-ପିନ୍ (ଫ୍ରାନ୍ସ), ୧୫।୯ (ଏପି)-** ସଦ୍ୟ କରୋନା ଭାଇରସ୍ ଟେଷ୍ଟରେ ଟୁର୍ ଡି' ଫ୍ରାନ୍ସର ଅବଶିଷ୍ଟ ୧୫୬ ରାଇଡରଙ୍କ ନେଗେଟିଭ୍ ଆସିଛି। ସେମାନଙ୍କୁ ମଙ୍ଗଳବାର ରେସ୍‌ରେ ଭାଗ ନେବା ଲାଗି ଅନୁମତି ମିଳିଛି। ରବିବାର ଓ ସୋମବାର ୨ଟି ଟିମ୍‌ର ରାଇଡର ଏବଂ ଷ୍ଟାଫ୍ ସଦସ୍ୟଙ୍କୁ ମିଶାଇ ମୋଟ ୭୮୫ ଟେଷ୍ଟ ହୋଇଥିଲା। ସମସ୍ତଙ୍କର ନେଗେଟିଭ୍ ଆସିଥିବା ଆଲ୍‌ପ୍ସରେ ଷ୍ଟେଜ୍ ୧୬ ପୂର୍ବରୁ ଟୁର୍‌ର ଆୟୋଜକ ଏବଂ ସାଇକ୍ଲିଂ ଗଭର୍ନିଂ ବଡି ୟୁସିଆଇ ତରଫରୁ ଘୋଷଣା କରାଯାଇଛି। ନାଇସ୍‌ରେ ଅଗଷ୍ଟ ୨୯ରେ ରେସ୍ ଆରମ୍ଭ ହେବାପରଠାରୁ ଏପର୍ଯ୍ୟନ୍ତ ଜଣେ ହେଲେ ରାଇଡର ପଜିଟିଭ୍ ହୋଇନାହାନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ଏଥର ଟୁର୍ ଡି' ଫ୍ରାନ୍ସ ଆୟୋଜକ ହେବ କି ନା ସେ ନେଇ ସନ୍ଦେହ ଥିଲା। ଏହାର ପାରମ୍ପରିକ ଭାବେ ଜୁଲାଇରେ ହୋଇଥାଏ। ମାତ୍ର ଏହା ବିଳମ୍ବରେ କଡ଼ା ସ୍ୱାସ୍ଥ୍ୟ ପ୍ରୋଟୋକଲ ମଧ୍ୟରେ ଅନୁଷ୍ଠିତ ହେଉଛି।

ମନେ ପଡ଼ନ୍ତି

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୦
(ବୁଧବାର)
ମୋର ପରମ ସମ୍ମାନୀୟ ଦୋଳ ଭାଇଙ୍କୁ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ଶ୍ରୀ ନିରଞ୍ଜନ ପଟ୍ଟନାୟକ, ସଭାପତି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି, ଭୁବନେଶ୍ୱର


ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୦
(ବୁଧବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଶ୍ରୀମତୀ ମନୋରମା ପ୍ରଧାନ (ପତ୍ନୀ)
ଦେବରାଜ, ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି


ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୦
(ବୁଧବାର)
ଗଭୀର ଶ୍ରଦ୍ଧାଞ୍ଜଳି
ଡିହସାହି ଗ୍ରାମବାସୀ ବୃନ୍ଦ
ଗତିରାଉତପାଟଣା, ଗ୍ରା.ପ.: କଟକ ସଦର

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମନ୍ତ୍ରୀ ଗାନ୍ଧୀମଣିଷ ଦୋଳଗୋବିନ୍ଦ ପ୍ରଧାନଙ୍କ ସ୍ମୃତିରେ କାର୍ଯ୍ୟକ୍ରମ : ତା୧୬.୦୯.୨୦୨୦ରିଖ

ସାମୂହିକ ଦୀପଦାନ - ପୂର୍ବାହ୍ନ ୯ ଘଟିକା
ସ୍ଥାନ - ବୁଦ୍ଧ ମନ୍ଦିର, ଭୁବନେଶ୍ୱର
ଜୁମ୍ ଭିଡିଓ ଯୋଗେ ଶ୍ରଦ୍ଧାଞ୍ଜଳି ସଭା
ସନ୍ଧ୍ୟା - ୬ ଘ. ୩୦ ମି.
ID : 3685167926
Password : 999
ଉଦ୍‌ଘାଟକ
ଶ୍ରୀମଦ୍ ବାବା ବଳିଆ
ନିବେଦକ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଭାପତି
ଡଃ ବଦ୍ରୀନାଥ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି
ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ମ୍ୟାନେଜିଂ ଟ୍ରଷ୍ଟି
ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ପ୍ରତିଷ୍ଠାନ

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସ୍ୱ.ସିତାରାମ ପାଣିଗ୍ରାହୀ (କୁନା)
ଭାରତିପୁର, ପୁରୀ
ଆବିର୍ଭାବ : ୨୦.୦୫.୧୯୭୧
ତିରୋଧାନ : ୨୭.୦୯.୨୦୧୯
ପାପା ଚାହୁଁ ଚାହୁଁ ଏକବର୍ଷ ବିତିଗଲା ତମ ବାଟକୁ ମୁଁ ଚାହିଁ ବସିଛି ତମେ ଆସିବ ବୋଲି, ପାପା ତମେ ଆସିଲ ନାହିଁ, ତମେ ଯେଉଁଠି ଥାଅ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଭଲରେ ଥାଅ ପାପା।
ଶୋକସନ୍ତପ୍ତ : ତମର ହତଭାଗା ଝିଅ- ମାମାଲି ଓ ବନ୍ଧୁପରିବାରବର୍ଗ।

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ହାରାମଣୀ ତ୍ରିପାଠୀ
ସ୍ଥାନ: ଡିହପୁର, ମନ୍ଦାରବସ୍ତ, କଣାସ, ପୁରୀ
ଆବିର୍ଭାବ: ୩୧।୧୨।୧୯୩୦
ତିରୋଧାନ: ୦୭।୦୯।୨୦୨୦
ଆଜି ବି ଅବିଶ୍ୱସନୀୟ ତୁମେ ଆମ ଗହଣରେ ନାହଁ ବୋଲି। ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ସ୍ୱର୍ଗପୁର ଗମନ କଲ। ତୁମ୍ଭର ଅନୁପସ୍ଥିତିରେ ତୁମ ଆଦର୍ଶ, ସ୍ନେହ ଓ ଶ୍ରଦ୍ଧା ଆମ୍ଭମାନଙ୍କୁ ଶାନ୍ତି ପ୍ରଦାନ କରୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ଇଂ.ଫକୀର ମୋହନ ସାହୁ
ଆବିର୍ଭାବ: ୦୧।୦୬।୧୯୩୮
ତିରୋଧାନ: ୧୮।୦୯।୨୦୧୭
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ପୁତ୍ର: ସିନୁ (ଶ୍ରୀନିବାସ ସାହୁ)

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ପ୍ରଶାନ୍ତ କୁମାର ସାମନ୍ତରାୟ
ପ୍ଲଟ ନଂ.- ୧୨୦, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୧।୧୯୪୯
ତିରୋଧାନ: ୨୫।୦୯।୨୦୧୪
ତୁମର ସ୍ନେହ, ଆଦର୍ଶ ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ନିରନ୍ତର ପଥପ୍ରଦର୍ଶକ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ତୁମର ଅମରାତ୍ମା ଶାନ୍ତି ଲାଭ କରୁ ଏହା ହିଁ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ- ସ୍ନେହପ୍ରଭା, ଝିଅ- ସୁଲକ୍ଷଣା, ଜ୍ୱାଇଁ- ବିଶ୍ୱଜିତ, ବଡ଼ପୁଅ- ଉତ୍ତମ, ସାନପୁଅ- ଉଜ୍ଜ୍ୱଳ, ସାନବୋହୂ- ଶ୍ରଦ୍ଧା, ନାତି- ଅଙ୍କିତ, ନାତୁଣୀ- ଆଦିଶ୍ରୀ।

## ଗହମରେ କାଳିଗୁଣ୍ଡି ପୋକ ଲାଗୁଥିଲେ...



ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢ଼ୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

## ରୁଆ ଧାନ



ଯେଉଁ ଚାଷୀ ଭାଇମାନେ ଅନୁମୋଦିତ ପ୍ରଣାଳୀରେ ଧାନ ରୋଇ ସାରିଛନ୍ତି ଏବଂ ରୁଆର ୨୦ଦିନ ହୋଇଗଲାଣି,ଅନାବନା ଘାସ ବାଛି କିସମ ଅନୁଯାୟୀ ଏକର ପ୍ରତି ୧୬କିଗ୍ରା ଯବକ୍ଷାରଜାନ ପିଲ ସାର ଆକାରରେ ପ୍ରୟୋଗ କରନ୍ତୁ। ତଳି ୩-୪ସପ୍ତାହର ହୋଇଗଲେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ। ସେପରିସ୍ଥଳେ ତଳି ରୋଇବା ପାଇଁ ମୁଖ୍ୟ କିଆରୀକୁ କାଦୁଅ କରନ୍ତୁ। ପ୍ରଥମେ ୩-୪ଓଡ ଚାଷ କରି ପାଣି ବାନ୍ଧି ରଖନ୍ତୁ। ରୋଇବା ପୂର୍ବଦିନ ଅତ୍ୟଧିକ ପାଣି ନିଗାଡି ଦେଇ ଜମିକୁ କାଦୁଅ କରନ୍ତୁ। ସବୁଜ ସାର ପାଇଁ ଆଜୋଲା ବଢ଼ାଇଥିଲେ କାଦୁଅ ବେଳେ ହଳକରି ମାଟିରେ ମିଶାଇ ଦିଅନ୍ତୁ। ଏକର ପ୍ରତି ୨କିଗ୍ରା ଆଜୋଟୋବ୍ୟାକ୍ଟର (ମଧ୍ୟମ ଜମିରେ) ବା ଆଜୋସ୍ପିରିଲମ୍ (ଖାଲଜମିରେ) ସହିତ ୨କିଗ୍ରା ପିଏସ୍ ବି ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ। ଶେଷଓଡ କାଦୁଅରେ କିସମ ଅନୁଯାୟୀ ଏକର ପ୍ରତି ୬-୮କିଗ୍ରା ଯବକ୍ଷାରଜାନ, ୧୨-୧୬କିଗ୍ରା ଫସଫରସ ଓ ୧୨-୧୬କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ। ତଳିଘରାରେ ଦାନାଦାର ଔଷଧ ପ୍ରୟୋଗ କରି ନ ଥିଲେ ପ୍ରତି ଲିଟର ପାଣିରେ ୧ମିଲି ହିସାବରେ କ୍ଲୋରୋପାଇରିଫସ ମିଶାଇ ତଳିର ଚେରକୁ ୮-୧୦ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ। ଧାଡିକୁ ୧୫-୨୦ସେ.ମି ବୁଦାକୁ ବୁଦା ୧୦ସେ.ମି ବ୍ୟବଧାନ ରଖନ୍ତୁ। ବୁଦାପ୍ରତି ୨ରୁ ୩ଟି କରି ତଳି ସିଧା ଓ ଅଗଭୀରରେ ରୁଅନ୍ତୁ। ରୁଆ ସମୟରେ କିଆରୀରେ ନଖବୁଡା ପାଣି ରଖନ୍ତୁ।

# ବନୀକରଣରେ ବିହନ ବୋମା




ନଳିନୀ କୁମାର ପଣ୍ଡା ଗୟାଧର ଶିଅଳ

ଆଜି ଆମେ ଏକ ଏମିତି ସମୟ ଦେଇ ଗତି କରୁଛୁ, ଯେଉଁଠି ଦିନକୁ ଦିନ ଗଛଗୁଡ଼ିକ ବିପଦଗ୍ରସ୍ତ ହେବାରେ ଲାଗିଛନ୍ତି। ଫଳରେ ପୃଥିବୀପୃଷ୍ଠରେ ଜଙ୍ଗଲ ସମ୍ପଦର ହ୍ରାସ ଘଟୁଛି, ଜୀବଜଗତ ତିଷ୍ଠି ରହିବା କଷ୍ଟକର ହୋଇପଡୁଛି। ଜୈବ ବିବିଧତା ବିଗିଡ଼ିବାରେ ଲାଗିଛି ଓ ୨୦୧୫ ମସିହାରେ ନେଚର ପତ୍ରିକାରେ ପ୍ରକାଶିତ ହୋଇଥିବା ଏକ ଅନ୍ତର୍ଜାତୀୟ ବୃକ୍ଷଗଣନା ତଥ୍ୟରୁ ଜଣାଯାଏ ଯେ, ପ୍ରତ୍ୟେକ ବର୍ଷ ପ୍ରାୟ ୧୫ ଶହ କୋଟି ଗଛ ଜଙ୍ଗଲ କ୍ଷୟ ଓ ଭୂମିରୂପ ପରିବର୍ତ୍ତନ ପାଇଁ କଟାଯାଉଛି। ନୂତନ ସହରାଞ୍ଚଳ, ରାସ୍ତାଘାଟ, ବହୁତଳ କୋଠା, ମେଟ୍ରୋ ଷ୍ଟେଶନ ଆଦି ତିଆରି କରି ବିକାଶର ଧାରାରେ ଯୋଡି ହେବା ପାଇଁ କୌଣସି ଫଳାଫଳକୁ ଖାତିର ନ କରି ଅବାଧରେ ଗଛକଟା ଚାଲିଛି। ଅନ୍ତର୍ଜାତୀୟ ବୃକ୍ଷଗଣନା ଦଳରେ ଥିବା ଗବେଷକମାନଙ୍କ ମତ ଅନୁସାରେ ଭାରତରେ ଥିବା ବ୍ୟକ୍ତି ପିଛା ଗଛ ୨୮ ; ଯାହା କି ଚାଇନା ୧୩୦, ଆମେରିକା ୬୯୯ ଓ ରୁଷ ୪୮୫୬ଠାରୁ ବହୁତ କମ୍ ଓ ପରିବେଶର ପ୍ରତିପୋଷଣ ପାଇଁ ଅଧିକାଂଶ ବିପଦଗ୍ରସ୍ତ ଗଛଗୁଡ଼ିକ ଅତ୍ୟନ୍ତ ଆବଶ୍ୟକ, କାରଣ ସେମାନେ ବାୟୁମଣ୍ଡଳର ଅଙ୍ଗାରକାମ୍ଳ ଓ ଅନ୍ୟ ସବୁଜଗୃହ ଗ୍ୟାସସବୁକୁ ନିୟନ୍ତ୍ରଣ କରିଥାନ୍ତି। ବାୟୁ ଏବଂ ଜଳର ଗୁଣବତ୍ତାକୁ ବୃଦ୍ଧି କରିବା ସହିତ ପୃଥିବୀର ବିଶାଳ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇଥାନ୍ତି। ସ୍ୱଳ୍ପ ବୃକ୍ଷର ଘନତ୍ୱ ଓ ଅତ୍ୟନ୍ତ ବାୟୁ ପ୍ରଦୂଷଣ ସମସ୍ୟାରେ ଜର୍ଜରିତ ଆମ ଦେଶ ଭାରତବର୍ଷ ଆଭାସ ଦେଉଛି ଯେ, ଦେଶ ପାଇଁ ତୀବ୍ର ବନୀକରଣ ନିହାତି ଜରୁରୀ। ତେଣୁ ଅଳ୍ପ ସମୟ ମଧ୍ୟରେ ସ୍ୱଳ୍ପ ଖର୍ଚ୍ଚ ଓ ସୁବିଧାରେ ଅଧିକରୁ ଅଧିକ ବନୀକରଣ କରିବା ଏବଂ ଉଜୁଡ଼ା ଜଙ୍ଗଲକୁ ପୁନରୁଦ୍ଧାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଏହା ପାଇଁ ଅନେକ ରାଜ୍ୟ ଗୋଟିଏ ନୂତନ ପଦ୍ଧତି ଅବଲମ୍ବନ କରୁଛନ୍ତି, ଯାହା କି 'ବିହନ ବୋମା' ଭାବରେ ପରିଚିତ ଓ ଯେମିତି ବୋମାମାଡ଼ ହେଲେ ଗୋଟିଏ ସ୍ଥାନର ଭୂମି ରୂପରେ ପରିବର୍ତ୍ତନ ହୋଇଯାଇଥାଏ, ଠିକ୍ ସେମିତି ବିହନ ବୋମା ଦ୍ୱାରା ଗୋଟିଏ ଜାଗାର ଆମୂଳଚୂଳ ପରିବର୍ତ୍ତନ ଘଟିଥାଏ ଓ ମରୁଭୂମି ଭଳି ପ୍ରତୀୟମାନ ହେଉଥିବା ସ୍ଥାନ ସବୁଜିମାରେ ପରିପୂର୍ଣ୍ଣ ହୁଏ। ବୃଷ୍ଟିପାତ ସ୍ୱାଭାବିକ ହୁଏ ଓ ପରିବେଶ ସନ୍ତୁଳନ ଠିକ୍ ହୋଇଯାଏ। ଏହିପରି ଭାବେ ବିହନ ବୋମା ସମାଜର ହିତ ସାଧନ କରିଥାଏ ଓ ତେବେ ଆସନ୍ତୁ ଜାଣିବା ଏହି ବିହନ ବୋମା କ'ଣ ?

**ବିହନ ବୋମା:** ବିହନ ବୋମା ହେଉଛି ଏକ ପ୍ରାଚୀନ ଜାପାନୀ ପଦ୍ଧତି, ଯାହାକୁ ଜାପାନୀ ଭାଷାରେ 'ସୁଚି ଡାଙ୍ଗ' ଅର୍ଥାତ ମାଟି ପିଣ୍ଡୁଳା କୁହନ୍ତି। ଏହା ହେଉଛି ମାଟି, ଗୋବର ଖତ ଓ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ମଞ୍ଜିର ଏକ ଛୋଟ ପିଣ୍ଡୁଳା, ଯାହାକୁ ବୋମା ଭଳି ଫାଙ୍କା ବା ଅପରିଷ୍କୃତ ଜାଗାକୁ ସବୁଜ ସୁନ୍ଦର, ବାସୋପଯୋଗୀ ସ୍ଥାନରେ ପରିଣତ କରିବା ପାଇଁ ନିକ୍ଷେପ କରାଯାଇଥାଏ। ବିହନ ବୋମାକୁ ବିହନ ପିଣ୍ଡୁଳା ବା ବୀଜ ପିଣ୍ଡୁଳା ମଧ୍ୟ କୁହାଯାଏ। ଏହାକୁ ବହୁ ଦେଶରେ ବନୀକରଣ ବା ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ନିମନ୍ତେ ବ୍ୟବହାର କରାଯାଏ ଏବଂ ଭାରତର ଅନେକ ରାଜ୍ୟ ମଧ୍ୟ ଏହାର ଉପଯୋଗ କରିବା ଆରମ୍ଭ କଲେଣି। ବିହନ ବୋମାଗୁଡ଼ିକ ଚାରା ଅପେକ୍ଷା ଶସ୍ତା, ସୁନ୍ଦର ଓ ସହଜ ଉପାୟରେ ଜୈବିକ ପଦ୍ଧତିରେ ତିଆରି ହୋଇଥାଏ। ବିହନ ବୋମାଗୁଡ଼ିକ ଛୋଟ ଆକାରରେ ହୋଇଥିବାରୁ ଅନେକଗୁଡ଼ିକୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପକେଟରେ ଧରି ନିଆଯାଇପାରେ ଏବଂ ଅଳ୍ପ ସମୟରେ ଗୋଟିଏ ବୃହତ୍ ସ୍ଥାନରେ ବ୍ୟବହାର କରିହୁଏ।



**ପ୍ରସ୍ତୁତି ପାଇଁ ଆବଶ୍ୟକ ଉପାଦାନ:** ବିହନ ବୋମା ତିଆରି କରିବା ପାଇଁ ଦରକାର ହେଉଥିବା ଉପାଦାନଗୁଡ଼ିକ ସହଜରେ ଶସ୍ତା ବା ବିନା ମୂଲ୍ୟରେ ମିଳିଯାଏ। ମାଟି, ଖତ, ପାଣି ଓ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ହେଉଥିବା ମଞ୍ଜି ହେଉଛି ବିହନ ବୋମା ପ୍ରସ୍ତୁତିର ମୁଖ୍ୟ ଉପାଦାନ ଓ ଫୁଲ, ଫଳ, ତୃଣ, ଏପରି କି ପନିପରିବା ମଞ୍ଜି ସାହାଯ୍ୟରେ ମଧ୍ୟ ଏହା ତିଆରି କରାଯାଇପାରିବ ଓ ମଞ୍ଜିଗୁଡ଼ିକ ଅଙ୍କୁରୋଦଗମ ହେବା ପାଇଁ ମାଟି ପାଣିକୁ ଧରିରଖେ ଓ ଖତ ଉପଯୁକ୍ତ ପୋଷଣ ଯୋଗାଇ ମଞ୍ଜିକୁ ବଢ଼ି ଅବସ୍ଥାପିତ କରିବାରେ ସାହାଯ୍ୟ କରେ। ଏହିପରି ଭାବରେ ଖାଲି ଜାଗାଗୁଡ଼ିକ ସବୁଜ, ସୁନ୍ଦର ହେବା ସଙ୍ଗେସଙ୍ଗେ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଯୋଗାଏ।

**ପ୍ରସ୍ତୁତି ପ୍ରଣାଳୀ:** ବିହନ ବୋମା ପ୍ରସ୍ତୁତି କରିବା ପାଇଁ ପ୍ରଥମେ ଗୋଟେ ପାତ୍ରରେ ତିନି ଭାଗ ଶୁଖିଲା ମାଟି ଓ ଏକ ଭାଗ ଖତକୁ ଭଲ ଭାବରେ ମିଶାଯାଏ ଓ ତାହାପରେ ଅଳ୍ପ କିଛି ପାଣି ଢାଳି ମାଟି ଓ ଖତର ମିଶ୍ରଣକୁ ଅଟା ଦଳିଲା ଭଳି ହାତରେ ଦଳାଯାଏ ଓ ପରେ ଏହାକୁ ଆବଶ୍ୟକ ଆକାରରେ ପେଣ୍ଡୁ, ଲଡ୍ଡୁ ବା ବୋମା ଭଳି ତିଆରି କରାଯାଏ। ମଞ୍ଜିର ସାଇଜ ବା ଆକାର ଅନୁସାରେ ବୋମାର ଆକାର ନିର୍ଦ୍ଧାରିତ ହୋଇଥାଏ। ପ୍ରତ୍ୟେକ ବୋମାରେ ମଞ୍ଜି ଭର୍ତ୍ତି କରାଯାଏ ଓ ଏହାକୁ କିଛିଦିନ ଛାଇରେ ଶୁଖାଯାଏ। ବୋମା ଭିତରେ ମଞ୍ଜି ସଂଖ୍ୟା ଫଳର ଆକାର ଉପରେ ନିର୍ଭର କରିଥାଏ। ଆମ୍ବ, ସପେଟା ଆଦି ଫଳ ପାଇଁ ବୋମା ଭିତରେ ଗୋଟିଏ ମଞ୍ଜି ଯଥେଷ୍ଟ ହୋଇଥିବା ବେଳେ କମଳା ଓ ଲେମ୍ବୁ ଭଳି ଫଳ ପାଇଁ ୨ରୁ ୩ଟି ମଞ୍ଜି ଦରକାର ହୋଇଥାଏ। ବୃହତ୍ ଅଞ୍ଚଳ ପାଇଁ ଆମ୍ବ, ନିମ୍ବ ଓ ବର ପରି ବଡ଼ ଗଛ ଏବଂ କ୍ଷୁଦ୍ର ଜାଗାରେ ଛୋଟ ଛୋଟ ଫଳ ଓ ଫୁଲ ଗଛ ପାଇଁ ବିହନ ବୋମା ଉପଯୁକ୍ତ ହୋଇଥାଏ।

### ବିହନ ବୋମା ନିକ୍ଷେପର ସମୟସୀମା

ବିହନ ବୋମାଗୁଡ଼ିକୁ ସାଧାରଣତଃ ମୌସୁମୀ ଋତୁ ପୂର୍ବରୁ ଫିଙ୍ଗାଯାଇଥାଏ, କାରଣ ବର୍ଷାପାଣି ମଞ୍ଜିଗୁଡ଼ିକୁ ତତ୍‌କ୍ଷଣାତ ଅଙ୍କୁରିତ ହେବାରେ ସାହାଯ୍ୟ କରେ, କିନ୍ତୁ ଜଣେ ଚାହିଁଲେ ବିହନ ବୋମାଗୁଡ଼ିକ ଯେକୌଣସି ସମୟରେ ନିକ୍ଷେପ କରିପାରନ୍ତି। କାରଣ ବୋମାଗୁଡ଼ିକ ମାଟି ଉପରେ ନଷ୍ଟ ନ ହୋଇ ପାଣି ପାଇବା ପର୍ଯ୍ୟନ୍ତ ଅକ୍ଷତ ଅବସ୍ଥାରେ ପଡ଼ିରହିଥାଏ।

**ଉପକାରିତା:** ବିହନ ବୋମା ପଦ୍ଧତି ପାଇଁ ହଳ କରି ଜମି ପ୍ରସ୍ତୁତି କରିବା କିମ୍ବା ଚାରା ଗଛ ଲଗାଇବା ପାଇଁ ଗାତ ଖୋଳିବା ଦରକାର ପଡେ ନାହିଁ। ଏହି ପ୍ରଣାଳୀରେ ବହୁତ କମ ପରିଶ୍ରମରେ କୌଣସି ଯନ୍ତ୍ରପାତି ବ୍ୟବହାର ନ କରି ଗଛ ସୃଷ୍ଟି କରାଯାଇପାରେ । ବିହନ ବୋମା ନିକ୍ଷେପ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟକୁ ଅପେକ୍ଷା କରିବାକୁ ପଡେନାହିଁ ଓ ଚାରା ଭଳି ଏହାର ଯତ୍ନ ନେବା ପାଇଁ ପଡେ ନାହିଁ। ମଞ୍ଜି ଉପରେ ଥିବା ମାଟିର ଆବରଣ ମଞ୍ଜିକୁ ଚଢେଇ, ପିମ୍ପୁଡ଼ି ଓ ମୂଷାଠାରୁ ରକ୍ଷା କରେ। ପାଖାପାଖି ୧୦୦ ଗଛ ଲଗାଇବା ପାଇଁ ବହୁତ ସମୟ ଲାଗିଥାଏ, ମାତ୍ର ବହୁତ କମ୍ ସମୟରେ ୧୦୦୦ ବୀଜ ପିଣ୍ଡୁଳା ବା ବିହନ ବୋମା ତିଆରି ହୋଇପାରେ । ବିହନ ବୋମାଗୁଡ଼ିକ ପ୍ରାୟ ୪୫ ଦିନ ମଧ୍ୟରେ ମାଟି ସହିତ ମିଶି ମଞ୍ଜିରୁ ଛୋଟ ଛୋଟ ଗଛ ବାହାରିଥାଏ। ଏପରି କି ଆମେ ବିହନ ବୋମା ପଦ୍ଧତିରେ ଯେତିକି ମଞ୍ଜି ବୁଣୁ, ତାହାର ପ୍ରାୟ ୯୫ ପ୍ରତିଶତ ମଞ୍ଜିରୁ ଗଛ ବାହାରିଥାଏ।

**ବିହନ ବୋମା ବ୍ୟବହାର ସମ୍ବନ୍ଧରେ ବିଭିନ୍ନ ରାଜ୍ୟର ଅନୁଭୂତି:** ଆମ ଦେଶର ଅନେକଗୁଡ଼ିଏ ରାଜ୍ୟ ବିହନ ବୋମା ସହାୟତାରେ ବନୀକରଣ କରି ଉପକୃତ ହେଉଛନ୍ତି। ଯେମିତି ଚେନ୍ନାଇରେ ୨୦୧୬ରେ ହୋଇଥିବା ବାତ୍ୟା 'ବରଧା' ପାଖାପାଖି ୧ଲକ୍ଷ ଗଛକୁ ମୂଳରୁ ଉପାଡ଼ି ଭାଙ୍ଗି ଦେଇଥିଲା ଏବଂ ତା'ପରେ ବହୁତଗୁଡ଼ିଏ ବେସରକାରୀ ସଂସ୍ଥା ଚେନ୍ନାଇର ସବୁଜିମାକୁ ଫେରାଇ ଆଣିବା ପାଇଁ ଅଣ୍ଟା ଭିଡ଼ିଥିଲେ। ବିଭିନ୍ନ ସଂସ୍ଥା ମଧ୍ୟରୁ 'ଥୁବାକମ' ନାମକ ବେସରକାରୀ ସଂସ୍ଥା ବିହନ ବୋମାକୁ ବନୀକରଣର ଏକ ମାଧ୍ୟମ ଭାବରେ ଉପଯୋଗ କରି ସଫଳତା ପାଇଥିଲେ। ସେମାନେ କେବଳ ମଞ୍ଜିକୁ ନେଇ ମାଟି ଓ ଗୋବର ଖତ ସହ ମିଶାଇ ଗୋଟିଏ ବୋମା ବନାଇଥିଲେ, ଯେଉଁଥିରେ ମାଟି ଏବଂ ଖତ ମଞ୍ଜିକୁ ଦୂରକୁ ଉଡ଼ି ନ ଯିବା ବା ପଶୁ ପକ୍ଷୀ ନ ଖାଇବା ପାଇଁ ସୁରକ୍ଷା ଦେଉଥିଲା। ଏବେ ତେଲଙ୍ଗାନା ସରକାର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ପାଇଁ ଡ୍ରନ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କୌଶଳ ବ୍ୟବହାର କରି ବିହନ ବୋମା ପ୍ରୟୋଗ କରିବା ପାଇଁ ଯାଉଛନ୍ତି। ଏହାଦ୍ୱାରା ପ୍ରତ୍ୟେକ ଦିନ ପ୍ରାୟ ୧ ଲକ୍ଷ ବିହନ ବୋମା ନିକ୍ଷେପ କରାଯାଇପାରିବ। ହରିୟାଣାର ବନବିଭାଗ ମଧ୍ୟ ଆଇଆଇଟି, କାନପୁର ଦ୍ୱାରା ନିର୍ମିତ ଡ୍ରନ ମାଧ୍ୟମରେ ବିହନ ବୋମା ବର୍ଷା କରି ଆରାବଳୀ ପର୍ବତ ଶ୍ରେଣୀର ଦୁର୍ଗମ ଅଞ୍ଚଳରେ ଜଙ୍ଗଲ ସମ୍ପଦର ବୃଦ୍ଧି କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହି ଡ୍ରନ ମାଧ୍ୟମରେ ବିହନ ବୋମା ପଦ୍ଧତିରେ ଦିନକୁ ୨୦,୦୦୦ ରୁ ୩୦,୦୦୦ ମଞ୍ଜି ବୁଣାଯାଇପାରିବ। ମହାରାଷ୍ଟ୍ରରେ ବିକାଶ ମହାଜନ ନାମକ ଜଣେ ବ୍ୟବସାୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପ୍ରକୃତିପ୍ରେମୀ ଗୋଷ୍ଠୀ ମହାରାଷ୍ଟ୍ର ସାରା ବିହନ ବୋମା ପ୍ରସ୍ତୁତି ଓ ବ୍ୟବହାରରେ ସକ୍ରିୟ ଅଛନ୍ତି। ସହରାଞ୍ଚଳରେ ବାସ କରୁଥିବା ଛାତ୍ରୀଛାତ୍ର ଓ ଲୋକମାନଙ୍କୁ ଏହା ତିଆରି କରିବାର ପ୍ରଶିକ୍ଷଣ ଦେଉଛନ୍ତି ବୋଲି ନିଜେ ତାଙ୍କର ଇଣ୍ଟରନେଟ ବ୍ଲଗ ମାଧ୍ୟମରେ ପ୍ରକାଶ କରିଛନ୍ତି। ଏହାଦ୍ୱାରା ଲୋକମାନେ ନିଜ ଘର ଚାରିପାଖେ ସୁଜିମାମୟ ପରିବେଶ ସୃଷ୍ଟି କରି ପାରୁଛନ୍ତି। ଓଡ଼ିଶାରେ ମଧ୍ୟ ବୈତରଣୀ ଇନିସିଏଟିଭ ନାମକ ଏକ ବେସରକାରୀ ସଂସ୍ଥା ଔଷଧୀୟ ବୃକ୍ଷର ଅଭିବୃଦ୍ଧି ପାଇଁ ୨୦୧୫ଠାରୁ ପ୍ରତ୍ୟେକ ବର୍ଷ କିଛି କିଛି ବିହନ ବୋମାର ବ୍ୟବହାର କରି ଆସୁଛନ୍ତି। ଏବର୍ଷ ବିଶ୍ୱ ହସ୍ତୀ ଦିବସରେ ଓଡ଼ିଶା ସରକାରଙ୍କ ଆଠଗଡ଼ ବନଖଣ୍ଡ ହାତୀ-ମଣିଷ ସଂଘର୍ଷ କମ କରିବା ଉଦ୍ଦେଶ୍ୟରେ ହାତୀମାନଙ୍କୁ ଭବିଷ୍ୟତରେ ଖାଦ୍ୟ ଯୋଗାଇବା ପାଇଁ ବାଉଁଶ ମଞ୍ଜିରେ ନିର୍ମିତ ବିହନ ବୋମାର ଉପଯୋଗ କରିଛନ୍ତି। ଆଗାମୀ ଦିନରେ ଆମ ଓଡ଼ିଶା ସରକାର ମଧ୍ୟ ବନୀକରଣରେ ବିହନ ବୋମା ପଦ୍ଧତିକୁ ପ୍ରାଧାନ୍ୟ ଦେଇ ଆପଣାଇଲେ ଜଙ୍ଗଲ ସମ୍ପଦର ବୃଦ୍ଧି ହେବାସହିତ ବିପୁଳ ପରିମାଣର ରାଜସ୍ୱ ସଞ୍ଚୟ ହୋଇପାରିବ।

-ବନ ଗବେଷକ, ଓୟୁଏଟି, ଭୁବନେଶ୍ୱର
ମୋ-୮୦୧୮୧୮୧୨୮/୭୯୭୮୯୨୩୮୩୦

# ଫସଲର ବିବିଧିକରଣ



ଡ. ପରେଶ କୁମାର ପଣ୍ଡା

ଖାଦ୍ୟ ଓ ପୋଷାକ ନିରାପତ୍ତା ସହ ପ୍ରାକୃତିକ କୃଷି ସମ୍ବଳ ଏବଂ ପରିବେଶୀୟ ପରିଚାଳନାର ମିତବ୍ୟୟୀ ବ୍ୟବହାର ମାଧ୍ୟମରେ କୃଷି ଅଭିବୃଦ୍ଧିକୁ ଫସଲ ବିବିଧିକରଣ ତ୍ୱରାନ୍ୱିତ କରିଥାଏ। ଫସଲର ବିବିଧିକରଣରେ ଅନେକ କାରଣ ରହିଛି। ତନ୍ମଧ୍ୟରେ ବଜାର ଭିତ୍ତି ସରଂଚନାର ବିକାଶ, ସ୍ୱଳ୍ପ ଆୟତନର ଉଚ୍ଚ ମୂଲ୍ୟଯୁକ୍ତ ଫସଲ, ଉଚ୍ଚତର ଲାଭପ୍ରଦତା, ଉତ୍ପାଦନରେ ସ୍ଥିରତା, ବୃଷ୍ଟିପୁଷ୍ଟ ଅଞ୍ଚଳରେ ମରୁଡିଜନିତ ଆଶଙ୍କା ହ୍ରାସ, ମୃତ୍ତିକା ସମସ୍ୟା ନିରାକରଣ, ସରକାରୀ ନିୟମ ଓ ସର୍ତ୍ତାବଳୀ ଅନ୍ୟତମ।

ଫସଲ ବିବିଧିକରଣକୁ ବୁଝାଇବାକୁ ଯାଇ କୁହାଯାଇପାରେ ଯେ, ପ୍ରଚଳିତ ଫସଲ ବା ଫସଲର ବ୍ୟବସ୍ଥାରୁ କେତେକ ବିକଳ୍ପ ଫସଲ ବା ଫସଲ ବ୍ୟବସ୍ଥାକୁ ଏକ ଆଖିଦୃଶିଆ ପରିବର୍ତ୍ତନ ସହ ଚାରୋଟି 'ଏଫ' (ଖାଦ୍ୟ, ଚାରା ଘାସ, ତନ୍ତୁ ଓ ଜାଳେଣି)ର ଆବଶ୍ୟକତା ପୂରଣ,ମୌଳିକ ମୃତ୍ତିକା ସ୍ୱାସ୍ଥ୍ୟର ଯତ୍ନ ଏବଂ ବୃହତ୍ତରୀୟ କୃଷି ପରିବେଶର ଉତ୍ପାଦକତା ଅକ୍ଷୁଣ୍ଣ ରଖିବା ଏହାର ମୂଳ ଲକ୍ଷ୍ୟ। ଫଳରେ କ୍ଷୁଦ୍ର ଚାଷୀମାନଙ୍କର ଆୟ ବୃଦ୍ଧି, କୃଷି ପରିବାରର ସମ୍ପୂର୍ଣ୍ଣ କର୍ମନିଯୁକ୍ତି, ବର୍ଷସାରା ସ୍ଥାୟୀ ଲାଭ ପାଇବା ନିମିତ୍ତ ଅର୍ଥକରୀ ଫସଲ ଓ ଠିକ୍ ଫସଲ ବ୍ୟବସ୍ଥାକୁ ଚିହ୍ନଟ କରିବା ଆବଶ୍ୟକ। ଉଚ୍ଚ ଜମିରେ ଧାନ, ବୃଷ୍ଟିପୁଷ୍ଟ କପା, କ୍ଷୁଦ୍ରଶସ୍ୟ ବଦଳରେ ମକା, ଜଳସେଚିତ କପା, ଆଖୁ, ଚାରା ଘାସ ଫସଲ, ତୈଳବୀଜ, ଡାଲିଜାତୀୟ ଏବଂ ପନିପରିବା ଫସଲ ନିଆଯାଇପାରିବ। କମ୍ ଉତ୍ପାଦନ ଦେଉଥିବା ଶସ୍ୟ ବଦଳରେ ଡାଲିଜାତୀୟ ଫସଲ ଅଧିକ ଉତ୍ପାଦନ ଦେଇଥାଏ। ଏଥିରେ ସମସ୍ତ କୃଷିସମ୍ବଳ ଓ ଉପାଦାନଗୁଡିକର ଅଂଶଦାରୀ, ପାରିବାରିକ ଶ୍ରମର ସୁବିନିଯୋଗ, ଫାର୍ମରୁ ବାହାରୁଥିବା ଜୈବିକ ପଦାର୍ଥଗୁଡିକର ପରିଲକ୍ଷଣ ଏବଂ ବିନିଯୋଗ, ଖତର



ସୁବ୍ୟବହାର, ମୃତ୍ତିକାର ଉର୍ବରତା, ଆୟ ଓ ବହୁ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟିରେ ପରିଚାଳନା, ଅଣବିନିଯୋଗ ସମ୍ବଳକୁ ଦକ୍ଷତାର ସହିତ ଅର୍ଥ ଉପାର୍ଜନରେ ଲଗାଇ ଆର୍ଥିକ ଉନ୍ନତି ଘଟାଇବାରେ ଭରପୂର ସୁଯୋଗ ରହିଛି।

ଫସଲର ବିବିଧିକରଣର ସଫଳ ରୂପାୟନ ନିମନ୍ତେ କେତେକ କୌଶଳକୁ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇପାରେ।

-ବିଶେଷ ଫସଲ, ଅଦିନିଆ କିସମ ଓ ଉତ୍ପାଦନ ବ୍ୟବସ୍ଥା ତଥା ଫଳ, ପନିପରିବା ଓ ଆଳଙ୍କାରିକ



ଫସଲଗୁଡିକର ତୁଳନାତ୍ମକ ସୁବିଧା, ସୁଯୋଗ ଚିହ୍ନଟ ପାଇଁ ପ୍ରୟାସ କରିବା ଦରକାର।

-ଜାତୀୟ ବିହନ କାର୍ଯ୍ୟକ୍ରମ ମାଧ୍ୟମରେ ଗୁଣାତ୍ମକ ବିହନର ଉତ୍ପାଦନକୁ ସୁନିଶ୍ଚିତ କରିବା ଜରୁରୀ।

-ଖାଦ୍ୟଶିଳ୍ପଗୁଡିକ ସହ ସମ୍ପର୍କ ସ୍ଥାପନ କରିବା ଦରକାର।

-ଶସ୍ୟ, ତୈଳବୀଜ, ତନ୍ତୁଜାତୀୟ ଓ ଉଦ୍ୟାନ ଫସଲରେ ଡାଲିଜାତୀୟ ଫସଲକୁ ଅନ୍ତଫସଲ ରୂପେ ନେବାରେ ଯାନ୍ତ୍ରିକୀକରଣ।

-ବିବିଧିକରଣ ପୂର୍ବରୁ ବଜାର ଚିହ୍ନଟ ଓ ବଜାର ତଥ୍ୟ ଉପଲବ୍ଧ ହେବ।

-ଭିତ୍ତି ସଂରଚନାର ବିକାଶ, ମୂଲ୍ୟ ନିୟମାବଳୀ, ଇନ୍‌ସ୍ୟୁରାନ୍ସ ପରିଯୋଜନା, କର (ଟ୍ୟାକ୍ସ) ଓ ଶୁଳ୍କ ସୂଚୀ ନିର୍ଦ୍ଧାରଣ।

-ଉପଭୋକ୍ତାମାନଙ୍କର ବ୍ୟବହାର ନିମିତ୍ତ ତଥ୍ୟର ବିକାଶ ଆବଶ୍ୟକ।

ରୋଜଗାର, ପ୍ରାକୃତିକ ସମ୍ବଳର ସଂରକ୍ଷଣ, ପରିବୃଦ୍ଧି ଓ ଆଶଙ୍କା ହ୍ରାସ ନିଶ୍ଚିତ ହୋଇପାରିଥାଏ।

ଏହି ଫସଲର ବିବିଧିକରଣ ଏବଂ ଫସଲ ପର୍ଯ୍ୟାୟ ମଧ୍ୟ ପଲିସୀ ମଧ୍ୟକ୍ଷେପ ଦ୍ୱାରା ପ୍ରଭାବିତ ହୋଇଥାଏ। ଗୋପାଳନ ଓ ଚାରାଘାସର ଆବଶ୍ୟକତା ମଧ୍ୟ ଫସଲ ପର୍ଯ୍ୟାୟରେ ପରୋକ୍ଷରେ ବଦଳ ଆଣିଥାଏ। ତେଣୁ, ଫସଲ ଉତ୍ପାଦନ ଓ ତତ୍ ସଂଲଗ୍ନ କାରଣଗୁଡିକର ବିଶ୍ଳେଷଣ କରି ଫସଲ ବିବିଧତାକୁ ବୃହତ୍ ଅର୍ଥରେ ଗ୍ରହଣ କରିବାରେ ପରିବର୍ତ୍ତିତ ଜୀବନଯାପନ ଶୈଳୀ, ଖାଦ୍ୟଶସ୍ୟ ବଦଳରେ ଅଣଖାଦ୍ୟଶସ୍ୟକୁ ଖାଇବାର ଚାହିଦାକୁ ବଦଳାଇ ଦେଉଛି।

ଆଜିର କୃଷି ଦୃଶ୍ୟପଟରେ ଏକକ ଫସଲ ପ୍ରଧାନ ହୋଇଥାଇ, ଭାଗ ଖାଦ୍ୟ ମୁଖ୍ୟତଃ ୧୦ଟି ଫସଲରୁ ଉତ୍ପାଦିତ ହେଉଛି। ଏହି ଏକକ ଫସଲ ଲଗାତର ବର୍ଷ ବର୍ଷ ଧରି ହେଉଥିବାରୁ କେତେକ ସମସ୍ୟା ସୃଷ୍ଟି ହେଉଛି। ତାହାର ନିରାକରଣ ନିମନ୍ତେ ଶସ୍ୟ-ଶସ୍ୟ ଫସଲ ମଧ୍ୟରେ ତୈଳବୀଜ, ଡାଲିଜାତୀୟ, ପନିପରିବା ଫସଲକୁ ଅନ୍ତର୍ଭୁକ୍ତ କରାଗଲେ ବିଶେଷ କରି ନିର୍ଦ୍ଦିଷ୍ଟ ଘାସ ତଥା ରୋଗପୋକ ସଂକ୍ରମଣ ହ୍ରାସ ପାଇଥାଏ। ଜଳସେଚିତ ଜମିରେ ଉଚ୍ଚ ଏବଂ ସ୍ଥିର ଅମଳ ତଥା

ଆମ ରାଜ୍ୟରେ ଦେଖାଯାଇଛି ଯେ ବଦଳ ଫସଲ ଭାବେ ମକା, ଡାଲିଜାତୀୟ ଓ ତୈଳବୀଜ, ଧାନ କ୍ଷୁଦ୍ରଶସ୍ୟ ତୁଳନାରେ ୨-୩ଗୁଣା ଅଧିକ ଲାଭ ପ୍ରଦାନ କରିଥାଏ। ସୁତରାଂ, ଭବିଷ୍ୟତର କୃଷି ଯୋଜନାରେ ଫସଲ ବିବିଧିକରଣ ଏବଂ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିବ, ଏହା ନିଃସନ୍ଦେହ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

## ଗୋରୁଙ୍କ ଯତ୍ନ



ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ.ଏମ୍.ଡି ଭାକ୍ସିନ୍ ଓ ଛେଳିଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟୀକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡାଙ୍କର ନାଲି ଝାଡା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। ଶୀତ ଋତୁ ଆସୁଛି। ଗୃହପାଳିତ ପ୍ରାଣୀଙ୍କୁ ଏଥିରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

## ପୋଟଳରେ ଫୁଲ ଧରୁଥିଲେ...

ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ, ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକ ଜନିତ ଝାଉଁଳା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।



# ମୁରେ, ପିରୋଙ୍କୋଭା, ବୁଚାର୍ଡଙ୍କୁ ଫ୍ରେଞ୍ଚ୍ ଓପନ୍ ୱାଇଲ୍ଡ କାର୍ଡ



ଆଣ୍ଡି ମୁରେ

**ପ୍ୟାରିସ୍,୧୫।୯(ଏପି)**

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟରେ ବ୍ରିଟେନର ଆଣ୍ଡି ମୁରେଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୮ଜଣ ୱାଇଲ୍ଡ କାର୍ଡ ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ମୁରେ ହେଉଛନ୍ତି ଏକମାତ୍ର ଅଣଫ୍ରେଞ୍ଚ୍ ଖେଳାଳି। ସେହିପରି ବୁଲ୍‌ଗେରିଆର ଶ୍ୱେତାନା ପିରୋଙ୍କୋଭା ଓ କାନାଡ଼ାର ୟୁଗେନି ବୁଚାର୍ଡ ଦୁଇ ଅଣଫ୍ରେଞ୍ଚ୍ ମହିଳା ଭାବେ ୱାଇଲ୍ଡ କାର୍ଡ ପାଇଛନ୍ତି। ଏହି ହାଇପ୍ରୋଫାଇଲ କ୍ଲେ- କୋର୍ଟ ଟୁର୍ନାମେଣ୍ଟ ଉପରେ ଏବେ ସାରା ବିଶ୍ୱର ନଜର ରହିଛି।

ଆଘାତ ସମସ୍ୟା କାରଣରୁ ପୂର୍ବତନ ୧ ନମ୍ବର ଖେଳାଳି ମୁରେ ଏଟିପି ର୍‍ୟାଙ୍କିଙ୍ଗ୍‌ର ୧୨୯ତମ ସ୍ଥାନକୁ ଖସିଥିଲେ। ଫଳରେ ତାଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୟୁଏସ୍ ଓପନ୍‌ରେ ମଧ୍ୟ ତାଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଥିଲା। ୟୁଏସ୍ ଓପନ୍‌ରେ ସେ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ଓ ତାଙ୍କ ର୍‍ୟାଙ୍କିଙ୍ଗ୍‌କୁ ୧୧୦ରେ ପହଞ୍ଚାଇଥିଲେ। ତେବେ ଫ୍ରେଞ୍ଚ୍ ଓପନ ମୁଖ୍ୟ ଡ୍ରରେ ସାମିଲ ହେବା ପାଇଁ ଏହା ଯଥେଷ୍ଟ ନ ଥିଲା। ୨୦୧୬ରେ ମୁରେ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ। ଫ୍ରେଞ୍ଚ୍ ଓପନ୍‌ରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା।

୨୦୧୭ପରେପ୍ରତ୍ୟାବର୍ତ୍ତନକରିଥିବାପିରୋଙ୍କୋଭା ପୁତ୍ର ସନ୍ତାନର ମା' ହେବା ପରେ ୟୁଏସ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ଓ ଅଭିଜ୍ଞ ସେରେନା ୱିଲିୟମ୍ସଙ୍କଠାରୁ ପରାସ୍ତ ହୋଇଥିଲେ। ପିରୋଙ୍କୋଭା ୨୦୧୬ ଫ୍ରେଞ୍ଚ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ବୁଚାର୍ଡ ୨୦୧୪ ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲରେ ସେତେବେଳର ଚାମ୍ପିୟନ ମାରିଆ ସାରାପୋଭାଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ବର୍ଷ ସେ ମଧ୍ୟ ୱିମ୍ବେଲଡନ ଫାଇନାଲକୁ ଉଠିଥିଲେ।

# ଆରବର୍ଷକୁ ଘୁଞ୍ଚିଲା ଥୋମାସ, ଉବର କପ୍

**ନୂଆଦିଲ୍ଲୀ, ୧୫।୯ (ପି.ଟି.)**

ଡେନମାର୍କରେ ଆୟୋଜନ ହେବାକୁ ଥିବା ଥୋମାସ ଓ ଉବର କପ୍‌କୁ ଆସନ୍ତାବର୍ଷକୁ ଘୁଞ୍ଚାଇ ଦିଆଯାଇଛି। ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ମଙ୍ଗଳବାର ଏ ନେଇ ଘୋଷଣା କରିଛି। କୋଭିଡ୍-୧୯ ମହାମାରୀ କାରଣରୁ କେତୋଟି ଆଗଧାଡ଼ିର ଦଳ ଟୁର୍ନାମେଣ୍ଟରୁ ଓହରିଯିବା ଫଳରେ ବିଡବ୍ଲ୍ୟୁଏଫ୍ ଏହି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛି।

ଏହି ଟୁର୍ନାମେଣ୍ଟ ଅକ୍ଟୋବର ୩ରୁ ୧୧ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ଭାରତ ମଧ୍ୟ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ତା'ର ପୁରୁଷ ଓ ମହିଳା ଦଳ ଘୋଷଣା କରିଥିଲା। ତେବେ ଥାଇଲାଣ୍ଡ, ଅଷ୍ଟ୍ରେଲିଆ, ଚାଇନିଜ ତାଇପେଇ, ଅଲଜେରିଆ ସହ ଇଣ୍ଡୋନେସିଆ ଓ ଦକ୍ଷିଣ କୋରିଆ କୋଭିଡ୍-୧୯ ପାଇଁ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି।

# ଆଉ ୬ ରାଜ୍ୟରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ

**ନୂଆଦିଲ୍ଲୀ,୧୫।୯(ପି.ଟି.)**

**ପୂର୍ବରୁ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମ ସମେତ କର୍ଣ୍ଣାଟକ, କେରଳ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ନାଗାଲାଣ୍ଡ ନାମ ଘୋଷିତ ହୋଇଥିଲା**

ଯୁବ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଆଉ ୬ଟି ରାଜ୍ୟରେ ଖେଲୋ ଇଣ୍ଡିଆ ସେଣ୍ଟର ଅଫ୍ ଏକ୍ସିଲେନ୍ସ (କେଆଇଏସ୍‌ସିଇ) ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମକୁ ଏଥିରେ ସାମିଲ କରାଯାଇଥିଲା।

ଏବେ ଆସାମ, ଦାଦ୍ରା ଓ ନଗର ହାବେଳି ଏବଂ ଡାମନ ଓ ଡ୍ୟୁ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ମେଘାଳୟ ଓ ସିକିମକୁ ଏଥିରେ ସାମିଲ କରାଯାଇଛି। ଏହାପୂର୍ବରୁ ମନ୍ତ୍ରଣାଳୟ କର୍ଣ୍ଣାଟକ, ଓଡ଼ିଶା, କେରଳ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ନାଗାଲାଣ୍ଡରେ କେଆଇଇଏସ୍‌ସିଇ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲା। ପୁଣି ଖେଲୋ ଇଣ୍ଡିଆର ଯେଉଁ ସେଣ୍ଟରଗୁଡ଼ିକ ପୂର୍ବରୁ ରହିଛି ସେଗୁଡ଼ିକୁ ପୁନର୍ଗଠନ କରିଯିବା ଓ ସେଗୁଡ଼ିକୁ କେଆଇଏସ୍‌ସିଇରେ ପରିଣତ କରାଯିବ ବୋଲି କୁହାଯାଇଛି। ଟ୍ରେନିଂ ଓ ଭିତ୍ତିଭୂମିର ସୁବିଧା ସୁଯୋଗ ଓ ପୂର୍ବରୁ ଚାମ୍ପିୟନ ଖେଳାଳି ସୃଷ୍ଟି କରାଯିବାର ରେକର୍ଡକୁ ଦୃଷ୍ଟିରେ ରଖି ବିଭିନ୍ନ ସେଣ୍ଟରକୁ ଏଥିପାଇଁ ଶର୍ଟ ଲିଷ୍ଟ କରାଯାଇଥିଲା। ଏହି ସେଣ୍ଟରଗୁଡ଼ିକୁ କ୍ରୀଡ଼ା ସରଞ୍ଜାମ, ଅଭିଜ୍ଞ କୋଚ୍ ଓ ହାଇ ପରଫର୍ମାନ୍ସ ମ୍ୟାନେଜର ଯୋଗାଇ ଦିଆଯିବ ଓ ପ୍ରତି ସେଣ୍ଟରରେ ଅତିବେଶିରେ ୩ ଅଲିମ୍ପିକ୍ କ୍ରୀଡ଼ାକୁ ସାମିଲ କରାଯିବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।




# ନେମାରଙ୍କୁ ପିଏସ୍‌ଜିର ସମର୍ଥନ

**ପ୍ୟାରିସ୍,୧୫।୯ (ଏପି)**

**ବର୍ଣ୍ଣବୈଷମ୍ୟ ଆକ୍ଷେପ ଘଟଣା**



ବ୍ରାଜିଲ ଫୁଟବଲ ସୁପରଷ୍ଟାର ତଥା ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ଷ୍ଟ୍ରାଇକର ନେମାର ମାର୍ସେଇଲ୍ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍ ଅବସରରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏହି ଘଟଣା ନେମାରଙ୍କୁ ତାଙ୍କ କ୍ଲବ ପିଏସ୍‌ଜି ଦୃଢ ସମର୍ଥନ କରିଛନ୍ତି। ନେମାର ପାର୍କ ଡେସ୍ ପ୍ରିନ୍‌ସେସ୍‌ରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଇଞ୍ଜୁରି ଟାଇମ୍‌ରେ ଉଭୟ ପକ୍ଷର ଖେଳାଳିମାନେ ହାତାହାତି ହୋଇଥିଲେ। ନେମାର ଆଲଭାରେ ଗୋଞ୍ଜାଲେଜଙ୍କ ମୁଣ୍ଡକୁ ମାରୁଥିବାର ଦେଖାଯାଇଥିଲା। ଏହାପରେ ନେମାରଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଥିଲା ବୋଲି ସେ ଅଭିଯୋଗ ଆଣିଥିଲେ। ତେବେ ସେ ଗୋଞ୍ଜାଲେଜଙ୍କ ମୁହଁକୁ ଛେପ ମାରି ନ ଥିଲେ ବୋଲି କହିଛନ୍ତି।

ଫ୍ରେଞ୍ଚ୍ ଲିଗ୍‌ର ମୁଖ୍ୟ ପ୍ରଶାସନିକ ସଂସ୍ଥା ଏଲ୍‌ଏଫ୍‌ପି (ଲିଗ୍ ଡି ଫୁଟବଲ ପ୍ରଫେସନାଲ) ଏ ସଂକ୍ରାନ୍ତରେ କି ପଦକ୍ଷେପ ନେଉଛି ତାହା ଉପରେ ପିଏସ୍‌ଜି ନଜର ରଖିଛି। ଏଲ୍‌ଏଫ୍‌ପି ମଧ୍ୟ ଏ ନେଇ ତଦନ୍ତ ଜାରି ରଖିଛି। ପିଏସ୍‌ଜିର ଲିଆନାର୍ଡ ପାରେଡେସ ଓ ଲେଭିନ୍ କୁରଜାୱା ଓ ମାର୍ସେଇଲ୍‌ର ଜୋର୍ଡାନ ଆମାଭି ଓ ଡାରିଓ ବେନେଡେଟ୍ଟୋଙ୍କ ସମେତ ୧୭ଜଣଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା। ଅନ୍ୟପଟେ ଗୋଞ୍ଜାଲେଜ କୌଣସି ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ନ ଥିଲେ ବୋଲି ମାର୍ସେଇଲ୍ ତରଫରୁ ସୋମବାର କୁହାଯାଇଛି। ଏହି ବିବାଦର ଗୁରୁତ୍ୱ ରହିଛି ଓ ଏହାର ଫଳାଫଳ ମଧ୍ୟ ବେଶ୍ ଭୟଙ୍କର ହେବ ବୋଲି ମାର୍ସେଇଲ୍ ତରଫରୁ କୁହାଯାଇଛି। ଗୋଞ୍ଜାଲେଜଙ୍କୁ ନେଇ ବ୍ରାଜିଲ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଚାଲିଥିବା ନକାରାତ୍ମକ ପ୍ରଚାରକୁ କ୍ଲବ ତରଫରୁ ନିନ୍ଦା କରାଯାଇଛି। ଏହା ଦ୍ୱାରା ଗୋଞ୍ଜାଲେଜଙ୍କ ଉପରେ ମାନସିକ ଚାପ ସୃଷ୍ଟି ହେଉଛି। ଏପରିକି ତାଙ୍କୁ ହତ୍ୟା ଧମକ ମଧ୍ୟ ଦିଆଯାଇଛି ବୋଲି କୁହାଯାଇଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧୬/୨୦୨୦ Sambalpur, Wednesday, September 16/ 2020

# ମୁରେ, ପିରୋଙ୍କୋଭା, ବୁଚାର୍ଡଙ୍କୁ ଫ୍ରେଞ୍ଚ୍ ଓପନ୍ ୱାଇଲ୍ଡ କାର୍ଡ



ଆଣ୍ଡି ମୁରେ

**ପ୍ୟାରିସ୍,୧୫।୯(ଏପି)**

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟରେ ବ୍ରିଟେନର ଆଣ୍ଡି ମୁରେଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୮ଜଣ ୱାଇଲ୍ଡ କାର୍ଡ ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ମୁରେ ହେଉଛନ୍ତି ଏକମାତ୍ର ଅଣଫ୍ରେଞ୍ଚ୍ ଖେଳାଳି। ସେହିପରି ବୁଲ୍‌ଗେରିଆର ଶ୍ୱେତାନା ପିରୋଙ୍କୋଭା ଓ କାନାଡ଼ାର ୟୁଗେନି ବୁଚାର୍ଡ ଦୁଇ ଅଣଫ୍ରେଞ୍ଚ୍ ମହିଳା ଭାବେ ୱାଇଲ୍ଡ କାର୍ଡ ପାଇଛନ୍ତି। ଏହି ହାଇପ୍ରୋଫାଇଲ କ୍ଲେ- କୋର୍ଟ ଟୁର୍ନାମେଣ୍ଟ ଉପରେ ଏବେ ସାରା ବିଶ୍ୱର ନଜର ରହିଛି।

ଆଘାତ ସମସ୍ୟା କାରଣରୁ ପୂର୍ବତନ ୧ ନମ୍ବର ଖେଳାଳି ମୁରେ ଏଟିପି ର୍‍ୟାଙ୍କିଙ୍ଗ୍‌ର ୧୨୯ତମ ସ୍ଥାନକୁ ଖସିଥିଲେ। ଫଳରେ ତାଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୟୁଏସ୍ ଓପନ୍‌ରେ ମଧ୍ୟ ତାଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଥିଲା। ୟୁଏସ୍ ଓପନ୍‌ରେ ସେ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ଓ ତାଙ୍କ ର୍‍ୟାଙ୍କିଙ୍ଗ୍‌କୁ ୧୧୦ରେ ପହଞ୍ଚାଇଥିଲେ। ତେବେ ଫ୍ରେଞ୍ଚ୍ ଓପନ ମୁଖ୍ୟ ଡ୍ରରେ ସାମିଲ ହେବା ପାଇଁ ଏହା ଯଥେଷ୍ଟ ନ ଥିଲା। ୨୦୧୬ରେ ମୁରେ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ। ଫ୍ରେଞ୍ଚ୍ ଓପନ୍‌ରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା।

୨୦୧୭ପରେପ୍ରତ୍ୟାବର୍ତ୍ତନକରିଥିବାପିରୋଙ୍କୋଭା ପୁତ୍ର ସନ୍ତାନର ମା' ହେବା ପରେ ୟୁଏସ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ଓ ଅଭିଜ୍ଞ ସେରେନା ୱିଲିୟମ୍ସଙ୍କଠାରୁ ପରାସ୍ତ ହୋଇଥିଲେ। ପିରୋଙ୍କୋଭା ୨୦୧୬ ଫ୍ରେଞ୍ଚ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ବୁଚାର୍ଡ ୨୦୧୪ ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲରେ ସେତେବେଳର ଚାମ୍ପିୟନ ମାରିଆ ସାରାପୋଭାଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ବର୍ଷ ସେ ମଧ୍ୟ ୱିମ୍ବଲଡନ ଫାଇନାଲକୁ ଉଠିଥିଲେ।

# ନେମାରଙ୍କୁ ପିଏସ୍‌ଜିର ସମର୍ଥନ

**ପ୍ୟାରିସ୍,୧୫।୯ (ଏପି)**

**ବର୍ଣ୍ଣବୈଷମ୍ୟ ଆକ୍ଷେପ ଘଟଣା**



ନେମାର

ବ୍ରାଜିଲ ଫୁଟବଲ ସୁପରଷ୍ଟାର ତଥା ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ଷ୍ଟ୍ରାଇକର ନେମାର ମାର୍ସେଇଲ୍ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍ ଅବସରରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏହି ଘଟଣା ନେମାରଙ୍କୁ ତାଙ୍କ କ୍ଲବ ପିଏସ୍‌ଜି ଦୃଢ ସମର୍ଥନ କରିଛନ୍ତି। ପାର୍କ ଡେସ୍ ପ୍ରିନ୍‌ସେସ୍‌ରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଇଞ୍ଜୁରି ଟାଇମ୍‌ରେ ଉଭୟ ପକ୍ଷର ଖେଳାଳିମାନେ ହାତାହାତି ହୋଇଥିଲେ। ନେମାର ଆଲଭାରେ ଗୋଞ୍ଜାଲେଜଙ୍କ ମୁଣ୍ଡକୁ ମାରୁଥିବାର ଦେଖାଯାଇଥିଲା। ଏହାପରେ ନେମାରଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଥିଲା ବୋଲି ସେ ଅଭିଯୋଗ ଆଣିଥିଲେ। ତେବେ ସେ ଗୋଞ୍ଜାଲେଜଙ୍କ ମୁହଁକୁ ଛେପ ମାରି ନ ଥିଲେ ବୋଲି କହିଛନ୍ତି।

ଫ୍ରେଞ୍ଚ୍ ଲିଗ୍‌ର ମୁଖ୍ୟ ପ୍ରଶାସନିକ ସଂସ୍ଥା ଏଲ୍‌ଏଫ୍‌ପି (ଲିଗ୍ ଡି ଫୁଟବଲ ପ୍ରଫେସନାଲ) ଏ ସଂକ୍ରାନ୍ତରେ କି ପଦକ୍ଷେପ ନେଉଛି ତାହା ଉପରେ ପିଏସ୍‌ଜି ନଜର ରଖିଛି। ଏଲ୍‌ଏଫ୍‌ପି ମଧ୍ୟ ଏ ନେଇ ତଦନ୍ତ ଜାରି ରଖିଛି। ପିଏସ୍‌ଜିର ଲିଆନାର୍ଡ ପାରେଡେସ ଓ ଲେଭିନ୍ କୁରଜାୱା ଓ ମାର୍ସେଇଲ୍‌ର ଜୋର୍ଡାନ ଆମାଭି ଓ ଡାରିଓ ବେନେଡେଟ୍ଟୋଙ୍କ ସମେତ ୧୭ଜଣଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା। ଅନ୍ୟପଟେ ଗୋଞ୍ଜାଲେଜ କୌଣସି ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ନ ଥିଲେ ବୋଲି ମୋର୍ସେଇଲ୍ ତରଫରୁ ସୋମବାର କୁହାଯାଇଛି। ଏହି ବିବାଦର ଗୁରୁତ୍ୱ ରହିଛି ଓ ଏହାର ଫଳାଫଳ ମଧ୍ୟ ବେଶ୍ ଭୟଙ୍କର ହେବ ବୋଲି ମାର୍ସେଇଲ୍ ତରଫରୁ କୁହାଯାଇଛି। ଗୋଞ୍ଜାଲେଜଙ୍କୁ ନେଇ ବ୍ରାଜିଲ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଚାଲିଥିବା ନକାରାତ୍ମକ ପ୍ରଚାରକୁ କ୍ଲବ ତରଫରୁ ନିନ୍ଦା କରାଯାଇଛି। ଏହା ଦ୍ୱାରା ଗୋଞ୍ଜାଲେଜଙ୍କ ଉପରେ ମାନସିକ ଚାପ ସୃଷ୍ଟି ହେଉଛି। ଏପରିକି ତାଙ୍କୁ ହତ୍ୟା ଧମକ ମଧ୍ୟ ଦିଆଯାଇଛି ବୋଲି କୁହାଯାଇଛି।

# ଆରବର୍ଷକୁ ଘୁଞ୍ଚିଲା ଥୋମାସ, ଉବର କପ୍

**ନୂଆଦିଲ୍ଲୀ, ୧୫।୯ (ପି.ଟି.)**

ଡେନମାର୍କରେ ଆୟୋଜନ ହେବାକୁ ଥିବା ଥୋମାସ ଓ ଉବର କପ୍‌କୁ ଆସନ୍ତାବର୍ଷକୁ ଘୁଞ୍ଚାଇ ଦିଆଯାଇଛି। ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ମଙ୍ଗଳବାର ଏ ନେଇ ଘୋଷଣା କରିଛି। କୋଭିଡ୍-୧୯ ମହାମାରୀ କାରଣରୁ କେତୋଟି ଆଗଧାଡିର ଦଳ ଟୁର୍ନାମେଣ୍ଟରୁ ଓହରିଯିବା ଫଳରେ ବିଡବ୍ଲ୍ୟୁଏଫ୍ ଏହି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛି।

ଏହି ଟୁର୍ନାମେଣ୍ଟ ଅକ୍ଟୋବର ୩ରୁ ୧୧ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ଭାରତ ମଧ୍ୟ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ତା'ର ପୁରୁଷ ଓ ମହିଳା ଦଳ ଘୋଷଣା କରିଥିଲା। ତେବେ ଥାଇଲାଣ୍ଡ, ଅଷ୍ଟ୍ରେଲିଆ, ଚାଇନିଜ ତାଇପେଇ, ଅଲଜେରିଆ ସହ ଇଣ୍ଡୋନେସିଆ ଓ ଦକ୍ଷିଣ କୋରିଆ କୋଭିଡ୍-୧୯ ପାଇଁ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି।

# ଆଉ ୬ ରାଜ୍ୟରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ

**ନୂଆଦିଲ୍ଲୀ,୧୫।୯(ପି.ଟି.)**

**ପୂର୍ବରୁ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମ ସମେତ କର୍ଣ୍ଣାଟକ, କେରଳ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ନାଗାଲାଣ୍ଡ ନାମ ଘୋଷିତ ହୋଇଥିଲା**

ଯୁବ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଆଉ ୬ଟି ରାଜ୍ୟରେ ଖେଲୋ ଇଣ୍ଡିଆ ସେଣ୍ଟର ଅଫ୍ ଏକ୍ସିଲେନ୍ସ (କେଆଇଏସ୍‌ସିଇ) ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମକୁ ଏଥିରେ ସାମିଲ କରାଯାଇଥିଲା।

ଏବେ ଆସାମ, ଦାଦ୍ରା ଓ ନଗର ହାବେଲି ଏବଂ ଡାମନ ଓ ଡ୍ୟୁ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ମେଘାଳୟ ଓ ସିକିମ୍‌କୁ ଏଥିରେ ସାମିଲ କରାଯାଇଛି। ଏହାପୂର୍ବରୁ ମନ୍ତ୍ରଣାଳୟ କର୍ଣ୍ଣାଟକ, ଓଡ଼ିଶା, କେରଳ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ନାଗାଲାଣ୍ଡରେ କେଆଇଇଏସ୍‌ସିଇ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲା। ପୁଣି ଖେଲୋ ଇଣ୍ଡିଆର ଯେଉଁ ସେଣ୍ଟରଗୁଡିକ ପୂର୍ବରୁ ରହିଛି ସେଗୁଡ଼ିକୁ ପୁନର୍ଗଠନ କରିଯିବା ଓ ସେଗୁଡ଼ିକୁ କେଆଇଏସ୍‌ସିଇରେ ପରିଣତ କରାଯିବ ବୋଲି କୁହାଯାଇଛି। ଟ୍ରେନିଂ ଓ ଭିତ୍ତିଭୂମିର ସୁବିଧା ସୁଯୋଗ ଓ ପୂର୍ବରୁ ଚାମ୍ପିୟନ ଖେଳାଳି ସୃଷ୍ଟି କରାଯିବାର ରେକର୍ଡକୁ ଦୃଷ୍ଟିରେ ରଖି ବିଭିନ୍ନ ସେଣ୍ଟରକୁ ଏଥିପାଇଁ ଶର୍ଟ ଲିଷ୍ଟ କରାଯାଇଥିଲା। ଏହି ସେଣ୍ଟରଗୁଡ଼ିକୁ କ୍ରୀଡ଼ା ସରଞ୍ଜାମ, ଅଭିଜ୍ଞ କୋଚ୍ ଓ ହାଇ ପରଫର୍ମାନ୍ସ ମ୍ୟାନେଜର ଯୋଗାଇ ଦିଆଯିବ ଓ ପ୍ରତି ସେଣ୍ଟରରେ ଅତିବେଶିରେ ୩ ଅଲିମ୍ପିକ୍ କ୍ରୀଡ଼ାକୁ ସାମିଲ କରାଯିବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧୬/୨୦୨୦ Sambalpur, Wednesday, September 16/ 2020

# ମୁରେ, ପିରୋଙ୍କୋଭା, ବୁଚାର୍ଡଙ୍କୁ ଫ୍ରେଞ୍ଚ୍ ଓପନ୍ ୱାଇଲ୍ଡ କାର୍ଡ


ଆଣ୍ଡି ମୁରେ

**ପ୍ୟାରିସ୍,୧୫।୯(ଏପି)**

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟରେ ବ୍ରିଟେନର ଆଣ୍ଡି ମୁରେଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୮ଜଣ ୱାଇଲ୍ଡ କାର୍ଡ ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ମୁରେ ହେଉଛନ୍ତି ଏକମାତ୍ର ଅଣଫ୍ରେଞ୍ଚ୍ ଖେଳାଳି। ସେହିପରି ବୁଲ୍‌ଗେରିଆର ଶ୍ୱେତାନା ପିରୋଙ୍କୋଭା ଓ କାନାଡ଼ାର ୟୁଗେନି ବୁଚାର୍ଡ ଦୁଇ ଅଣଫ୍ରେଞ୍ଚ୍ ମହିଳା ଭାବେ ୱାଇଲ୍ଡ କାର୍ଡ ପାଇଛନ୍ତି। ଏହି ହାଇପ୍ରୋଫାଇଲ କ୍ଲେ- କୋର୍ଟ ଟୁର୍ନାମେଣ୍ଟ ଉପରେ ଏବେ ସାରା ବିଶ୍ୱର ନଜର ରହିଛି।

ଆଘାତ ସମସ୍ୟା କାରଣରୁ ପୂର୍ବତନ ୧ ନମ୍ବର ଖେଳାଳି ମୁରେ ଏଟିପି ର୍ୟାଙ୍କିଙ୍ଗ୍‌ର ୧୨୯ତମ ସ୍ଥାନକୁ ଖସିଥିଲେ। ଫଳରେ ତାଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୟୁଏସ୍ ଓପନ୍‌ରେ ମଧ୍ୟ ତାଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଥିଲା। ୟୁଏସ୍ ଓପନ୍‌ରେ ସେ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ଓ ତାଙ୍କ ର୍ୟାଙ୍କିଙ୍ଗ୍‌କୁ ୧୧୦ରେ ପହଞ୍ଚାଇଥିଲେ। ତେବେ ଫ୍ରେଞ୍ଚ୍ ଓପନ ମୁଖ୍ୟ ଡ୍ରରେ ସାମିଲ ହେବା ପାଇଁ ଏହା ଯଥେଷ୍ଟ ନ ଥିଲା। ୨୦୧୬ରେ ମୁରେ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ। ଫ୍ରେଞ୍ଚ୍ ଓପନ୍‌ରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା।

୨୦୧୭ପରେପ୍ରତ୍ୟାବର୍ତ୍ତନକରିଥିବାପିରୋଙ୍କୋଭା ପୁତ୍ର ସନ୍ତାନର ମା' ହେବା ପରେ ୟୁଏସ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ଓ ଅଭିଜ୍ଞ ସେରେନା ୱିଲିୟମ୍ସଙ୍କଠାରୁ ପରାସ୍ତ ହୋଇଥିଲେ। ପିରୋଙ୍କୋଭା ୨୦୧୬ ଫ୍ରେଞ୍ଚ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ବୁଚାର୍ଡ ୨୦୧୪ ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲରେ ସେତେବେଳର ଚାମ୍ପିୟନ ମାରିଆ ସାରାପୋଭାଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ବର୍ଷ ସେ ମଧ୍ୟ ୱିମ୍ବେଲଡନ ଫାଇନାଲକୁ ଉଠିଥିଲେ।

# ଆରବର୍ଷକୁ ଘୁଞ୍ଚିଲା ଥୋମାସ, ଉବର କପ୍

**ନୂଆଦିଲ୍ଲୀ, ୧୫।୯ (ପି.ଟି.)**

ଡେନମାର୍କରେ ଆୟୋଜନ ହେବାକୁ ଥିବା ଥୋମାସ ଓ ଉବର କପ୍‌କୁ ଆସନ୍ତାବର୍ଷକୁ ଘୁଞ୍ଚାଇ ଦିଆଯାଇଛି। ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ମଙ୍ଗଳବାର ଏ ନେଇ ଘୋଷଣା କରିଛି। କୋଭିଡ୍-୧୯ ମହାମାରୀ କାରଣରୁ କେତୋଟି ଆଗଧାଡିର ଦଳ ଟୁର୍ନାମେଣ୍ଟରୁ ଓହରିଯିବା ଫଳରେ ବିଡବ୍ଲ୍ୟୁଏଫ୍ ଏହି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛି।

ଏହି ଟୁର୍ନାମେଣ୍ଟ ଅକ୍ଟୋବର ୩ରୁ ୧୧ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ଭାରତ ମଧ୍ୟ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ତା'ର ପୁରୁଷ ଓ ମହିଳା ଦଳ ଘୋଷଣା କରିଥିଲା। ତେବେ ଥାଇଲାଣ୍ଡ, ଅଷ୍ଟ୍ରେଲିଆ, ଚାଇନିଜ ତାଇପେଇ, ଅଲଜେରିଆ ସହ ଇଣ୍ଡୋନେସିଆ ଓ ଦକ୍ଷିଣ କୋରିଆ କୋଭିଡ୍-୧୯ ପାଇଁ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି।

# ଆଉ ୬ ରାଜ୍ୟରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ

**ନୂଆଦିଲ୍ଲୀ,୧୫।୯(ପି.ଟି.)**

**ପୂର୍ବରୁ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମ ସମେତ କର୍ଣ୍ଣାଟକ, କେରଳ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ନାଗାଲାଣ୍ଡ ନାମ ଘୋଷିତ ହୋଇଥିଲା**

ଯୁବ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଆଉ ୬ଟି ରାଜ୍ୟରେ ଖେଲୋ ଇଣ୍ଡିଆ ସେଣ୍ଟର ଅଫ୍ ଏକ୍ସିଲେନ୍ସ (କେଆଇଏସ୍‌ସିଇ) ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମକୁ ଏଥିରେ ସାମିଲ କରାଯାଇଥିଲା।

ଏବେ ଆସାମ, ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ ଓ ଡ୍ୟୁ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ମେଘାଳୟ ଓ ସିକିମକୁ ଏଥିରେ ସାମିଲ କରାଯାଇଛି। ଏହାପୂର୍ବରୁ ମନ୍ତ୍ରଣାଳୟ କର୍ଣ୍ଣାଟକ, ଓଡ଼ିଶା, କେରଳ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ନାଗାଲାଣ୍ଡରେ କେଆଇଏସ୍‌ସିଇ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲା। ପୁଣି ଖେଲୋ ଇଣ୍ଡିଆର ଯେଉଁ ସେଣ୍ଟରଗୁଡିକ ପୂର୍ବରୁ ରହିଛି ସେଗୁଡିକୁ ପୁନର୍ଗଠନ କରିଯିବା ଓ ସେଗୁଡିକୁ କେଆଇଏସ୍‌ସିଇରେ ପରିଣତ କରାଯିବ ବୋଲି କୁହାଯାଇଛି। ଟ୍ରେନିଂ ଓ ଭିତ୍ତିଭୂମିର ସୁବିଧା ସୁଯୋଗ ଓ ପୂର୍ବରୁ ଚାମ୍ପିୟନ ଖେଳାଳି ସୃଷ୍ଟି କରାଯିବାର ରେକର୍ଡକୁ ଦୃଷ୍ଟିରେ ରଖି ବିଭିନ୍ନ ସେଣ୍ଟରକୁ ଏଥିପାଇଁ ଶର୍ଟ ଲିଷ୍ଟ କରାଯାଇଥିଲା। ଏହି ସେଣ୍ଟରଗୁଡିକୁ କ୍ରୀଡ଼ା ସରଞ୍ଜାମ, ଅଭିଜ୍ଞ କୋଚ୍ ଓ ହାଇ ପରଫର୍ମାନ୍ସ ମ୍ୟାନେଜର ଯୋଗାଇ ଦିଆଯିବ ଓ ପ୍ରତି ସେଣ୍ଟରରେ ଅତିବେଶିରେ ୩ ଅଲିମ୍ପିକ୍ କ୍ରୀଡ଼ାକୁ ସାମିଲ କରାଯିବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

# ନେମାରଙ୍କୁ ପିଏସ୍‌ଜିର ସମର୍ଥନ

**ପ୍ୟାରିସ୍,୧୫।୯ (ଏପି)**

**ବର୍ଣ୍ଣବୈଷମ୍ୟ ଆକ୍ଷେପ ଘଟଣା**



ବ୍ରାଜିଲ ଫୁଟବଲ ସୁପରଷ୍ଟାର ତଥା ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ଷ୍ଟ୍ରାଇକର ନେମାର ମାର୍ସେଇଲ୍ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍ ଅବସରରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏହି ଘଟଣା ନେମାରଙ୍କୁ ତାଙ୍କ କ୍ଲବ ପିଏସ୍‌ଜି ଦୃଢ ସମର୍ଥନ କରିଛନ୍ତି। ନେମାର ପାର୍କ ଡେସ୍ ପ୍ରିନ୍‌ସେସ୍‌ରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଇଞ୍ଜୁରି ଟାଇମ୍‌ରେ ଉଭୟ ପକ୍ଷର ଖେଳାଳିମାନେ ହାତାହାତି ହୋଇଥିଲେ। ନେମାର ଆଲଭାରେ ଗୋଞ୍ଜାଲେଜଙ୍କ ମୁଣ୍ଡକୁ ମାରୁଥିବାର ଦେଖାଯାଇଥିଲା। ଏହାପରେ ନେମାରଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଥିଲା ବୋଲି ସେ ଅଭିଯୋଗ ଆଣିଥିଲେ। ତେବେ ସେ ଗୋଞ୍ଜାଲେଜଙ୍କ ମୁହଁକୁ ଘୁଥ ମାରି ନ ଥିଲେ ବୋଲି କହିଛନ୍ତି।

ଫ୍ରେଞ୍ଚ୍ ଲିଗ୍‌ର ମୁଖ୍ୟ ପ୍ରଶାସନିକ ସଂସ୍ଥା ଏଲ୍ଏଫ୍‌ପି (ଲିଗ୍ ଡି ଫୁଟବଲ ପ୍ରଫେସନାଲ) ଏ ସଂକ୍ରାନ୍ତରେ କି ପଦକ୍ଷେପ ନେଉଛି ତାହା ଉପରେ ପିଏସ୍‌ଜି ନଜର ରଖିଛି। ଏଲ୍ଏଫ୍‌ପି ମଧ୍ୟ ଏ ନେଇ ତଦନ୍ତ ଜାରି ରଖିଛି। ପିଏସ୍‌ଜିର ଲିଆନାର୍ଡୋ ପାରେଡେସ ଓ ଲେଭିନ୍ କୁରଜାୱା ଓ ମାର୍ସେଇଲ୍‌ର ଜୋର୍ଡାନ ଆମାଭି ଓ ଡାରିଓ ବେନେଡେଟୋଙ୍କ ସମେତ ୧୭ଜଣଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା। ଅନ୍ୟପଟେ ଗୋଞ୍ଜାଲେଜ କୌଣସି ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ନ ଥିଲେ ବୋଲି ମୋର୍ସେଇଲ୍ ତରଫରୁ ସୋମବାର କୁହାଯାଇଛି। ଏହି ବିବାଦର ଗୁରୁତ୍ୱ ରହିଛି ଓ ଏହାର ଫଳାଫଳ ମଧ୍ୟ ବେଶ୍ ଭୟଙ୍କର ହେବ ବୋଲି ମାର୍ସେଇଲ୍ ତରଫରୁ କୁହାଯାଇଛି। ଗୋଞ୍ଜାଲେଜଙ୍କୁ ନେଇ ବ୍ରାଜିଲ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଚାଲିଥିବା ନକାରାତ୍ମକ ପ୍ରଚାରକୁ କ୍ଲବ ତରଫରୁ ନିନ୍ଦା କରାଯାଇଛି। ଏହା ଦ୍ୱାରା ଗୋଞ୍ଜାଲେଜଙ୍କ ଉପରେ ମାନସିକ ଚାପ ସୃଷ୍ଟି ହେଉଛି। ଏପରିକି ତାଙ୍କୁ ହତ୍ୟା ଧମକ ମଧ୍ୟ ଦିଆଯାଇଛି ବୋଲି କୁହାଯାଇଛି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ